

ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ସୋମବାର ୧୪ ସେପ୍ଟେମ୍ବର ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 14 September 2026
Vol.No. 36 ■ No.242 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା
ସାଗରିକା
(ରଥ ସଂଖ୍ୟା)
ଡିଜିଟାଲ ଫର୍ମାଟରେ
ମଧ୍ୟ ଉପଲବ୍ଧ...
ପ୍ରାପ୍ତିସ୍ଥାନ: ନଲେଜ ସେଣ୍ଟର, ବସଷ୍ଟାଣ୍ଡ ସାମ୍ନା, ବାଲେଶ୍ୱର
website : sagarika.in.net


# ବ୍ରିକ୍ସ ସମ୍ମିଳନୀ ଉଦ୍‌ଯାପିତ: ସର୍ବସମ୍ମତ ନୂଆଦିଲ୍ଲୀ ଘୋଷଣାନାମା ଗୃହୀତ

ନୂଆଦିଲ୍ଲୀ,୧୩/୯ : ନୂଆଦିଲ୍ଲୀସ୍ଥିତ ପ୍ରସିଦ୍ଧ ଭାରତ ମଣ୍ଡପମ୍ ପରିସରରେ ଅନୁଷ୍ଠିତ ୧୮ତମ ବ୍ରିକ୍ସ ଶିଖର ସମ୍ମିଳନୀଆଜି ଐତିହାସିକ ସଫଳତା ସହ ଉଦ୍‌ଯାପିତ ହୋଇଯାଇଛି । ସମ୍ପ୍ରସାରିତ ଭୂ-ରାଜନୈତିକ ଗୋଷ୍ଠୀ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସାବ୍ୟସ୍ତ ହୋଇଥିବା ଏହି ଦୁଇଦିନିଆ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅଧ୍ୟକ୍ଷତା କରିଥିଲେ। ସୁଦୃଢ଼ତା, ସ୍ଥାୟୀତ୍ୱ ଏବଂ ସର୍ବସମାବେଶୀ ବିଶ୍ୱ ଅଭିବୃଦ୍ଧି ବିଷୟବସ୍ତୁ ଉପରେ ଆଧାରିତ ଏହି ସମ୍ମିଳନୀରେ ସର୍ବସମ୍ମତ ନୂଆଦିଲ୍ଲୀ ଘୋଷଣାନାମା ଗୃହୀତ ହେବା ଏକ ବିଶାଳ କୂଟନୈତିକ ଉପଲବ୍ଧି। ଏହି ମିଳିତ ଦଲିଲ ଆର୍ଥିକ ଏକତ୍ରୀକରଣ, ବହୁପାକ୍ଷିକ ଶାସନ ସଂସ୍କାର ଏବଂ ଯୋଗାଣ ଶୃଙ୍ଖଳା ସୁରକ୍ଷା ପାଇଁ ନୂତନ ରୂପରେଖ ନିର୍ଦ୍ଧାରଣ କରିଛି। ପଶ୍ଚିମ ଏସିଆର ଉତ୍ତେଜନା ସମ୍ପର୍କରେ ଏକ ସୂକ୍ଷ୍ମ ବୁଝାମଣା ମାଧ୍ୟମରେ ଜଟିଳ ଭୂ-ରାଜନୈତିକ ମତଭେଦକୁ ସଫଳତାର ସହ ସମାଧାନ କରାଯାଇପାରିଛି। ସମ୍ମିଳନୀର ଶେଷ ଦିବସ ମୁକ୍ତ ଅଧିବେଶନରେ ବିଶ୍ୱନେତାଙ୍କ ଏକ ଉଚ୍ଚସ୍ତରୀୟ ସମାବେଶ ଦେଖିବାକୁ ମିଳିଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ବ୍ରିକ୍ସର ମୁଖ୍ୟ ରାଷ୍ଟ୍ରମୁଖ୍ୟମାନେ ଯୋଗଦେଇଥିଲେ, ଯେଉଁଥିରେ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ, ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ, ଇରାନ ରାଷ୍ଟ୍ରପତି ମସୁଦ ପେଜେସ୍କିଆନ୍, ଦକ୍ଷିଣ ଆଫ୍ରିକା ରାଷ୍ଟ୍ରପତି ସିରିଲ୍ ରାମାଫୋସା, ଇଜିପ୍ଟ ରାଷ୍ଟ୍ରପତି ଅବଦେଲ ଫତାହ ଅଲ୍-ସିସି, ଇଥିଓପିଆ ପ୍ରଧାନମନ୍ତ୍ରୀ ଆବି ଅହମ୍ମଦ ଅଲ୍ଲୀ ଏବଂ ଇଣ୍ଡୋନେସିଆ ରାଷ୍ଟ୍ରପତି ପ୍ରବୋୱୋ ସୁବିଆନ୍ତୋ ସାମିଲ ଥିଲେ। ବ୍ରାଜିଲର ପ୍ରତିନିଧିତ୍ୱ ବୈଦେଶିକ ମନ୍ତ୍ରୀ ମୌରୋ ଭିଏରା କରିଥିଲେ। ସମ୍ମିଳନୀରେ ମାଲେସିଆ ପ୍ରଧାନମନ୍ତ୍ରୀ ଅନୱର ଇବ୍ରାହିମ୍, ଫିଲିପାଇନ୍ସ ରାଷ୍ଟ୍ରପତି ଫର୍ଦିନାଣ୍ଡ ଆର. ମାର୍କୋସ ଜୁନିୟର, କାଜାଖସ୍ତାନ ରାଷ୍ଟ୍ରପତି କାସିମ୍-ଜୋମାର୍ଟ ଟୋକାୟେଭ୍ ଏବଂ ବୁରୁଣ୍ଡି ରାଷ୍ଟ୍ରପତି ଏଭାରିଷ୍ଟ ନଦାୟିସିମିୟେଙ୍କ ସମେତ ପ୍ରମୁଖ ସହଯୋଗୀ ଦେଶର ନେତାମାନଙ୍କୁ ସ୍ୱାଗତ କରାଯାଇଥିଲା। ଉଚ୍ଚସ୍ତରୀୟ ପ୍ରତିନିଧିମଣ୍ଡଳୀ ମଧ୍ୟରେ ନାଇଜେରିଆ ଉପରାଷ୍ଟ୍ରପତି କାସିମ୍ ସେଟ୍ଟିମା, ଉଗାଣ୍ଡା ଉପରାଷ୍ଟ୍ରପତି ଜେସିକା ଅଲୁପୋ ଏବଂ ସାଉଦି ଆରବ ବୈଦେଶିକ ମନ୍ତ୍ରୀ ଶେହଜାଦା ଫୈଜଲ ବିନ୍ ଫରହାନ ଅଲ୍ ସାଉଦଙ୍କ ସହ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ ଉପସ୍ଥିତ ଥିଲେ। ଶେଷ ଗ୍ରୁପ୍ ଫଟୋ ପୂର୍ବରୁ ସମାବେଶକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ମୋଦୀ ଗ୍ଲୋବାଲ୍ ସାଉଥ୍ ପାଇଁ 'ପିରାମିଡ୍ ଅଫ୍ ପ୍ରିଭିଲେଜ୍' (ବିଶେଷାଧିକାରର ପିରାମିଡ୍)କୁ ଭାଗୀଦାରୀର ମଞ୍ଚରେ ପରିଣତ କରିବାକୁ ଅନ୍ତର୍ଜାତୀୟ ସମୁଦାୟକୁ ଆହ୍ୱାନ ଜଣାଇଥିଲେ। ଏହାସହ ବୈଷୟିକ ଜ୍ଞାନକୌଶଳ ଏବଂ ସଙ୍କଟଜନକ ଖଣିଜ ପଦାର୍ଥର ଅସ୍ତ୍ରୀକରଣ ବିରୋଧରେ ସେ ଚେତାବନୀ ଦେଇଥିଲେ। ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ ଗମ୍ଭୀର ବିଶ୍ୱସ୍ତରୀୟ ପ୍ରତିକୂଳ ପରିସ୍ଥିତି ମଧ୍ୟରେ ଏକ ମିଳିତ ସହମତି ସୃଷ୍ଟି କରିବାର କୂଟନୈତିକ ସଫଳତାକୁ ପ୍ରଶଂସା କରିଥିଲେ।

## ଆଜି ଅଗ୍ରପୂଜ୍ୟଙ୍କ ପୂଜା: ଉତ୍ସବମୁଖର ଗାଁଠୁ ସହର



ବାଲେଶ୍ୱର, ୧୨/୯ (ନି.ପ୍ର): ଆସନ୍ତାକାଲି ପବିତ୍ର ଗଣେଶ ଚତୁର୍ଥୀ। ଧରାପୃଷ୍ଠକୁ ଓହ୍ଲାଇବେ ବିଘ୍ନହର୍ତ୍ତା, ସିଦ୍ଧିଦାତା ପ୍ରଭୁ ଶ୍ରୀଗଜାନନ। ବାପ୍ପାଙ୍କ ଆଗମନକୁ ନେଇ ଗାଁଠୁ ସହର ସବୁଠି ଉତ୍ସବମୁଖର ପରିବେଶ। ଶେଷ ପର୍ଯ୍ୟାୟରେ ପହଞ୍ଚିଛି ପୂଜା ମଣ୍ଡପର ସାଜସଜ୍ଜା, ମୂର୍ତ୍ତି କାରିଗର ଦେଉଛନ୍ତି ଶେଷ ସ୍ପର୍ଶ। ଏପଟେ ବଜାରରେ ଉଛୁଳୁଛି ଗ୍ରାହକଙ୍କ ଭିଡ଼। ରାତି ପାହିଲେ ସିଦ୍ଧିଦାତା ଗଜାନନଙ୍କ ପୂଜା। ରାଜ୍ୟର ପୁରପଲ୍ଲୀରୁ ସହର ପର୍ଯ୍ୟନ୍ତ ଏବେ ଗଣପତି ବାପ୍ପାଙ୍କ ଆଗମନକୁ ନେଇ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ। ପୂଜାକୁ ନେଇଁ ଚଳଚଞ୍ଚଳ ଗାଁଠୁ ସହର। ସହରରେ ଥିବା ପ୍ରମୁଖ ପୂଜା ମଣ୍ଡପ ଗୁଡିକରେ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ବଜାରରେ ଚାଲିଛି ତୋରଣ ନିର୍ମାଣ । ସବୁଆଡେ ସାଜସଜ୍ଜା । କୁମ୍ଭାରଶାଳରେ ଶେଷ ତୂଳୀର ସ୍ପର୍ଶ ପାଇ ଗଜାନନ ଏବେ ମଣ୍ଡପ ମୁହାଁ। କେଉଁଠି ମୟୂର ସିଂହାସନରେ ବିରାଜମାନ, ତ କେଉଁଠି ମୁଷିକ ଉପରେ ଚଢ଼ି ଭକ୍ତଙ୍କୁ ଆଶୀର୍ବାଦ ବାଣ୍ଟିବାକୁ ପ୍ରସ୍ତୁତ ବିଘ୍ନହର୍ତ୍ତା। ମାଟିର ମୂର୍ତ୍ତିରେ ପ୍ରାଣ ଫୁଙ୍କି ଦେଇଛନ୍ତି ନିପୁଣ କାରିଗର । ପାରମ୍ପରିକ ମୂର୍ତ୍ତି ସାଙ୍ଗକୁ ଏଥର ପରିବେଶ ଅନୁକୂଳ

◆◆ପୃଷ୍ଠା ୭

# ୨୦୨୯ ସୁଦ୍ଧା ଏନ୍‌ଡିଏ ନେତୃତ୍ୱାଧୀନ ୨୧ ରାଜ୍ୟରେ ୟୁସିସି ଲାଗୁ ହେବ : ଅମିତ ଶାହ

ନୂଆଦିଲ୍ଲୀ,୧୩/୯ : ୨୦୨୯ ଲୋକସଭା ନିର୍ବାଚନ ପୂର୍ବରୁ ଏନ୍‌ଡିଏ ନେତୃତ୍ୱାଧୀନ ୨୧ ରାଜ୍ୟରେ ସମାନ ନାଗରିକ ସଂହିତା ଲାଗୁ ହେବ ବୋଲି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ରବିବାର ଘୋଷଣା କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ଅବସରରେ ଆରମ୍ଭ ହେବାକୁ ଥିବା ୩୦ ଦିନିଆ 'ସେବା ସଂକଳ୍ପ ଅଭିଯାନ' ର ଯୋଜନା ବିଷୟରେ ସୂଚନା ଦେବା ବେଳେ ଗୃହମନ୍ତ୍ରୀ ଏହି ବଡ଼ ପ୍ରତିଶ୍ରୁତି ଦେଇଛନ୍ତି ।



ମୁମ୍ବାଇଠାରେ ସମ୍ବାଦଦାତା ସମ୍ମିଳନୀକୁ ସମ୍ବୋଧନ କରି ଶାହ କହିଛନ୍ତି ଯେ, କେତେକ ରାଜ୍ୟରେ ୟୁସିସି ଲାଗୁ ହୋଇସାରିଛି । ୨୦୨୯ ନିର୍ବାଚନ ପୂର୍ବରୁ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ଶାସିତ ୨୧ଟି ଯାକ ରାଜ୍ୟରେ ୟୁସିସି କାର୍ଯ୍ୟକାରୀ ହେବ ବୋଲି ସେ ଦୃଢ଼ ବିଶ୍ୱାସ ପ୍ରକାଶ କରିଛନ୍ତି ।

◆◆ପୃଷ୍ଠା ୭

## ଚିନି ପରେ ମହଙ୍ଗା ଚାଉଳ: କିଲୋପ୍ରତି ୨ଟଙ୍କା, ଡାଲି କିଲୋ ପ୍ରତି ୧୦ରୁ ୧୫ ଟଙ୍କା ବୃଦ୍ଧି





ଭୁବନେଶ୍ୱର, ୧୩/୯ (ନି.ପ୍ର): ପାର୍ବଣ ଋତୁରେ ଉତ୍ସବର ଖୁସି ଆସିବା ପୂର୍ବରୁ ସାଧାରଣ ଖାଉଟିଙ୍କ ଉପରେ ପଡ଼ିଛି ମହଙ୍ଗା ମାଡ଼। ପୂଜା ବଜାରରେ ଏବେ ହୁ ହୁ ହୋଇ ବଢ଼ୁଛି ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀର ଦରଦାମ୍। ଚିନି ପରେ ଚାଉଳ, ତେଲ, ଲୁଣ, ଡାଲିଠାରୁ ଆରମ୍ଭ କରି ପିଆଜ, ପନି ପରିବା ସବୁଥିରେ ଲାଗିଛି ନିଆଁ। ପରିସ୍ଥିତି ଏଭଳି ହୋଇଛି ଯେ ବଜାରକୁ ଆସିଲେ ଖାଉଟିଙ୍କ ପକେଟ୍ ଖାଲି ହୋଇଯାଉଛି, ଆଉ ଘରେ ବିଗିଡ଼ି ଯାଉଛି ହାଣ୍ଡିଶାଳର ବଜେଟ୍। ପାର୍ବଣ ପୂର୍ବରୁ ସାଧାରଣ ଜନତାଙ୍କ ଅଣ୍ଟା ଭାଙ୍ଗିଲାଣି ଦରଦାମ୍ ବୃଦ୍ଧି । ଉତ୍ସବର ଖୁସି ସାଉଁଟିବା ପରିବର୍ତ୍ତେ ଏବେ ଦର ବୃଦ୍ଧିର ଚିନ୍ତା ବେଶୀ ବାଧୁଛି । ପୂଜା ପୂର୍ବରୁ ବଜାରରେ ବୁଟ ଡାଲିଠାରୁ ଆରମ୍ଭ କରି ହରଡ଼ ଡାଲି ଏବଂ ଅରୁଆ-ଉଷୁନା ଚାଉଳ ସବୁକିଛି ମହଙ୍ଗା। କିଛି ଦିନ ତଳେ ୮୦ ଟଙ୍କା ଥିବା ବୁଟ ଡାଲି ଏବେ ୮୫ ଟଙ୍କାରେ

◆◆ପୃଷ୍ଠା ୭

## ଦିନକ ପରେ ନୂଆଁଖାଇ: ସଜେଇ ହୋଇଛି ଦକ୍ଷିଣ ଓଡ଼ିଶା

ଭୁବନେଶ୍ୱର, ୧୩/୯ (ନି.ପ୍ର): ଦିନକ ପରେ ପଶ୍ଚିମ ଓଡ଼ିଶାବାସୀ ଧୁମ୍‌ଧାମ୍‌ରେ ପାଳିବେ ନୂଆଁଖାଇ। କୃଷିଭିତ୍ତିକ ଏହି ଗଣପର୍ବ ପାଇଁ ଘରେ ଘରେ ଚାଲିଛି ବ୍ୟାପକ ପ୍ରସ୍ତୁତି। ଲୋକମାନେ ବିଭିନ୍ନ ସାମଗ୍ରୀ କିଣାକିଣିରେ ଲାଗିପଡ଼ିଛନ୍ତି। ମଙ୍ଗଳବାର ଇଷ୍ଟଦେବୀଙ୍କ ପାଖରେ ନବାନ୍ନ ଲାଗି ପରେ ଏକାଠି ବସି ସପରିବାର ଖାଇବେ। ନୂଆଁଖାଇ ପାଇଁ ପୂରା ପଶ୍ଚିମ ଓଡ଼ିଶାରେ ଚାଲିଛି ସଜବାଜ। ନୂଆଁଖାଇ ଯେତିକି ପାଖେଇ ଆସୁଛି, କିଣାବିକା ବି ସେତିକି ଜମୁଛି। ସମ୍ବଲପୁରରୁ ବଲାଙ୍ଗୀର, ବରଗଡ଼ରୁ କଳାହାଣ୍ଡି ସବୁଠି ନାହିଁ ନଥିବା ଉତ୍ସାହ। ସମଲେଶ୍ୱରୀ ମନ୍ଦିରର ପାର୍ଶ୍ୱ ଦେବାଦେବୀଙ୍କ ସିନ୍ଦୂର ମାର୍ଜନା ସରିଛି। ଆଜି ମାଆଙ୍କ ଅଳଙ୍କାର ସଫା କରାଯାଇଛି।

# ୟୁଏଇରୁ ଫେରିଲେ ମୁଖ୍ୟମନ୍ତ୍ରୀ: ଓଡ଼ିଶାକୁ ଆସିବ ୨.୪୩ ଲକ୍ଷ କୋଟିର ନିବେଶ, ସୃଷ୍ଟି ହେବ ୯ ଲକ୍ଷ ନିଯୁକ୍ତି

ଭୁବନେଶ୍ୱର, ୧୩/୯ (ନି.ପ୍ର): ରାଜ୍ୟର ଯୁବପିଢ଼ିଙ୍କ ଭବିଷ୍ୟତକୁ ଉଜ୍ଜ୍ୱଳ କରିବା ପାଇଁ ଆମ ସରକାର ନିଜର ସର୍ବାଧିକ ସାମର୍ଥ୍ୟର ଉପଯୋଗ କରୁଛନ୍ତି ବୋଲି ଟଇର ଗସ୍ତରୁ ଫେରିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଭୁବନେଶ୍ୱର ବିମାନବନ୍ଦରରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଦେଇଥିବା ବିବୃତିରେ କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟର ପୁଅ-ଝିଅ ପାଠପଢ଼ା ସାରିବା ପରେ ଯେପରି ନିଜ ମାଟିରେ ହିଁ ସମ୍ମାନଜନକ




ନିଯୁକ୍ତି ପାଇପାରିବେ, ତାହା ଆମ ସରକାରଙ୍କ ମୂଳ ଲକ୍ଷ୍ୟ। ଏଥିପାଇଁ ଆରମ୍ଭରୁ ହିଁ ଶିକ୍ଷାୟନ ଅଭିଯାନକୁ ବ୍ୟାପକ କରାଯାଇଛି। ଏହି ଟଇର ଗସ୍ତ, ଗତ ଦୁଇ ବର୍ଷ ଧରି ସରକାରଙ୍କ ଶିକ୍ଷାୟନ ଅଭିଯାନର ଆଉ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିଛି । ୨୦୨୫ ଜାନୁୟାରୀରେ ଭୁବନେଶ୍ୱରରେ ଅନୁଷ୍ଠିତ 'ଉତ୍କର୍ଷ ଓଡ଼ିଶା – ମେକ ଇନ ଓଡ଼ିଶା କନକ୍ଲେଭ' ପରେ ଦିଲ୍ଲୀ, ମୁମ୍ବାଇ,

◆◆ପୃଷ୍ଠା ୭

## ଓରାଂଉଟାନ୍ ଚାଲାଣ ମାମଲାରେ ଏସଟିଏଫର ତନାଘନା: ହାଓ୍ୱଡ଼ାରେ ଫେରାର ବାପା-ପୁଅଙ୍କୁ ଖୋଜୁଛି ଟିମ୍




ଭୁବନେଶ୍ୱର, ୧୩/୯ (ନି.ପ୍ର): ଓରାଂଉଟାନ ଚାଲାଣ, ହାଓ୍ୱଡ଼ାରେ ତନାଘନା । ହୋଟେଲ ମାଲିକଙ୍କ ପରିବାର ଲୋକଙ୍କୁ ଜେରା । ଧରାପକାଇଲା ସିସିଟିଭି ଫୁଟେଜ୍ ଓ ଥାର୍ ଗାଡ଼ି । ଓରାଂଉଟାନ୍ ଚୋରା ଚାଲାଣ ମାମଲାରେ ସମ୍ପୃକ୍ତ ଦୁଇ ଅଭିଯୁକ୍ତ ହାଓ୍ୱଡ଼ାର ଜୟନ୍ତ ମାଇତି ଓ ପୁଅ ସୌମ୍ୟଜିତ୍ ମାଇତି ଫେରାର ଅଛନ୍ତି। ସେମାନଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି ଏସଟିଏଫ୍। ସିସିଟିଭି ଫୁଟେଜ ଓ ସନ୍ଦେହରେ ଥିବା ଥାର ଗାଡ଼ିର ତଥ୍ୟକୁ ଆଧାର କରି ତନାଘନା ଚଳାଇଛନ୍ତି। ଦୁଇ ଜଣଙ୍କ ପତ୍ତା ମିଳୁନଥିବାବେଳେ ଏସଟିଏଫ ଟିମ୍ ଅଭିଯୁକ୍ତଙ୍କ ହାଓ୍ୱଡ଼ା ସ୍ଥିତ ଘରେ ପହଞ୍ଚି ଯାଂଚ କରିଛନ୍ତି। ପରିବାର ଲୋକଙ୍କୁ ପଚରାଉଚୁରା କରିଛି। ଏହା ଭିତରେ ସାମନାକୁ ଆସିଛି ଥାର ଗାଡ଼ିର ତଥ୍ୟ। ଗାଡ଼ିର ନମ୍ବର - ***WB56T-0333***। ଏହି ଥର ଗାଡ଼ିର ସେକେଣ୍ଡ ମାଲିକ ହେଉଛନ୍ତି ମୁଖ୍ୟ ଅଭିଯୁକ୍ତ ଗ୍ରାଣ୍ଡ ହେରିଟେଜ ହୋଟେଲ ମାଲିକ ଜୟନ୍ତ ମାଇତି । ଅନ୍ୟପଟେ ଦୀଘାର ସେହି ସନ୍ଦେହଜନକ ହୋଟେଲରୁ ଏସଟିଏଫକୁ ବଡ଼ ସୂରାକ ମିଳିଛି। ହୋଟେଲ କର୍ମଚାରୀଙ୍କୁ ପଚରାଉଚୁରା କରିବା ସହ ସିସିଟିଭିର ହାର୍ଡଡିସ୍କ ନେଇଛି ଏସଟିଏଫ। ଓରାଙ୍ଗଉଟାନ ପଛରେ କାରାଣ କଣ ସେ ସବୁ ସେହି ହାର୍ଡ଼ଡିସ୍କରୁ ତଥ୍ୟ ମିଳିପାରେ ବୋଲି ଅନୁମାନ କରାଯାଉଛି। ଏପଟେ ପାଞ୍ଚ ଓରାଙ୍ଗଉଟାନଙ୍କ ଉଦ୍ଧାର ସହ ଥାରର କଣ ସମ୍ପର୍କ ରହିଛି ? ଏସବୁର ଉତ୍ତର ଖୋଜୁଛି ଏସଟିଏଫ। ସେପଟେ ନନ୍ଦନକାନନରେ ପାଞ୍ଚ ଓରାଙ୍ଗଉଟାନଙ୍କ ଯତ୍ନ ନିଆଯାଉଛି । ବିଶେଷଜ୍ଞଙ୍କ କହିବା କଥା ଓରାଙ୍ଗଉଟାନ ଛୁଆ ସାଧାରଣତଃ ଦୀର୍ଘ ବର୍ଷ ଧରି ମାଆ ସହ ରହିଥାଏ।ତେଣୁ ମାଆଠାରୁ ଅଲଗା ହୋଇଥିବା ଏହି କଅଁଳ ଜୀବଙ୍କୁ ମାଆ ଭଳି ଯତ୍ନ ନେବା ଏବେ ସବୁଠୁ ବଡ଼ ଚ୍ୟାଲେଞ୍ଜ। ଖାଦ୍ୟ ସହ ଚିକିତ୍ସା, ମାନସିକ ଚାପ କମାଇବା ଉପରେ ରହିଛି ନଜର। ପ୍ରଥମ ସ୍ୱାସ୍ଥ୍ୟ ପରୀକ୍ଷା ବେଳେ ଓରାଙ୍ଗଉଟାନଙ୍କ ଠାରେ ଷ୍ଟ୍ରେସ୍‌ର ଲକ୍ଷଣ ମିଳିଥିଲା। ତେଣୁ ନମୁନା ସଂଗ୍ରହ କରାଯାଇନଥିଲା।

◆◆ପୃଷ୍ଠା ୭

## ନ୍ୟୁୟର୍କରେ ଟ୍ରମ୍ପଙ୍କୁ ଭେଟିବେ ପାକ୍ ପ୍ରଧାନମନ୍ତ୍ରୀ ସରିଫ୍: ହେବ ହାଇ-ପ୍ରୋଫାଇଲ୍ ମିଟିଂ

ନୂଆଦିଲ୍ଲୀ,୧୩/୯ : ଜାତିସଂଘ ବାର୍ଷିକ ଅଧିବେଶନ ଅବସରରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ସରିଫ୍ ସେପ୍ଟେମ୍ବର ୨୩ରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି । ଜାତିସଂଘ ମହାସଭା ଅଧିବେଶନ ପାଇଁ ବିଶ୍ୱର ବିଭିନ୍ନ ଦେଶର ନେତାମାନେ ନ୍ୟୁୟର୍କରେ ଏକାଠି ହେବାକୁ ଥିବା ବେଳେ ସରିଫ୍ ଆମେରିକା ରାଷ୍ଟ୍ରପତିଙ୍କ ସହ ଆଲୋଚନା କରିପାରନ୍ତି। ରବିବାର ଉଚ୍ଚସ୍ତରୀୟ ସୂତ୍ରରୁ ଏହି ସୂଚନା ମିଳିଛି । ସେପ୍ଟେମ୍ବର ୨୩ ସନ୍ଧ୍ୟାରେ ଟ୍ରମ୍ପ ଓ



ପ୍ରଥମ ମହିଳା ମେଲାନିଆ ଟ୍ରମ୍ପ ବିଶ୍ୱର ବିଭିନ୍ନ ରାଷ୍ଟ୍ରମୁଖ୍ୟଙ୍କ ପାଇଁ ଏକ ସ୍ୱାଗତ ରାତ୍ରୀଭୋଜନର ଆୟୋଜନ କରିଛନ୍ତି, ଯେଉଁଥିପାଇଁ ସରିଫଙ୍କୁ ଆନୁଷ୍ଠାନିକ ନିମନ୍ତ୍ରଣ ପଠାଯାଇଛି। ଏହି ହାଇ-ପ୍ରୋଫାଇଲ୍ ରାତ୍ରୀଭୋଜନ ମ୍ୟାଡିସନ୍ ଆଭେନ୍ୟୁସ୍ଥିତ 'ଲୋଟେ ନ୍ୟୁୟର୍କ ପ୍ୟାଲେସ୍' ହୋଟେଲରେ ଅନୁଷ୍ଠିତ ହେବ, ଯେଉଁଥିରେ ଅନେକ ବିଶ୍ୱ ନେତା ଯୋଗଦେବେ। ଏହି କାର୍ଯ୍ୟକ୍ରମରେ ସରିଫ୍‌ଙ୍କୁ ଅନ୍ୟ ଦେଶର ମୁଖ୍ୟମାନଙ୍କୁ ମଧ୍ୟ ଭେଟିବାର ସୁଯୋଗ ମିଳିବ । ସୂଚନାଯୋଗ୍ୟ ଯେ, ଚଳିତ ବର୍ଷ ଫେବ୍ରୁଆରିରେ ଶାନ୍ତି ବୋର୍ଡ ବୈଠକ ସମୟରେ ସରିଫ୍ ଶେଷଥର ପାଇଁ ଟ୍ରମ୍ପଙ୍କୁ ଭେଟିଥିଲେ । ଏହାପୂର୍ବରୁ ୨୦୨୫ ସେପ୍ଟେମ୍ବରରେ ହ୍ୱାଇଟ୍ ହାଉସରେ ଏବଂ ସେହି ବର୍ଷ ଅକ୍ଟୋବରରେ ଇଜିପ୍ଟର ଶାର୍ମ ଏଲ୍-ଶେଖ ଶାନ୍ତି ସମ୍ମିଳନୀରେ ଦୁଇ ନେତାଙ୍କ ମଧ୍ୟରେ ସାକ୍ଷାତ ହୋଇଥିଲା ।

## ଗଞ୍ଜାମରେ ଗୁଳିକାଣ୍ଡ

ଗଞ୍ଜାମ, ୧୩/୯ (ନି.ପ୍ର): ଗଞ୍ଜାମ ଜିଲ୍ଲା ବଡ଼ଗଡ଼ ଥାନା ସରବାଡ଼ି ଗାଁରେ ଗୁଳିକାଣ୍ଡକୁ ନେଇ ଚାଞ୍ଚଲ୍ୟ। ଶନିବାର ରାତି ପ୍ରାୟ ସାଢ଼େ ୯ଟା ସମୟରେ ସରବାଡ଼ି ଗାଁର ଜୟସେନ ପ୍ରଧାନଙ୍କୁ ଅତି ନିକଟରୁ ଗୁଳିମାଡ଼ କରାଯାଇଛି। ଜୟସେନଙ୍କ ପେଟ ଓ ଅଣ୍ଟାରେ ଗୁଳି ବାଜିଥିବା ବେଳେ ତାଙ୍କୁ ପ୍ରଥମେ ଆସିକା ଏବଂ ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସେଠାରେ ତାଙ୍କର ଚିକିତ୍ସା ଜାରି ରହିଛି। ଘଟଣା ସମ୍ପର୍କରେ ଖବର ପାଇବା ପରେ ଆସିକା ଏସ୍‌ଡିପିଓ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ କରିଛନ୍ତି।

# ବୀରହରେକୃଷ୍ଣପୁରରେ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳିତ

ପୁରୀ,୧୩/୦୯ (ନି.ପ୍ର): ବିପର୍ଯ୍ୟୟ ପରିଚାଳନା ସମୟରେ ପ୍ରଥମେ ନିଜେ ବଂଚିବାକୁ ଚେଷ୍ଟା କରିବେ । ପରେ ଅନ୍ୟ ଯେଉଁମାନେ ବିପଦରେ ଥିବେ ତାଙ୍କୁ ମଧ ବଂଚାଇବାକୁ ଚେଷ୍ଟା କରିବା ଉଚିତ୍ । ସେପ୍ଟେମ୍ବର ଦ୍ୱିତୀୟ ଶନିବାର ୱାର୍ଲଡ ଫାଷ୍ଟ ଏଡ୍ ଡେ। ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ଅବସରରେ ପୁରୀ ମହାନଗର ଅଧୀନ ବୀର ହରେକୃଷ୍ଣପୁର ନୋଡାଲ ଉଚ୍ଚ ବିଦ୍ୟାଳୟରେ ସମସ୍ତ ଛାତ୍ର ଛାତ୍ରୀଙ୍କୁ ପ୍ରାଥମିକ ଚିକିତ୍ସା ଉପରେ ମିଶନ ଓଡ଼ିଶା ଆମ୍ବୁଲାନ୍ସ ଡିଭିଜନ ପକ୍ଷରୁ ତାଲିମ ଦିଆଯାଇଥିଲା। ବର୍ଷା ଦିନରେ ସାପ ଆତଙ୍କ ଗାଁ ଗହଳିରେ ସାପ କାମୁଡିବା ବିଶେଷ ଭାବରେ ଦେଖିବାକୁ ମିଳିଥାଏ । ସେହି ସମୟରେ ସାପ କାମୁଡି ଥିବା ଲୋକଙ୍କୁ ରକ୍ଷା କରିବା ଉଚିତ । ସାମାନ୍ୟ ପ୍ରାଥମିକ ଚିକିତ୍ସା ପରେ ତୁରନ୍ତ ଡାକ୍ତରଖାନାକୁ ନେଇ ସାପ କାମୁଡା ଇଞ୍ଜେକସନ ନେବା ସଠିକ ଚିକିତ୍ସା ଯୋଗାଇଦେବା ଆମର କର୍ତବ୍ୟ । କୁକୁର କାମୁଡ଼ା, ବିଛା କାମୁଡା ସମୟରେ କିଭଳି ପ୍ରାଥମିକ ଚିକିତ୍ସା ଯୋଗାଇଦିଆଯିବ ସେ ସମ୍ପର୍କରେ ତାଲିମ ଦିଆଯାଥିଲା । ଖଣ୍ଡିଆ ଖାବରା ହେଲେ ତୁରନ୍ତ ପ୍ରାଥମିକ ଚିକିତ୍ସା ଯୋଗାଇ ଦିଆଯିବା ଉଚିତ । କେଉଁଠି ଯଦି କୋଠା ଭୁଷୁଡି ପଡିଲା, କେଉଁ ଯାଗାରେ ନିଆଁ ଲାଗିଛି ସେଠାରେ ଆହତ ହୋଇଥିବା ଲୋକଙ୍କୁ କିଭଳି ସି.ଟି.ଆର., ଆମ୍ବୁଲାନ୍ସକୁ ପଠାଯିବ ତା' ଉପରେ ପ୍ରାଥମିକ ଚିକିତ୍ସା ଯୋଗାଇ ଦିଆଯିବ ସେ ସମ୍ପର୍କରେ ତାଲିମ ଦିଆଯାଇଥିଲା । ତାହା ଉପରେ ବିଶେଷ ତାଲିମ ସେଣ୍ଟଜୋନ ଆମ୍ବୁଲାନ୍ସର ମାଷ୍ଟର ଟ୍ରେନର ଭିକାରୀ ଚରଣ ସାହୁ ଭୁବନେଶ୍ୱରରୁ ଆସି ଛାତ୍ର ଛାତ୍ରୀଙ୍କୁ ପ୍ରାକାଟିକାଲ ଭାବରେ ତାଲିମ ପ୍ରଦାନ କରିଥିଲେ। ଅନ୍ୟ ବିଶିଷ୍ଟ ଟ୍ରେନର ମଧୁମିତା ମହାପାତ୍ର, ଡାକ୍ତର ପବିତ୍ର କୁମାର୍ ପ୍ରଧାନ ଯୋଗଦାନ କରି ଛାତ୍ର ଛାତ୍ରୀ ମାନଙ୍କର ଉତମ ସ୍ୱାସ୍ଥ୍ୟ ସମ୍ପର୍କରେ ଅନେକ କଥା ପିଲା ମାନଙ୍କୁ ବୁଝାଇଦେଇଥିଲେ। ଏହି ଶିବିରରେ ସେଂଟ ଜୋନ୍ ଆମ୍ବୁଲାନ୍ସର ଯୁଗ୍ମ ସମ୍ପାଦକ ମଧୁସୂଦନ ମିଶ୍ର ଯୋଗଦାନ କରି ସେଂଟ ଜୋନ୍ ଚିକିତ୍ସା ବ୍ୟବସ୍ଥା ପ୍ରତି ଘରେ ପହଂଚାଇବା ତାହା ଉପରେ ଗୁରୁତ୍ୱ ଦିଆଯାଇ ହର ଘର ଫାଷ୍ଟଏଡ ପହଂଚିବା ଉପରେ ଗୁରୁତ୍ୱ ଦିଆଯିବ ବୋଲି କହିବା ସହ ଆଗାମୀ ଶୀତଦିନରେ ଦିନିକିଆ ତାଲିମ ଶିବିର କରାଯିବ ଓ ତା' ପରେ ତିନିଦିନିଆ ବ୍ରିଗେଡ ଟ୍ରେନିଂ ଶିବିର କରାଯିବ, ସ୍କୁଲରେ ବିଗ୍ରେଡ ବାହିନୀ ସୃଷ୍ଟି କରାଯିବ ବୋଲି ଶ୍ରୀ ମିଶ୍ର କହିଥିଲେ। ଛାତ୍ର ଛାତ୍ରୀ ମାନଙ୍କ ଟ୍ରେନିଂ ଦିଆଯିବ ପାଇଁ ଓଡିଶା ସେଂଟଜୋନ ଆମ୍ବୁଲାନ୍ସ ପକ୍ଷରୁ ନିଷ୍ପତି ନିଆଯାଇଛି ବୋଲି ସୂଚନା ଦେଇଥିଲେ। ଏହି ଶିବିରକୁ ସଫଳ କରାଇବାରେ ବୀରହରେକୃଷ୍ଣପୁର ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅରବିନ୍ଦ ଦାସ, ସ୍କୁଲ ମ୍ୟାନେଜମେଂଟ କମିଟିର ଚେୟାରମ୍ୟାନ ବିଜୟ ଦାସ, ବୀର ହରେକୃଷ୍ଣପୁରୁ ର ନୋମିନି ସଦସ୍ୟ ତଥା ମିଶନ ଓଡ଼ିଶା ଆମ୍ବୁଲାନ୍ସ ଡିଭିଜନର ଡିଭିଜିନାଲ କମାଣ୍ଡର ଅଜୟ କୁମାର ପ୍ରଧାନ, ଡିଫେନ୍ସ କ୍ଲବ ର ମୁଖ୍ୟ ଅଭିମନ୍ୟୁ ସ୍ୱାଇଁ, ଆମ୍ବୁଲାନ୍ସ ଅଫିସର ଅଜୟ କୁମାର ଦାସ ପ୍ରମୁଖ ଯୋଗଦାନ କରିଥିଲେ। ଏହି ଶିବିର ଆୟୋଜନରେ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ତ୍ରିପାଠୀ, ଲିଲି ବରାଳ, ବନଜା ମିଶ୍ର, ସ୍ମିତା ମିଶ୍ର ପ୍ରମୁଖ ସହଯୋଗ ଯୋଗାଇଥିଲେ। ବ୍ରିଗେଡ ଅମର ମହାପାତ୍ର, ଶାଶ୍ୱତ ମହାନ୍ତି, ବିଷ୍ଣୁ ପ୍ରଧାନ, ରମାକାନ୍ତ ଜେନା ପ୍ରମୁଖ ସହଯୋଗ ପ୍ରଦାନ କରିଥିଲେ। ଶେଷରେ ସ୍କୁଲ ପରିସରରେ ବଉଳ ଗଛ, ଡାଳିମ୍ବ ଗଛ ଓ ପଣସ ଗଛ ଲଗାଯାଇଥିଲା ।

# ଫୁଲବାଣୀରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ

କନ୍ଧମାଳ,୧୩/୦୯ (ନି.ପ୍ର): କନ୍ଧମାଳ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ଆନୁକୂଲ୍ୟରେ ଜିଲ୍ଲା କୋର୍ଟ ପରିସରରେ ଏବଂ ତାଲୁକ ସ୍ତରୀୟ ବିଚାର ବିଭାଗୀୟ କୋର୍ଟ ପରିସରରେ ଆଜି ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ-୨୦୨୬ ଅନୁଷ୍ଠିତ ହୋଇଯାଇଛି। ଏହି ଅଦାଲତରେ ପ୍ରାକ ମକଦ୍ଦମା ମାମଲାଗୁଡ଼ିକ ମଧ୍ୟରୁ ୪୭ଟି ଅର୍ଥ ଅସୁଲି ମାମଲାର ବିଚାର କରାଯାଇ ୨୬ ଲକ୍ଷ ୯୩ ହଜାର ୧୪୫ ଟଙ୍କା ଆଦାୟ କରାଯାଇଛି, ଏଥିସହ ୧୪୪୬ଟି ଟ୍ରାଫିକ ଚାଲାଣ ସମ୍ବନ୍ଧୀୟ ମାମଲା ବିଚାର କରାଯାଇ ୩୬ ଲକ୍ଷ ୮୦ ହଜାର ୭୫୩ଟଙ୍କା, ୨୧ଟି ବିଦ୍ୟୁତ ମାମଲା ବିଚାର କରାଯାଇ ୩ ଲକ୍ଷ ୩୪ ହଜାର ୩୪୨ ଟଙ୍କା, ୨୭ଟି ବି.ଏସ୍.ଏନ୍.ଏଲ୍. ମାମଲା ବିଚାର କରାଯାଇ ୨୭ ହଜାର ୫୯୭ ଟଙ୍କା ଆଦାୟ କରାଯାଇଛି ଏବଂ ୬ଟି ସ୍ଥାୟୀ ଲୋକ ଅଦାଲତର ଲୋକ ଉପଯୋଗୀ ସେବା ସମ୍ବନ୍ଧୀୟ ମାମଲାର ବିଚାର କରାଯାଇ ୩ ଲକ୍ଷ ୧୮ ହଜାର ୪୭୦ ଟଙ୍କା ଆଦାୟ କରାଯାଇଛି।

ସେହିପରି ଅଦାଲତରେ ବିଚାରଧିନ ମାମଲାଗୁଡ଼ିକ ମଧ୍ୟରୁ ୧୩ଟି ମୋଟରଯାନ ଦୁର୍ଘଟଣା ଜନିତ କ୍ଷତି ପୂରଣ ମାମଲାରେ ଏକ କୋଟି ୨୦ ଲକ୍ଷ ଟଙ୍କା ୭୦ ହଜାର ଟଙ୍କା, ୫ଟି ଏନ୍.ଆଇ. ଆକ୍ଟ ମାମଲାର ବିଚାର କରାଯାଇ ୧୭ ଲକ୍ଷ ୫୨ ହଜାର ୨୬୭ ଟଙ୍କା ଆଦାୟ କରାଯାଇଥିବାବେଳେ ତିନୋଟି ଅର୍ଥ ଅସୁଲି ମାମଲାର ବିଚାର କରାଯାଇ ୫ ଲକ୍ଷ ୪୧ ହଜାର ୧୯୪ ଟଙ୍କା ଆଦାୟ କରାଯାଇଛି। ଏତଦ୍‌ସହିତ ୧୯ ଗୋଟି ବୈବାହିକ ବିବାଦ ଫୈସଲାରେ ୧୧ ଲକ୍ଷ ୯୩ ହଜାର ୩୪୩ ଟଙ୍କା, ୧୦୧୪ ଗୋଟି ରାଜସ୍ୱ ମାମଲାରେ ୩୭ ହଜାର ୨୫୧ ଟଙ୍କା ଆଦାୟ କରାଯାଇଛି, ୬ଟି ଫୌଜଦାରୀ ସାଲିସ ଯୋଗ୍ୟ, ୧୦ଟି ଦେୱାନୀ ମାମଲା ଏବଂ ୩୬ଟି ଫୌଜଦାରୀ ମାମଲା ବିଚାର କରାଯାଇଛି ଏବଂ ୧୧ଟି ଖାଉଟି ବିବାଦ ସମ୍ବନ୍ଧୀୟ ମାମଲା ବିଚାର କରାଯାଇ ୮ ଲକ୍ଷ ୫୨ ହଜାର ଟଙ୍କା ଆଦାୟ କରାଯାଇଛି। ଆଜିର ଏହି ଲୋକ ଅଦାଲତରେ ପ୍ରାକ୍ ମକଦ୍ଦମା ମାମଲାଗୁଡ଼ିକ ମଧ୍ୟରୁ ୧୫୫୮ଟି ଓ ଅଦାଲତରେ ବିଚାରାଧିନ ମାମଲାଗୁଡ଼ିକ ମଧ୍ୟରୁ ୧୧୦୬ଟି ମାମଲା ଫୈସଲା କରାଯାଇଛି। ମାନନୀୟ ଜିଲ୍ଲା ଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧକ୍ଷ ରାମ ଶଙ୍କର ହୋତା, ପରିବାର ଅଦାଲତ ବିଚାରପତି ଶ୍ରୀମତୀ ରୂପଶ୍ରୀ ଚୌଧୁରୀ, ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍, ଫୁଲବାଣୀ, ପ୍ରୀତିଶ କୁମାର ରାଉତରାୟ, ସ୍ଥାୟୀ ଲୋକ ଅଦାଲତ ଅଧକ୍ଷ ଦୋଳଗୋବିନ୍ଦ ବାରିକ, ମୁଖ୍ୟ ବିଚାର ବିଭାଗୀୟ ବିଚାରପତି ଶ୍ରୀମତୀ ବନାଳି ତ୍ରିପାଠୀ, ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ରମାକାନ୍ତ ମହାନ୍ତି, ମହିଳା ଅଦାଲତ ବିଚାରପତି ଶ୍ରୀମତୀ ସ୍ୱପ୍ନା ସାଗରିକା ମିଶ୍ର, ରେଜିଷ୍ଟ୍ରାର, ସିଭିଲ କୋର୍ଟ, ଫୁଲବାଣୀ ପ୍ରିୟରଞ୍ଜନ ଓଝା, ଏସ.ଡି.ଜେ.ଏମ୍. ଶ୍ରୀମତୀ ସୌମ୍ୟା ସେ ।ନା ।ଲି କା ।, ଜେ.ଏମ୍.ଏଫ୍.ସି.(ଏଲ୍.ଆର୍. ଆଣ୍ଡ ଏଲ୍.ଟି.ଭି.) ବଦ୍ରିନାରାୟଣ ବିଶ୍ୱାଳ, ଜେ.ଏମ୍.ଏସ୍.ସି., ଫୁଲବାଣୀ ଅରୁଣିମା ପତି ପ୍ରମୁଖ ଉପସ୍ଥିତ ରହି ମାମଲାଗୁଡ଼ିକର ବିଚାର କରିଥିଲେ। ଉପରୋକ୍ତ ରାଷ୍ଟ୍ରୀୟ ଲୋକ ଅଦାଲତରେ ଫୁଲବାଣୀ ବାର ଆସୋସିଏସନ୍‌ର ଆଇନଜୀବୀ, ସରକାରୀ ଅଧିବକ୍ତା ଓ ଜିଲ୍ଲା ପ୍ରଶାସନର ମଧ ମିଳିତ ସହଯୋଗ ରହିଥିଲା।

# ମାଛ ଜାଲରେ ପଡିଲା ବଉଳା କୁମ୍ଭୀର

ପଟ୍ଟାମୁଣ୍ଡାଇ,୧୩/୦୯ (ନି.ପ୍ର): ମାଛ ଜାଲରେ ପଡିଲା ବଉଳା କୁମ୍ଭୀର। ମାଛ ଧରିବା ପାଇଁ ଚାଷ ଜମିରେ ବସାଯାଇଥିଲା ଜାଲ। ଜାଲରେ ପଡିଲା ୬ ଫୁଟର ବଉଳା କୁମ୍ଭୀର। କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ ବ୍ରାହ୍ମଣୀକୋହ୍ଲ ଗାଁ ଚାଷ ଜମିରେ ଭାଗବତ ସ୍ୱାଇଁ ମାଛ ଧରିବା ପାଇଁ ଜାଲ ବସାଇଥିଲେ । ସେଥିରେ ଆଜି ସକାଳୁ ଏକ ବିରାଟ ବଉଳା କୁମ୍ଭୀର ସେହି ଜାଲରେ ପଡିଥିବାର ଦେଖି ଲୋକେ ଭୟଭୀତ ହୋଇଯାଇଥିଲେ। ଖବର ପାଇ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଂଚି କୁମ୍ଭୀରଟିକୁ ଉଦ୍ଧାର କରିଛନ୍ତି । ମାଛ ଖାଇବା ପାଇଁ କୁମ୍ଭୀରଟି ଚାଷ ଜମିକୁ ପ୍ରବେଶ କରିଥିବା ଅନୁମାନ କରାଯାଉଛି। ଏଠାରେ ଉଲ୍ଲେଖଯୋଗ୍ୟ, ରାଜନଗର ଅଂଚଳରେ କୁମ୍ଭୀର ପାଦୁର୍ଭାବ ବଢ଼ିବାରେ ଲାଗିଛି । କେତେବେଳେ ଗାଁ କେନାଲ ତ ଆଉ କେତେବେଳେ ପୋଖରୀ ମଧରେ କୁମ୍ଭୀର ପଶି ଲୋକଙ୍କୁ ଆତଙ୍କିତ କରୁଛି। ଚାଷ ଜମିରେ କୁମ୍ଭୀରକୁ ଦେଖି ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି। ଚାଷ ଜମିରେ ପାଣି ଭର୍ତି ହୋଇ ରହିଥିବାରୁ ଲୋକେ କୁମ୍ଭୀରକୁ ଦେଖିବା ପରେ ଜମି ମଧକୁ ଯିବାକୁ ଭୟ କରୁଛନ୍ତି।

# ବଢୁଛି ପ୍ଲାଷ୍ଟର ପ୍ୟାରିସ୍‌ର ଚାହିଦା: କମୁଛି ମୃଣ୍ମୟ ମୂର୍ତ୍ତିର ଆଦର

ଜୟପୁର,୧୩/୦୯ (ନି.ପ୍ର): କୋରାପୁଟ ଜିଲାରେ ବଢୁଛି ପ୍ଲାଷ୍ଟର ପ୍ୟାରିସ୍‌ର ଚାହିଦା ରହିଥିବା ବେଳେ କମୁଛି ମୃଣ୍ମୟ ମୂର୍ତିର ଆଦର ଏହାକୁ ନେଇ ମୃଣ୍ମୟ ମୂର୍ତି କାରିଗରଙ୍କ ଚିନ୍ତା ବଢ଼ିଛି। ଚଳିତ ଭାଦ୍ରବ ମାସ ଚତୁର୍ଥୀ ଆର୍ଥାତ ସୋମବାର ଦିନ ଗଜାନନ ଧରାବତରଣ କରିବେ। ଏଥିପାଇଁ ସହରର ବିଭିନ୍ନ ସ୍ଥାନରେ ତୋରଣ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ପୂଜା ମଣ୍ଡପରେ ଦେବାଦେବୀଙ୍କ ମୃଣ୍ମୟ ମୂର୍ତି ନିର୍ମାଣରେ କାରିଗର ବ୍ୟସ୍ତ ଅଛନ୍ତି। ମାତ୍ର ପୂର୍ବ ଅପେକ୍ଷା ମୃଣ୍ମୟ ମୂର୍ତିର ଚାହିଦା ନଥିବାରୁ ଏହା ଉପରେ ନିର୍ଭର କରୁଥିବା ମୂର୍ତି କାରିଗର ଦୁର୍ଦ୍ଦିନରେ ଜୀବନ କାଟୁଛନ୍ତି। ଏଥିସହିତ ମୂର୍ତି ନିର୍ମାଣ ପାଇଁ ଆବଶ୍ୟକୀୟ ସରଞ୍ଜାମର ଦରବୃଦ୍ଧି ଯୋଗୁ ମୂର୍ତି କାରିଗର ଆଶଙ୍କାରେ ରହିଛନ୍ତି। ପାର୍ବଣ ଋତୁ ଆରମ୍ଭ ହେଲେ କେତେକ ବ୍ୟବସାୟୀ ବିଭିନ୍ନ ସ୍ଥାନରେ ଷ୍ଟଲ ଖୋଲି ପ୍ଲାଷ୍ଟର ପ୍ୟାରିସ୍‌ରେ ନିର୍ମିତ ମୂର୍ତି ବିକ୍ରି କରୁଥିବାରୁ ମୃଣ୍ମୟ ମୂର୍ତିର ଚାହିଦା ମଧ କମୁଥିବା ଦେଖାଯାଉଛି। ପୂର୍ବ ପରମ୍ପରା ଅନୁଯାୟୀ ମାଟିରେ ନିର୍ମିତ ମୂର୍ତି ପୂଜା କରିବା ବିଧେୟ ଥିବାବେଳେ ଏବେ ଶ୍ରଦ୍ଧାଳୁ ସୁନ୍ଦର ରଙ୍ଗବେରଙ୍ଗରେ ନିର୍ମିତ ଆକର୍ଷଣୀୟ ପ୍ଲାଷ୍ଟର ପ୍ୟାରିସ ମୂର୍ତିକୁ ପୂଜା କରିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି। କୋରାପୁଟ ଜିଲ୍ଲା ଜୟପୁର, କୋରାପୁଟ, ସେମିଳିଗୁଡ଼ା ସମେତ ବିଭିନ୍ନ ସ୍ଥାନରେ ପୁରୁଷାନୁକ୍ରମେ କାରିଗର ମୂର୍ତି ତିଆରି କରୁଥିବାବେଳେ ଚଳିତବର୍ଷ ସେମାନେ ମୂର୍ତି ବିକ୍ରି ନହେବା ଆଶଙ୍କାରେ ହାତବାନ୍ଧି ବସିଛନ୍ତି। ପ୍ରାଚୀନ କାଳରୁ କୁମ୍ଭକାର ମୂର୍ତି ନିର୍ମାଣ କାର୍ଯ୍ୟରେ ନିୟୋଜିତ ହୋଇ ଆସୁଛନ୍ତି। କୁମ୍ଭକାର କାରିଗରଙ୍କ ଯାଦୁକରୀ ସ୍ପର୍ଶରେ ବିଭିନ୍ନ ଦେବଦେବୀଙ୍କ ମାଟିର ମୂର୍ତି ଜୀବନ୍ତ ରୂପ ନିଏ। ତେବେ କିଛି ବର୍ଷ ହେବ ପ୍ଲାଷ୍ଟର ପ୍ୟାରିସ ମୂର୍ତି ବିକ୍ରି ହେବାରୁ ମୃଣ୍ମୟ ମୂର୍ତି ବିକ୍ରୟ ହ୍ରାସ ପାଇଥିବାବେଳେ ଏବେ ମୂର୍ତି ନିର୍ମାଣରେ ଦେଖାଦେଇଛି ଅନେକ ସମସ୍ୟା। ସହର ଉପକଣ୍ଠରେ ମାଟି ଓ ନଡ଼ା ଅଭାବ ଯୋଗୁଁ ଶିଳ୍ପୀ ମୂର୍ତି ନିର୍ମାଣରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାଛଡ଼ା ପରିଶ୍ରମ ଅନୁଯାୟୀ ମୂର୍ତିର ମୂଲ୍ୟ ମଧମିଳୁନାହିଁ। ମୂର୍ତି ନିର୍ମାଣ ପାଇଁ ଆବଶ୍ୟକ କଂଚାମାଲ ନଡ଼ା, ସୁତୁଲି, ବାଉଁଶ, ମାଟି, ରଙ୍ଗ ଓ ଠାକୁରଙ୍କ ବସ୍ତ୍ର ଆଦି ସରଞ୍ଜାମର ଦର ପୂର୍ବ ଅପେକ୍ଷା ଦୁଇଗୁଣ ବୃଦ୍ଧି ପାଇଛି। ସେହି ଅନୁପାତରେ ଗ୍ରାହକ ମୂଲ୍ୟ ଦେବାକୁ କୁଣ୍ଠାବୋଧ କରୁଛନ୍ତି। ଏଣୁ ମୂର୍ତି କାରିଗର ଏବେ ଚିନ୍ତାରେ ପଡ଼ିଛନ୍ତି। ବଜାରରେ ପ୍ଲାଷ୍ଟର ପ୍ୟାରିସ ମୂର୍ତିର ବହୁଳ ବିକ୍ରୟ ହେଉଥିବାରୁ ଛୋଟ ଛୋଟ ମୂର୍ତି ନିର୍ମାଣ କରୁଥିବା ମାଟି କାରିଗର ବସିଛନ୍ତି। ଫଳରେ ପ୍ଲାଷ୍ଟର ପ୍ୟାରିସ୍‌ର ଚାହିଦା ବଢ଼ିଥିବାବେଳେ ମୃଣ୍ମୟ ମୂର୍ତିର ଆଦର କମିଛି।

# ଭୁବନ ପୋଲିସ ଓ ଅବକାରୀ ବିଭାଗର ଚଢ଼ଉ: ୫୪ ଲିଟର ମଦ ଜବତ, ୪ ଗିରଫ

ଭୁବନ,୧୩/୦୯ (ନି.ପ୍ର): ଆସନ୍ତା ୧୪ ତାରିଖ ସୋମବାର ଠାରୁ ଢ଼େଙ୍କାନାଳ ଜିଲ୍ଲା ଭୁବନରେ ପ୍ରସିଦ୍ଧ ଗଣେଶ ପୂଜା ଆରମ୍ଭ ହେଉଛି । ପୂଜାକୁ ବେଆଇନ ତଥା ନକଲି ମଦ ମୁକ୍ତ କରିବା ଲକ୍ଷ୍ୟରେ ଭୁବନ ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ଜୋରଦାର ଚଢ଼ଉ କରାଯାଇ ବିଭିନ୍ନ ସ୍ଥାନରୁ ୩୯ ଲିଟର ବିଦେଶୀ ମଦ ଓ ୧୫ ଲିଟର ଦେଶୀ ମଦ (ସମୁଦାୟ ୫୪ ଲିଟର ) ଜବତ କରାଯାଇ ମଦ ବିକ୍ରିରେ ସମ୍ପୃକ୍ତ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ପ୍ରାପ୍ତ ସୂଚନାନୁଯାୟୀ, ଅବକାରୀ ଉପ ନିରୀକ୍ଷକ ବୁଲୁ ପାତ୍ରଙ୍କ ତତ୍ତ୍ୱାବଧାନରେ କନଷ୍ଟେବଲ ଆଲୋକ ଜେନା, ସୁଜିତ୍ ନାୟକ, ଶ୍ରଦ୍ଧାଞ୍ଜଳି ସାମଲ ଭୁବନ ଥାନା ଅନ୍ତର୍ଗତ ଅନଳ ଗ୍ରାମର ଜିତେନ୍ଦ୍ର ପୃଷ୍ଟିଙ୍କ ଠାରୁ ୭ ଲିଟର ବିଦେଶୀ ମଦ ( ବିୟର), ମହୁଲପାଳ ଗ୍ରାମର ମାଟିଆ ବେହେରାଙ୍କ ଠାରୁ ୯.୧୦୦ ଲିଟର ବିଦେଶୀ ମଦ ( ବିୟର ) ଓ କନ୍ହେଇପାଳ ଗ୍ରାମର ଶେଷ ପାତ୍ରଙ୍କ ଠାରୁ ୧୫ ଲିଟର ଦେଶୀ ମଦ ଜବତ କରି କେଶ୍ ନଂ ୯୩/୨୦୨୬, ୯୪/୨୦୨୬ ଓ ୯୫/୨୦୨୬ ରେ ମାମଲା ରୁଜ୍ଜୁ କରି ଅଭିଯୁକ୍ତ ମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଅନ୍ୟପକ୍ଷରେ ଭୁବନ ଥାନା ଆରକ୍ଷୀ ନିରୀକ୍ଷକ ରେଣୁବାଳା ସାହୁଙ୍କ ତତ୍ତ୍ୱାବଧାନରେ ଏସ ଆଇ ମାନସ ରଞ୍ଜନ ନାୟକ ଓ କନଷ୍ଟେବଳଙ୍କ ସହଯୋଗରେ ଭୁବନ ଏନ୍ ଏ ସି ଅନ୍ତର୍ଗତ ୨ ନମ୍ବର ୱାର୍ଡ ର ଧରଣୀଧର ବେହେରାଙ୍କ ପୁଅ ରମେଶ ଚନ୍ଦ୍ର ବେହେରାଙ୍କ ନିକଟରୁ ୭୪ ବୋତଲ ( ୨୩.୪୩୫ ଲିଟର ) ବିଦେଶୀ ମଦ ଜବତ କରି କେଶ୍ ନଂ ୪୨୨/୨୦୨୬ ରେ ମାମଲା ରୁଜୁ କରି ତାଙ୍କୁ କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି । ପୋଲିସ ଓ ଅବକାରୀ ବିଭାଗର ଜୋରଦାର ଚଢ଼ଉକୁ ବୁଦ୍ଧିଜୀବୀ ମହଲରେ ଉଚ୍ଚ ପ୍ରଶଂସା କରାଯାଉଛି।

# ୧୭ ସେପ୍ଟେମ୍ବରରୁ ବିଜେପି ପକ୍ଷରୁ ସେବା ସଂକଳ୍ପ ଅଭିଯାନ

କେନ୍ଦ୍ରାପଡ଼ା,୧୩/୦୯ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ବିଜେପି ପକ୍ଷରୁ ୧୭ ସେପ୍ଟେମ୍ବରରୁ ୧୭ ଅକ୍ଟୋବର ପର୍ଯ୍ୟନ୍ତ ଦୀର୍ଘ ୧ ମାସ ଧରି ସେବା ସଂକଳ୍ପ ଅଭିଯାନର କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି। ଏନେଇ ଏକ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ସଭାପତି ଶଶାଙ୍କ ଶେଖର ସେଠୀ ଓ ମହାକାଳପଡ଼ା ବିଧାୟକ ଡ଼ ଦୁର୍ଗା ପ୍ରସନ୍ନ ନାୟକ ବିସ୍ତୃତ ଭାବେ କାର୍ଯ୍ୟକ୍ରମଗୁଡ଼ିକର ସୂଚନା ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ଦାମୋଦର ଦାସ ମୋଦୀ ୭ ଅକ୍ଟୋବର ୨୦୦୧ରେ ଗୁଜୁରାଟର ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିଲେ। ପରବର୍ତୀ ସମୟରେ ୨୦୧୪ରେ ଦେଶର ପ୍ରଧାନମନ୍ତ୍ରୀ ଭାବେ ମଧ ଦାୟିତ୍ୱ ନିର୍ବାହ କରି ଆସୁଛନ୍ତି। ସେବେଠାରୁ ଆଜି ପର୍ଯ୍ୟନ୍ତ ଦୀର୍ଘ ୨୫ ବର୍ଷ ଧରି ଜନସେବା ଓ ସୁଶାସନର ନିରନ୍ତର ଯାତ୍ରା ଅବ୍ୟାହତ ରହିଛି। ସେବା, ସମର୍ପଣ ଓ ଜନ କଲ୍ୟାଣର ଏହି ଅତୁଟ ସଂକଳ୍ପ ଯାତ୍ରାକୁ ସ୍ମରଣୀୟ କରିବା ପାଇଁ ଦଳ ପକ୍ଷରୁ ପ୍ରଧାନମନ୍ତ୍ରୀ ମୋଦୀଜୀଙ୍କ ଜନ୍ମଦିନ ୧୭ ସେପ୍ଟେମ୍ବର ୨୦୨୬ରୁ ୧୭ ଅକ୍ଟୋବର ୨୦୨୬, ୧ ମାସ ଧରି ଏହି ସଂକଳ୍ପ ଯାତ୍ରା ନରସେବା ହିଁ ନାରାୟଣ ସେବା ସମଗ୍ର ଦେଶରେ ପାଳନ କରାଯିବ। ଏହି କାର୍ଯ୍ୟକ୍ରମ ଭିତରେ ଆଶୀର୍ବାଦର ଦୀପ ପ୍ରତି ଘରେ ପ୍ରଜ୍ଜ୍ୱଳନ କରାଯିବ। ଏହାସହ ମୋ ସ୍ୱପ୍ନର ଭାରତ ଚିତ୍ର ସେବା, ନମୋ ସେବା-ଅକୁହା କାହାଣୀ, ଆଙ୍ଗନ ମିଳନ ସେବା କାର୍ଯ୍ୟକ୍ରମ, ସେବାର କାହାଣୀ, ସେବା ଜ୍ୟୋତି କଳସ ଯାତ୍ରା, ସେବାରେ ମୋର ଯୋଗଦାନ, ସେବା ସେତୁ ଅଭିଯାନ, ରଙ୍ଗୋଲି ରାଷ୍ଟ୍ର, ୱାଡ଼ନଗର-ବାରାଣାସୀ ଯାତ୍ରା, ସେବା ଫାଷ୍ଟ ଇନୋଭେସନ ଚ୍ୟାଲେଂଚ ଓ ସୁଶାସନ ସେବା ସମ୍ବାଦ ପ୍ରଭୃତି ୧୨ଟି ବିଭାଗରେ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯିବ ବୋଲି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ସଭାପତି ଶଶାଙ୍କ ଶେଖର ସେଠୀ ସୂଚନା ଦେଇଛନ୍ତି।

# ସୋସିଆଲ୍ ୱାର୍କସ ଆସୋସିଏସନ୍ ଅଫ୍ କନ୍ଧମାଳ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ

କନ୍ଧମାଳ,୧୩/୦୯ (ନି.ପ୍ର): କନ୍ଧମାଳ ଜିଲ୍ଲାକୁ ଦାଦନମୁକ୍ତ କରିବା ଆଂଚଳିକ ସ୍ତରରେ ରୋଜଗାର ଓ ଜୀବିକାର ସୁଯୋଗ ବୃଦ୍ଧି କରି ଯୁବପିଢ଼ିଙ୍କୁ ସ୍ୱାବଲମ୍ବୀ କରିବା ଲକ୍ଷ୍ୟରେ ରାଇକିଆ ବ୍ଲକର ବେରେଡାକିଆ ଆର୍.ଏମ୍.ସି ପରିସରରେ ଏକ ବ୍ଲକସ୍ତରୀୟ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଛି। ସୋସିଆଲ୍ ୱର୍କସ ଆସୋସିଏସନ୍ ଅଫ୍ କନ୍ଧମାଳ(ସ୍ୱାକ) ପକ୍ଷରୁ ଆୟୋଜିତ ଏହି ବୈଠକରେ ଦାଦନ ସମସ୍ୟାର କାରଣ, ପ୍ରଭାବ ଓ ଏହାର ଦୀର୍ଘମିଆଦି ସମାଧାନ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ବୈଠକରେ ସାମାଜିକ କର୍ମୀ, ସ୍ୱେଚ୍ଛାସେବୀ ସଂଗଠନର ପ୍ରତିନିଧି, ଜନପ୍ରତିନିଧି, ବୁଦ୍ଧିଜୀବୀ ଓ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗ ଦେଇଥିଲେ। ସ୍ୱାକ ସଭାପତି ଆମନ ଚନ୍ଦ୍ର ନାୟକ ବୈଠକରେ ଅଧକ୍ଷତା କରିଥିବାବେଳେ ସଦସ୍ୟ ସନ୍ତୋଷ ଦିଗାଲ ସ୍ୱାଗତ ଭାଷଣ ଦେଇଥିଲେ। ସ୍ୱାକ ସମ୍ପାଦକ ହୃଷିକେଶ ପ୍ରଧାନ ବୈଠକର ଉଦ୍ଦେଶ୍ୟ ଓ କନ୍ଧମାଳରେ ଦାଦନ ଶ୍ରମିକମାନେ ସମ୍ମୁଖୀନ ହେଉଥିବା ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ବୈଠକ ଆରମ୍ଭରେ ଦାଦନ ଖଟିବାକୁ ଯାଇ ବାହାର ରାଜ୍ୟରେ ମୃତ୍ୟୁବରଣ କରିଥିବା ୧୧ ଜଣ ଶ୍ରମିକଙ୍କ ଆତ୍ମାର ସଦ୍‌ଗତି କାମନା କରି ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଆଲୋଚନାରେ କୁହାଯାଇଥିଲା ଯେ, ରାଇକିଆ ବ୍ଲକର ବିଭିନ୍ନ ଅଂଚଳରେ ପର୍ଯ୍ୟାପ୍ତ ରୋଜଗାର ସୁଯୋଗ ନଥିବାରୁ ପ୍ରତିବର୍ଷ ବହୁ ଶ୍ରମିକ କାମ ଅନ୍ୱେଷଣରେ ଅନ୍ୟ ରାଜ୍ୟକୁ ଯାଉଛନ୍ତି। ବିଶେଷକରି ଦଲାଲଙ୍କ ମାଧ୍ୟମରେ ଅସୁରକ୍ଷିତ ଭାବେ ପ୍ରବାସ କରୁଥିବା ଶ୍ରମିକମାନେ ଠକେଇ, ଶୋଷଣ, ନିର୍ଯାତନା, ଦୁର୍ଘଟଣା ଓ ମୃତ୍ୟୁ ଭଳି ଗୁରୁତର ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେଣୁ କେବଳ ସଚେତନତା ସୃଷ୍ଟି ନୁହେଁ, ସ୍ଥାନୀୟ ଅଂଚଳରେ ନିରନ୍ତର ରୋଜଗାର ସୃଷ୍ଟି କରିବା ହିଁ ଦାଦନ ସମସ୍ୟାର ଦୀର୍ଘମିଆଦି ସମାଧାନ ବୋଲି ମତ ପ୍ରକାଶ ପାଇଥିଲା। କନ୍ଧମାଳର ପ୍ରାକୃତିକ ସମ୍ପଦ, କୃଷି, ଜଙ୍ଗଲଜାତ ଦ୍ରବ୍ୟ, ଉଦ୍ୟାନ କୃଷି ଓ ସ୍ଥାନୀୟ ଦକ୍ଷତାକୁ ଆଧାର କରି ନୂଆ ଜୀବିକା ସୁଯୋଗ ସୃଷ୍ଟି ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ଯୁବପିଢ଼ିଙ୍କୁ ଆତ୍ମନିଯୁକ୍ତି ଓ କ୍ଷୁଦ୍ର ଉଦ୍ୟୋଗ ପାଇଁ ତାଲିମ, ପ୍ରୋତ୍ସାହନ ଓ ବଜାର ସୁଯୋଗ ଯୋଗାଇଦେଲେ ସେମାନେ ନିଜ ଅଂଚଳରେ ରହି ରୋଜଗାର କରିପାରିବେ ବୋଲି ମତ ପ୍ରକାଶ ପାଇଥିଲା। ବୈଠକରେ ରାଇକିଆ ଅଂଚଳର ହଳଦୀ ଚାଷ ଓ ଚାଷୀଙ୍କ ସମସ୍ୟା ଏକ ମୁଖ୍ୟ ପ୍ରସଙ୍ଗ ଭାବେ ଉଠିଥିଲା। ଅଂଚଳରେ ହଳଦୀ ଚାଷର ଭଲ ସମ୍ଭାବନା ଥିବା ସତ୍ତ୍ୱେ ଚାଷୀମାନେ ଉତ୍ପାଦର ଉଚିତ ମୂଲ୍ୟ ପାଉନଥିବା ନେଇ ଆଲୋଚନା ହୋଇଥିଲା। ହଳଦୀ ପାଇଁ ନିୟମିତ କ୍ରୟ ବ୍ୟବସ୍ଥା, ମଣ୍ଡି, ସଂରକ୍ଷଣ ସୁବିଧା ଓ ବଜାର ସଂଯୋଗ ବିକଶିତ କରାଗଲେ ଚାଷୀଙ୍କ ଆୟ ବୃଦ୍ଧି ସହ ଅନେକ ପରିବାର ପାଇଁ ସ୍ଥାନୀୟ ଜୀବିକାର ସୁଯୋଗ ସୃଷ୍ଟି ହୋଇପାରିବ ବୋଲି ମତ ଦିଆଯାଇଥିଲା। ସେହିପରି ଅଁଳା, ପଣସ, ମାଣ୍ଡିଆ, ବିରି, ବିଭିନ୍ନ ମସଲାଜାତୀୟ ଫସଲ ଓ ଜଙ୍ଗଲଜାତ ଦ୍ରବ୍ୟକୁ କେବଳ କଂଚାମାଲ ଭାବେ ବିକ୍ରି ନକରି ସେଗୁଡ଼ିକର ପ୍ରକ୍ରିୟାକରଣ, ମୂଲ୍ୟବୃଦ୍ଧି ଓ ବଜାର ସଂଯୋଗ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏଥିପାଇଁ ମହିଳା ସ୍ୱୟଂସହାୟକ ଗୋଷ୍ଠୀ, ଯୁବଗୋଷ୍ଠୀ ଓ ସ୍ଥାନୀୟ ଉଦ୍ୟୋଗୀମାନଙ୍କୁ ଯୋଡ଼ି ଛୋଟ ଓ ମଧ୍ୟମ ଉଦ୍ୟୋଗ ଗଢ଼ିବା ଆବଶ୍ୟକତା ନେଇ ମତପ୍ରକାଶ ପାଇଥିଲା। 'ଏକ ଜିଲ୍ଲା, ଏକ ସଙ୍କଳ୍ପ' ଭାବନା ଅନୁଯାୟୀ ସ୍ଥାନୀୟ ସମ୍ବଳର ସଠିକ୍ ବ୍ୟବହାର କରି ରୋଜଗାର ସୃଷ୍ଟି, କୃଷିଜାତ ଓ ଜଙ୍ଗଲଜାତ ଦ୍ରବ୍ୟର ମୂଲ୍ୟବୃଦ୍ଧି, ବଜାର ସଂଯୋଗ ଓ କ୍ଷୁଦ୍ର ଉଦ୍ୟୋଗକୁ ପ୍ରୋତ୍ସାହନ ଦେବାସହ ଆବଶ୍ୟକ ଭିତିଭୂମି ବିକାଶ ପାଇଁ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିବାକୁ ବୈଠକରେ ନିଷ୍ପତି ହୋଇଥିଲା। ଦାଦନ ସମସ୍ୟାର ମୂଳ କାରଣ ଦୂର କରିବା ସହ ସ୍ଥାନୀୟ ରୋଜଗାର ବୃଦ୍ଧି, ଚାଷୀଙ୍କ ଆୟ ବଢ଼ାଇବା ଓ ଯୁବପିଢ଼ିଙ୍କୁ ସ୍ୱାବଲମ୍ବୀ କରିବା ମାଧ୍ୟମରେ ବିକଶିତ ଓ ଦାଦନମୁକ୍ତ କନ୍ଧମାଳ ଗଠନ ପାଇଁ ସମସ୍ତେ ମିଳିତ ଭାବେ ପ୍ରୟାସ ଜାରି ରଖିବାକୁ ବୈଠକରେ ଆହ୍ୱାନ ଦିଆଯାଇଥିଲା। ବୈଠକରେ ବେରେଡାକିଆ ସରପଂଚ ଅକ୍ଷୟ କୁମାର ପ୍ରଧାନ, ଡଡିଙ୍ଗିଆ ସରପଂଚ ଅଶୋକ ପ୍ରଧାନ, ବାସ୍ ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରତିଷ୍ଠାତା ଶଶାଙ୍କ ଶେଖର ଦିଗାଲ, ସମ୍ପାଦକ ନିହାଲ ଦିଗାଲ, ସମାଜସେବୀ ବିଟୁ ଦିଗାଲ, ମହିଳା ଜୀବିକା ସୁରକ୍ଷା ମଂଚର ସଭାନେତ୍ରୀ ପ୍ରମୋଦା ନାୟକ, ରାଇକିଆ ପ୍ରେସ୍ କ୍ଲବ ସଭାପତି ପ୍ରଦୀପ ବେହେରା, ସମାଜସେବୀ ମାନେଶ୍ୱର ଦିଗାଲ, ଚନ୍ଦ୍ରପ୍ରଭା ମଲିକଙ୍କ ସମେତ ବିଭିନ୍ନ ପଂଚାୟତର ସାମାଜିକ କର୍ମୀ, ସମାଜସେବୀ, ବୁଦ୍ଧିଜୀବୀ ଓ ସାମ୍ବାଦିକମାନେ ଉପସ୍ଥିତ ଥିଲେ। ସ୍ୱାକ ସଦସ୍ୟା ମୀନାକ୍ଷୀ ପ୍ରଧାନ, ବିବେକାନନ୍ଦ ପ୍ରଧାନ ଓ ମିହିର ଦିଗାଲ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ସ୍ୱାକ କୋଷାଧକ୍ଷ ସାମନ୍ତ ଶେଖର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ବନ୍ୟା ସ୍ଥିତିର ଅନୁଧ୍ୟାନ କଲେ ଜିଲ୍ଲାପାଳ

ମାଲକାନଗିରି,୧୩/୦୯ (ନି.ପ୍ର): ମାଲକାନଗିରି ଜିଲ୍ଲାରେ ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁଁ ଦେଖାଦେଇଥିବା ବନ୍ୟା ସ୍ଥିତିର ଅନୁଧ୍ୟାନ ପାଇଁ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜସିର୍କେ, ବନଖଣ୍ଡ ଅଧିକାରୀ ସାଇ କିରନ ଡିଏନ ଓ ଅନ୍ୟାନ ଅଧିକାରୀ ପୋଟେରୁ ସମେତ ବିଭିନ୍ନ ବନ୍ୟାଚଂଳ ପରିଦର୍ଶନ କରି ଲୋକମାନଙ୍କୁ ଭୟଭୀତ ନ ହେବାକୁ ପରାମର୍ଶ ଦେଇଛନ୍ତି। ବ୍ରିଜ୍ ର ଦୁଇ ପାର୍ଶ୍ୱରେ ଅଟକି ରହିଥିବା ଯାତ୍ରୀ ଓ ଗାଡି ଚାଳକମାନଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଶୁଖିଲା ଖାଦ୍ୟ ଓ ପାନୀୟ ଜଳ ବଂଟନ କରାଯାଉଛି। ୪୦୦ ଜଣଙ୍କୁ ରନ୍ଧା ଖାଦ୍ୟ ଯୋଗାଯାଇଛି। ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଶନିବାର ଜିଲ୍ଲାର ସମସ୍ତ ସ୍କୁଲ-କଲେଜ ବନ୍ଦ ଘୋଷଣା କରାଯାଇଛି ଓ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି। ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ୨୪ ଘଣ୍ଟିଆ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯିବା ସହ ବନ୍ୟା ଆଶଙ୍କାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ କାଲିମେଳା ବ୍ଲକ୍‌ରେ ଏକ ଓଡ୍ରାଫ୍ ଟିମ୍‌କୁ ସଜାଗ ରଖାଯାଇଛି।

# ଲୋଇସିଂହା ବିଧାନସଭା ମଣ୍ଡଳୀର ସର୍ବାଙ୍ଗୀନ ବିକାଶ ଓ ଜନସମସ୍ୟା ସମାଧାନ ଉପରେ ଗୁରୁତ୍ୱ

ବଲାଙ୍ଗୀର,୧୩/୦୯ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ପରିଷଦ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷ ଠାରେ ଲୋଇସିଂହା ବିଧାନସଭା ମଣ୍ଡଳୀର ସର୍ବାଙ୍ଗୀନ ବିକାଶ, ସାମାଜିକ କଲ୍ୟାଣ ଓ ଜନସାଧାରଣଙ୍କ ସମସ୍ୟାର ତ୍ୱରିତ ସମାଧାନ ଲକ୍ଷ୍ୟରେ ଆଜି ବଧାନସଭା ମଣ୍ଡଳୀ ବିକାଶ କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଗତକଲି ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଓ ଆଇ.ଟି. ମନ୍ତ୍ରୀ ତଥା ଲୋଇସିଂହା ବିଧାୟକ ଏବଂ ବିଧାନସଭା ମଣ୍ଡଳୀ ବିକାଶ କମିଟିର ଅଧକ୍ଷ ଡ. ମୁକେଶ ମହାଲିଙ୍ଗ ବୈଠକରେ ଅଧକ୍ଷତା କରିଥିଲେ। ଏଥିରେ ଲୋଇସିଂହା ନିର୍ବାଚନ ମଣ୍ଡଳୀରେ କାର୍ଯ୍ୟକାରୀ ହେଉଥିବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନ ମୂଳକ ଯୋଜନାର ଭୌତିକ ଓ ଆର୍ଥିକ ପ୍ରଗତିର ସମୀକ୍ଷା କରାଯାଇଥିଲା। ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ବୈଠକରେ କୃଷି, ସ୍ୱାସ୍ଥ୍ୟ, ଭିତିଭୂମି, ଜନକଲ୍ୟାଣ, ଗ୍ରାମ୍ୟ ଉନ୍ନୟନ, ବିଭିନ୍ନ ପ୍ରକଳ୍ପର ପ୍ରଗତି ଓ ଜମି ସମସ୍ୟା ଆଦି ବିଭିନ୍ନ ପ୍ରସଙ୍ଗ ଉପରେ ବ୍ୟାପକ ଆଲୋଚନା ହୋଇଥିଲା। ମାନ୍ୟବର ମନ୍ତ୍ରୀ ଆଲୋଚନା ସମୟରେ ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନ ଏବଂ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ବିକାଶ ଶିଖର ଛୁଇଁବ ବୋଲି କହିଛନ୍ତି। ଏହାସହ ପ୍ରତ୍ୟେକ କ୍ଷେତ୍ରରେ ଆଗାମୀ ଦିନରେ ଯେପରି ଲୋଇସିଂହାର ନାଁ ହେବ ସେ ବିଷୟରେ ଗୁରୁତ୍ୱାରୋପ କରିଛନ୍ତି। ବୈଠକର ପ୍ରଥମ ପର୍ଯ୍ୟାୟରେ କୃଷି, ସ୍ୱାସ୍ଥ୍ୟ, ଭିତିଭୂମି ଓ ଜନକଲ୍ୟାଣକାରୀ ଯୋଜନା ଉପରେ ଗୁରୁତ୍ୱ ଦିଆଯାଇଥିଲା। ବିଶେଷ କରି ବନ୍ୟା ପରିସ୍ଥିତି, ଜଳସେଚନ କ୍ଷମତା ବୃଦ୍ଧି, ଲୋୟର ସୁକତେଲ ପ୍ରକଳ୍ପ, କ୍ଷୁଦ୍ର ଓ ଉଠା ଜଳସେଚନ ପ୍ରକଳ୍ପ, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ପିଏମ୍-କିଷାନ, ଚାଷୀ ପଞ୍ଜୀକରଣ ଏବଂ ସାର ଓ କୀଟନାଶକ ଯୋଗାଣ ସମ୍ପର୍କରେ ମନ୍ତ୍ରୀ ସମୀକ୍ଷା କରିଥିଲେ। ଏହାସହିତ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ, ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଏବଂ 'ୱାନ୍ ନେସନ୍, ୱାନ୍ ରାସନ୍ କାର୍ଡ୍' ଯୋଜନାର କାର୍ଯ୍ୟକାରିତା ମଧ ସମୀକ୍ଷା କରାଯାଇଥିଲା। ଗ୍ରାମାଂଚଳ ଓ ସହରାଂଚଳର ଭିତିଭୂମି ବିକାଶ ନେଇ ରାସ୍ତା, ରାସ୍ତା ଓ କୋଠାବାଡ଼ି, ବିଦ୍ୟାଳୟ ରୂପାନ୍ତରଣ, ବିଦ୍ୟାଳୟ ଗୃହ ନିର୍ମାଣ ଓ ମରାମତି ଏବଂ ସରକାରୀ କୋଠାଗୁଡ଼ିକର ରକ୍ଷଣାବେକ୍ଷଣ ଆଦି ପ୍ରସଙ୍ଗରେ ମଧ ଅଧିକାରୀମାନଙ୍କ ଠାରୁ ତଥ୍ୟ ନିଆଯାଇଥିଲା। ସାମାଜିକ ସୁରକ୍ଷା କ୍ଷେତ୍ରରେ ସ୍ୱାସ୍ଥ୍ୟସେବା, ଅଙ୍ଗନବାଡ଼ି କାର୍ଯ୍ୟକ୍ରମ, 'ସୁଭଦ୍ରା ଯୋଜନା', ଏସ୍‌ସି/ଏସ୍‌ଟି ସ୍କୁଲ ଓ ହଷ୍ଟେଲର ପରିଚାଳନା, ବୃତି ପ୍ରଦାନ, ଦାଦନ ଶ୍ରମିକଙ୍କ ସମସ୍ୟା, ହସ୍ତଶିଳ୍ପୀ ଓ ବୁଣାକାରଙ୍କ ଉନ୍ନତି, କଳାକାର ଭତା, ଭାଗବତ ଟୁଙ୍ଗି ଏବଂ ଗ୍ରାମାଂଚଳରେ ଖେଳପଡ଼ିଆ ଓ କ୍ରୀଡ଼ାବିତ୍‌ମାନଙ୍କ ପାଇଁ ସୁଯୋଗ ଆଦି ବିଷୟରେ ବିସ୍ତୃତ ସମୀକ୍ଷା କରାଯାଇଥିଲା। ବୈଠକର ଦ୍ୱିତୀୟ ପର୍ଯ୍ୟାୟରେ ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ, ଆର୍ଥିକ ଅନୁଦାନର ବିନିଯୋଗ ଓ ଜମି ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଭିବିଜି-ରାମ-ଜି, ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ଗ୍ରାମୀଣର ଅସମ୍ପୂର୍ଣ୍ଣ ଗୃହ, ଲୋଇସିଂହା ଏନ୍‌ଏସିର ବିକାଶମୂଳକ କାର୍ଯ୍ୟ ଏବଂ ଲୋକପାଳଙ୍କ ଅଭିଯୋଗ ଶୁଣାଣୀର ସ୍ଥିତି ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ଏହାସହିତ ୨୦୨୫-୨୬ରୁ ୨୦୨୬-୨୭ ମସିହା ଅଗଷ୍ଟ ୩୧ ପର୍ଯ୍ୟନ୍ତ ବିଭିନ୍ନ ଗ୍ରାମ ପଂଚାୟତକୁ ମିଳିଥିବା ପାଣ୍ଠି, ଏହାର ବିନିଯୋଗ ଓ ଅବଶିଷ୍ଟ ରାଶି ସମ୍ପର୍କରେ ହିସାବ ନିଆଯାଇଥିଲା।

# ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ ପରିଦର୍ଶନ କଲେ ଉଚ୍ଚଶିକ୍ଷା ବିଭାଗର ଯୁଗ୍ମ ସଚିବ ଶ୍ରୀମତୀ ମୌସୁମୀ ନାୟକ

ଜୟପୁର,୧୩/୦୯ (ନି.ପ୍ର): ଉଚ୍ଚଶିକ୍ଷା ବିଭାଗର ଯୁଗ୍ମ ସଚିବ ଶ୍ରୀମତୀ ମୌସୁମୀ ନାୟକ ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ, ଜୟପୁର ପରିଦର୍ଶନ କରି ବିଶ୍ୱବିଦ୍ୟାଳୟର ଶିକ୍ଷା, ପ୍ରଶାସନିକ ଓ ଭିତିଭୂମି ସମ୍ବନ୍ଧୀୟ ବିଭିନ୍ନ କାର୍ଯ୍ୟକ୍ରମର ସ୍ଥିତି ସମୀକ୍ଷା କରିଥିଲେ। ଏହି ଅବସରରେ ସେ ବିଶ୍ୱବିଦ୍ୟାଳୟର ଶିକ୍ଷକ ଓ ବିଧିବଦ୍ଧ ପଦବୀର ଖାଲି ସ୍ଥାନ, ଅଣଶିକ୍ଷକ ପଦବୀ, ୨୦୨୬-୨୭ ଶିକ୍ଷାବର୍ଷର ଛାତ୍ରଛାତ୍ରୀ ନାମଲେଖା ସ୍ଥିତି, ୨୦୨୫-୨୬ ଶିକ୍ଷାବର୍ଷର ବିଭିନ୍ନ ସ୍ନାତକ ଓ ସ୍ନାତକୋତର ପରୀକ୍ଷାର ଫଳାଫଳ ଆଦି ସମ୍ପର୍କରେ ଅବଗତ ହୋଇଥିଲେ। ସେହିପରି ବିଶ୍ୱବିଦ୍ୟାଳୟକୁ ମିଳିଥିବା ଭିତିଭୂମି ଓ ଅନ୍ୟାନ୍ୟ ଅନୁଦାନ, ବିଭିନ୍ନ ଅନୁଦାନର ବ୍ୟବହାର ଏବଂ ତାହାର ୟୁଟିଲାଇଜେସନ୍ ସାର୍ଟିଫିକେଟ୍ ଦାଖଲ ସ୍ଥିତି ସମ୍ପର୍କରେ ମଧ ସେ ସମୀକ୍ଷା କରିଥିଲେ। ପରିଦର୍ଶନ ସମୟରେ ବିଶ୍ୱବିଦ୍ୟାଳୟର କୁଳସଚିବ ଶ୍ରୀ ମହେଶ୍ୱର ଚନ୍ଦ୍ର ନାୟକ , ସିପିଜିସି ଡକ୍ଟର୍ ପ୍ରଶାନ୍ତ କୁମାର ପାତ୍ର,ସିଓଇ ରଞ୍ଜନ କୁମାର ପ୍ରଧାନ ଓ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ରହି ବିଶ୍ୱବିଦ୍ୟାଳୟର ବିଭିନ୍ନ କାର୍ଯ୍ୟକଳାପ ଓ ଅଗ୍ରଗତି ସମ୍ପର୍କରେ ଯୁଗ୍ମ ସଚିବଙ୍କୁ ଅବଗତ କରାଇଥିଲେ।




ଡାକ୍ତର ଉମେଶ ଚନ୍ଦ୍ର ପାତ୍ର




# ମମବିଘ୍ନ ବିନାଶାୟ

ସିଦ୍ଧି ବିନାୟକ ପ୍ରଭୁ ଗଣେଶଙ୍କ ପାଖରେ ଭକ୍ତଜନ ଆକୁଳ କଣ୍ଠରେ ପ୍ରାର୍ଥନା କରୁଛନ୍ତି 'ମମବିଘ୍ନ ବିନାଶାୟ ଗଣାଧିପତୟେ ନମଃ'। ଗଣ ଓ ଈଶ ସମଷ୍ଟିରେ ଗଣେଶ। ଗଣ ଏକ ସଂଖ୍ୟାବାଚକ ଶବ୍ଦ, ଅର୍ଥ ଜନଗଣ ବା ମନୁଷ୍ୟର ସମଷ୍ଟି। କେବଳ ମନୁଷ୍ୟ କାହିଁକି, ପଶୁପକ୍ଷୀ, କୀଟପତଙ୍ଗ, ବୃକ୍ଷଲତା ଓ ସ୍ଥାବର ଜଙ୍ଗମ ସକଳଙ୍କର ଈଶ ବା ଅଧିପତି ହେଉଛନ୍ତି ଗଣେଶ। ଈଶ ଶବ୍ଦର ଅର୍ଥ ଆଧିପତ୍ୟ। ଅଧିର ଉତ୍ପତ୍ତି ସଂସ୍କୃତ ଧା' ଧାତୁରୁ ଅର୍ଥ - ଧାରଣ ଓ ପତିର ଉତ୍ପତ୍ତି ପା' ଧାତୁ ଠାରୁ - ଅର୍ଥ ପାଳନ। ତେଣୁ ଗଣେଶ ଶବ୍ଦର ସମୂହ ଅର୍ଥ ହେଉଛି ସୃଷ୍ଟିର ଯାବତୀୟ ସବୁକିଛିକୁ ଯିଏ ଧାରଣ, ପାଳନ ଓ ପୋଷଣ କରନ୍ତି। ଏହି ପ୍ରସଙ୍ଗରେ ଯୁଗପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ, କୌଣସି ଦେବପୂଜାରେ ପ୍ରଥମେ ଗଣେଶଙ୍କର ପୂଜା କରାଯାଏ। ଗଣେଶ ହେଉଛନ୍ତି ସମସ୍ତଙ୍କର ଧାରୟିତା, ପୋଷୟିତା, ପାଳୟିତା ଓ ରକ୍ଷଣକର୍ତ୍ତା। ଗଣେଶଙ୍କର ପିତା ଶିବ ଓ ମାତା ଦୁର୍ଗା। ଶିବ ଅର୍ଥ ମଙ୍ଗଳ ସ୍ୱରୂପ। ତେଣୁ ଗଣେଶ ନିଶ୍ଚିତ ଭାବରେ ଶିବ ସମ୍ଭବ। ତାଙ୍କର ମା' ହେଉଛନ୍ତି ଦୁର୍ଗା, ଦୁର୍ଗତିନାଶିନୀ, ଜୀବନର ଦୁର୍ଗ ସ୍ୱରୂପା, ଯାହାଙ୍କ ପାଖରେ ସମସ୍ତ ଅଶୁଭ ଓ ଅସୁର ଶକ୍ତି ପ୍ରତିହତ, ବିପର୍ଯ୍ୟସ୍ତ ଓ ବିନଷ୍ଟ। ସମସ୍ତ ଅକଲ୍ୟାଣ ବିରୋଧରେ ଦୁର୍ଗ ହୋଇଅଛନ୍ତି ମା'ଦୁର୍ଗା।

ଗଣେଶଙ୍କ ଅନ୍ୟନାମ ସିଦ୍ଧିଦାତା ଓ ସିଦ୍ଧି ବିନାୟକ। ତାଙ୍କ ପୂଜା କରିଲେ ସିଦ୍ଧି ହୁଏ। ମନସ୍କାମନା ପୂର୍ଣ୍ଣ ହୁଏ। ଏହି ସିଦ୍ଧି କ'ଣ ? ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ସିଦ୍ଧି ଭିତରେ ଅଛି ସିଦ୍ଧ ହେବାର ଭାବ। ସିଦ୍ଧି ହେବାମାନେ କାର୍ଯ୍ୟ, କର୍ମ ଓ ବାକ୍ୟରେ ଦକ୍ଷ ଓ କୁଶଳ ହେବା। ଯେଉଁ ବ୍ୟକ୍ତି କୁଶଳ କୌଶଳୀ ହୋଇ ଚାଲେ, କହିପାରେ ଓ କାର୍ଯ୍ୟ କରିପାରେ ସେ ଜୀବନରେ ହଟେନାହିଁ, ପ୍ରତାରିତ ହୁଏନାହିଁ ଓ ଅପରାଜେୟ ହୁଏ। ଗଣେଶଙ୍କ ପୂଜା ଓ ସମ୍ବର୍ଦ୍ଧନା ଭିତର ଦେଇ ଗଣଦେବତାଙ୍କର ଏହି ଧାରଣ ପାଳନୀ ଶକ୍ତି ଆମ ଚରିତ୍ରରେ ସଂଚାରିତ ହେଲେ ଗଣେଶଙ୍କର ପୂଜା ସାର୍ଥକ ହୁଏ। ଚିନ୍ତା ଜଗତରେ ଏକ ବୈପ୍ଳବିକ ପରିବର୍ତ୍ତନ ସୃଷ୍ଟି କଲେ ଯୁଗପୁରୁଷ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର। ଶବ୍ଦର ବ୍ୟବହାରଗତ ଅର୍ଥକୁ ନ ଦେଖି ତା'ର ଧାତୁଗତ ଅର୍ଥ ଦେଖିବା ପାଇଁ ସେ ଆଦେଶ କଲେ। ପୂଜା କହିବାକୁଗଲେ କେବଳ ଧୂପ, ଦୀପ, ଝୁଣା, ଚନ୍ଦନ ଓ ପୁଷ୍ପ ସହଯୋଗେ ଏକ ଅନୁଷ୍ଠାନ ନୁହେଁ। ପୂଜାଶବ୍ଦସ୍ଥିତ ପୂଜ୍ ଧାତୁର ଅର୍ଥ ହେଉଛି ସମ୍ବର୍ଦ୍ଧନା। ଏଥିପାଇଁ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ଯେଉଁ ଦେବତା ବା ଦେବୀଙ୍କର ପୂଜା ଆମ୍ଭେମାନେ କରୁ ତାଙ୍କର ଗୁଣାବଳୀ ନିଜ ଜୀବନ ଓ ଚରିତ୍ରରେ ମୂର୍ତ୍ତ କରିବା ହିଁ ହେଉଛି ପ୍ରକୃତ ପୂଜା। ଏହି ଚାରିତ୍ରିକ ରୂପାନ୍ତରିତ ନକରି ଯେତେ ନୈବେଦ୍ୟ ବା ଆଲୋକର ସଜ୍ଜା କଲେ ମଧ୍ୟ ପୂଜା ସାର୍ଥକ ହୁଏନାହିଁ। ଗଣେଶଙ୍କ ପୂଜାମାନେ ହେଲା - ଗଣପତିଙ୍କ ଚଳନ ଚରିତ୍ର ଓ ତାଙ୍କର ଧାରଣ, ପାଳନ, ସମ୍ବେଗ ସିଦ୍ଧ ବ୍ୟକ୍ତିତ୍ୱକୁ ନିତ୍ୟ ଅନୁଶୀଳନ ମାଧ୍ୟମରେ ନିଜ ଜୀବନରେ ପ୍ରତିଫଳିତ କରି ଉଠାଇବା। ଏହି ଅନୁଶୀଳନ ନିମିତ୍ତ ପ୍ରତିଦିନ ଓ ପ୍ରତିମୁହୂର୍ତ୍ତରେ ପ୍ରୟୋଜନ ଏକାନୁରକ୍ତି, ତୀବ୍ରତା ଓ କ୍ରମାଗତି। ଶ୍ରୀ ଶ୍ରୀ ଠାକୁରଙ୍କ ପାଖରେ ଭକ୍ତବୃନ୍ଦ ପ୍ରଶ୍ନ କଲେ - ଗଣେଶଙ୍କର ଗଜମୁଣ୍ଡ କାହିଁକି ? କଥିତ ଅଛି ଶନିଗ୍ରହର ଦୃଷ୍ଟିରେ ଶିଶୁ ଅବସ୍ଥାରେ ଗଣେଶଙ୍କର ମସ୍ତିଷ୍କ ବିଚ୍ଛିନ୍ନ ହେବାରୁ ଶୀଘ୍ର ଏକ ହସ୍ତୀର ମୁଣ୍ଡ ସେଠାରେ ପ୍ରତିରୋପଣ କରାଗଲା। ଏହାଶୁଣି ଶ୍ରୀ ଶ୍ରୀ ଠାକୁର କହିଲେ - ଏକ ମଣିଷର ବିଶେଷତଃ ଏକ ଶିଶୁର ବେକରେ ହାତୀର ମୁଣ୍ଡ ପ୍ରତିରୋପଣ କରିବା ଅସମ୍ଭବ ଓ ଅବାନ୍ତର। କିନ୍ତୁ ଗଣଦେବତାଙ୍କର ବନ୍ଦନାରେ ଗଜାନନ ଓ ଗଜେନ୍ଦ୍ରବଦନ ଇତ୍ୟାଦି ଶବ୍ଦର ଉଲ୍ଲେଖ ରହିଛି। ତେଣୁ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ଗଜ ଶବ୍ଦର ଅର୍ଥ ଶ୍ରେଷ୍ଠ। ଶ୍ରେଷ୍ଠ ଓ ସର୍ବୋତ୍ତମ ମସ୍ତିଷ୍କ ଯାହାଙ୍କର ସେ ହିଁ ଗଜାନନ। ଯିଏ ସମସ୍ତଙ୍କର ପାଳକ, ଧାରକ ଓ ପରିଚାଳକ ତାଙ୍କର ମସ୍ତିଷ୍କ ନିଶ୍ଚୟ ଶ୍ରେଷ୍ଠ ଓ ବଡ଼।

ଗଣେଶଙ୍କ ମୂର୍ତ୍ତିରେ ଚାରିଟି ହାତ ରହିଛି। ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ଚାରି ହାତମାନେ ତାଙ୍କର ଚାରି ଦିଗରେ ଲକ୍ଷ୍ୟ ରହିଛି। ଚାରି ଦିଗରେ ସେ ସମାନ ଓ ତୀକ୍ଷ୍ଣ ନଜର ରଖି ସାମ୍ୟ ଭାବରେ ସବୁ ପରିସ୍ଥିତିକୁ ନିୟନ୍ତ୍ରଣ କରନ୍ତି। ଏହାକୁ ହିଁ କୁହନ୍ତି ଚତୁରତା। ଗଣେଶଙ୍କ ବାହନ ମୂଷା। ଏହା ଅର୍ଥରେ ଶ୍ରୀ ଶ୍ରୀ ଠାକୁର କହିଲେ - ମୂଷା ପରି ଖଳ ଓ କ୍ଷତିକାରକ ବ୍ୟକ୍ତିମାନଙ୍କୁ ଗଣପତି ତାଙ୍କ ପାଖରେ ରଖନ୍ତି, ସେମାନଙ୍କୁ ଏହି ଦୁଷ୍ଟବ୍ୟାଧିରୁ ମୁକ୍ତ କରି ଲୋକସେବାରେ ବ୍ରତୀ କରି ଉଠାନ୍ତି। ବର୍ତ୍ତମାନ ପ୍ରଶ୍ନ ଉଠେ - ଏହି ଗଣପତି ବା ଗଣେଶ କିଏ ? ବୈଶିଷ୍ଟ୍ୟପାଳୀ, ଆପୂରୟମାଣ, ଯୁଗାବତାର, ସଦ୍‌ଗୁରୁ ଯିଏକି ଜନକଲ୍ୟାଣ ନିମିତ୍ତ ଯୁଗେ ଯୁଗେ ଆର୍ବିଭାବ ହୁଅନ୍ତି ସେ ହିଁ ପରମପୁରୁଷ, ଗଣପାତା ଓ ଲୋକଉଦ୍ଧାତା। ଭଗବାନ ରାମ, କୃଷ୍ଣ, ବୁଦ୍ଧ, ଯୀଶୁ, ମହମ୍ମଦ, ଶ୍ରୀଚୈତନ୍ୟ, ରାମକୃଷ୍ଣ ଓ କଳିଯୁଗର ଶେଷନବୀ ଭଗବାନ ଅନୁକୂଳଚନ୍ଦ୍ର ହିଁ ହେଉଛନ୍ତି ଗଣପାତା, ଲୋକ ଉଦ୍ଧାତା, ସିଦ୍ଧି ବିନାୟକ ଓ ଗଣ-ଈଶ। ଏହି ଯୁଗ ଗୁରୁଙ୍କୁ ଅନୁସରଣ କରି ତାଙ୍କର ସ୍ୱଭାବକୁ ନିଜ ଚରିତ୍ରରେ ଚରିତ୍ରାୟିତ କଲେ ହିଁ ଗଣେଶ ପୂଜା ସିଦ୍ଧି ଓ ସାର୍ଥକ ହୁଏ।


+ ପ୍ରତିରତ୍ୱିକ ଓ ଅବସରପ୍ରାପ୍ତ ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ମୋ : ୯୪୩୭୦୫୧୯୫୭


# ବିଘ୍ନନାଶନ

*'ବକ୍ରତୁଣ୍ଡ ମହାକାୟ ସୂର୍ଯ୍ୟକୋଟି ସମପ୍ରଭ*
*ନିର୍ବିଘ୍ନଂ କୁରୁମେ ଦେବ ସର୍ବକାର୍ଯେଷୁ ସର୍ବଦା'*

ପିଲାମାନେ ଚାହିଁଲେ ଗଣେଶ ପୂଜା ଉପଲକ୍ଷେ ମୁଁ ସେମାନଙ୍କୁ କିଛି କୁହେ। ମୁଁ ସେମାନଙ୍କୁ କହିଲି ମୁଁ କହିବା ଅପେକ୍ଷା ତୁମେମାନେ କୁହ। ଗୌରୀ କହିଲା ଗଣେଶଙ୍କର ହାତୀ ମୁଣ୍ଡ ଓ ବକ୍ରତୁଣ୍ଡ ବୁଝାଉଛି ଯେ ପଶୁତ୍ୱ + ମାନବତ୍ୱ ହେଉଛି ଏହି ମଣିଷ। ନନ୍ଦିନୀ କହିଲା ଗଣେଷ ହାତୀର ମୁଣ୍ଡ ଧାରଣ କରିଛନ୍ତି କାରଣ ହାତୀ ବୁଦ୍ଧିମାନ, ସାହାସୀ, ବଳଶାଳୀ, ପଥପ୍ରଦର୍ଶକ, ଯୋଦ୍ଧା ରାଜକୀୟ ଓ ଦଳବଦ୍ଧତାର ପ୍ରତୀକ। ତେଣୁ ମଣିଷ ଜ୍ଞାନ ହେଉଛି ପଶୁତ୍ୱ। ମନୁଷ୍ୟ + ଜ୍ଞାନ = ଗଣେଶ।

ଦେବୀ କହିଲା ଗଣେଶ ଚତୁର୍ଥୀରେ ଗଣେଶଙ୍କର କେତେକ ନାମକୁ ମନନ କରିବା ଉଚିତ। ଯଥା ଗଣେଶ, ଅଗ୍ରପୂଜ୍ୟ, ସୂପକର୍ଣ୍ଣ, ଗଜାନନ, ଲମ୍ବୋଦର, ଶିବନନ୍ଦନ, ପାର୍ବତୀ ନନ୍ଦନ, ଗୌରୀ ନନ୍ଦନ, ମୂଷିକ ବାହନ, ହେରମ୍ବ ଓ ବକ୍ରତୁଣ୍ଡ। ଗଣେଶ ପୂଜା ଦିନ ଗଣେଶ ସୂଚନା ଦିଅନ୍ତି ଯେ ଆମେ ଗୋଟିଏ ସୂର୍ଯ୍ୟଙ୍କୁ ଖୋଲା ଆଖିରେ ଚାହିଁ ପାରିବା ନାହିଁ। ଆଖି ଆପେ ଆପେ ବୁଜି ହୋଇଯିବ। ସେ କୋଟିଏ ସୂର୍ଯ୍ୟର ସମାହାର ଓ ବିରାଟକାୟ। ତାଙ୍କୁ ଦେଖିବା କିପରି ? ଆଖି ବନ୍ଦ କରି ଅନ୍ତର ମଧ୍ୟରେ ଦିବ୍ୟଚକ୍ଷୁ ମାଧ୍ୟମରେ ଗଣେଶଙ୍କର ଦର୍ଶନ କରିହୁଏ।

ଉର୍ବୀ କହିଲା ଭଗବାନ ଗଣେଶ ଯେଉଁ ପକ୍ଷପାତିତା କରିଛନ୍ତି ତାହା ମତେ ଭଲ ଲାଗୁନାହିଁ। ଆମକୁ ବିଜ୍ଞାନ ସାର କହୁଥିଲେ। ଖଣିଜ ପଦାର୍ଥରୁ ବୃକ୍ଷଲତା, ଗୁଳ୍ମର ସୃଷ୍ଟି ଓ ସେମାନଙ୍କ ଠାରୁ ପଶୁ ପକ୍ଷୀ ସୃଷ୍ଟି। ଏହାକୁ ଡାରୱିନଙ୍କ ବିବର୍ତ୍ତନବାଦ କୁହାଯାଏ। ମଞ୍ଜିଟିଏ ପୋତିଲେ ସେ ଜଳ, ପବନ, ମାଟିର ସଂସ୍ପର୍ଶରେ ଆସି ଆପେ ଆପେ ବୃକ୍ଷରେ ପରିଣତ ହୁଏ। ବୃକ୍ଷରେ ଆପେ ଆପେ ଫୁଲଫଳ ହୁଏ। ଫଳରେ ମଞ୍ଜି ସୃଷ୍ଟି ହୁଏ। ମଞ୍ଜି ସବୁ ମାଟିରେ ପଡ଼ି ପୁଣି ବୃକ୍ଷରେ ପରିଣତ ହୁଏ। ମଞ୍ଜିକୁ ବୃକ୍ଷରେ ପରିଣତ ହେବା ପାଇଁ ତାର ଚାହିଁବା ବା ନ ଚାହିଁବା ସ୍ୱାଧୀନତା ଦିଆଯାଇ ନାହିଁ। ପଶୁ ମାନଙ୍କୁ ସେହିପରି ବଢ଼ିବାର ସ୍ୱାଧୀନତା ଦିଆଯାଇଛି। ସେମାନେ ଚାହାଁନ୍ତୁ ବା ନ ଚାହାଁନ୍ତୁ କିନ୍ତୁ ମନୁଷ୍ୟକୁ ଏପରି ସ୍ୱାଧୀନତା ଦିଆଯାଇନାହିଁ। ସେ ମାନବରୁ ମାଧବ ହେବା ପାଇଁ ହେଲେ ତାକୁ ଚେଷ୍ଟା କରିବାକୁ ହୁଏ।



ସାହାସୀ, ଯୋଦ୍ଧା ହେବାକୁ ହୁଏ। ବୁଦ୍ଧିମାନ ହେବାକୁ ହୁଏ। ଗଣେଶ ପଥପ୍ରଦର୍ଶକ ସାଜନ୍ତି ବଳବଦ୍ଧତାର ପାଠ ପଢ଼ାନ୍ତି। ଏକତ୍ୱ ହିଁ ଦୈବତ୍ୱ ଏହା ଶିକ୍ଷା ଦିଅନ୍ତି।

ଜାନକୀ କହିଲା ପ୍ରକୃତରେ ଗଣେଶ ପୂଜା ଧାରାବାହିକ ହେବା ଉଚିତ ନୁହେଁ। ଆମେ ଧରି ନେବା ଉଚିତ ନୁହେଁ ଯେନତେନ ପ୍ରକାରେଣ ଚାନ୍ଦା ଆଦାୟ କରି ମଉଜ ମଜଲିସକରି, ଡିଜେ ବଜାଇ ବିଶୃଙ୍ଖଳ ଆଚରଣ କରି ଗଣେଶଙ୍କୁ ବିସର୍ଜନ କରିଦେଲେ ଗଣେଶ ପୂଜାର ଶେଷ ହୋଇଯାଏ ନାହିଁ। ଆମ ମାନଙ୍କୁ ଚେଷ୍ଟା କରିବାକୁ ହେବ ଅଧ୍ୟବସାୟ କରିବାକୁ ହେବ। ମାନବତ୍ୱରୁ ମାଧବତ୍ୱରେ ପହଞ୍ଚାଇବାକୁ ହେଲେ ସେଥିପାଇଁ ଚେଷ୍ଟା କରିବାକୁ ହେବ କାରଣ ଆମେ ମଞ୍ଜି ନୁହେଁ ବା ପଶୁ ନୁହେଁ। ବାଧ ହୋଇ ମତେ ସମୀକ୍ଷକ ହେବାକୁ ପଡ଼ିଲା ଉର୍ବୀ ଉଠାଇଥିବା ପକ୍ଷପାତିତା ବିଷୟରେ ମତେ ବୁଝାଇବାକୁ ପଡ଼ିଥିଲା। ମୁଁ କହିଲି ଗଣେଶ ଭଗବାନ କୌଣସି ପକ୍ଷପାତିତା କରିନାହାଁନ୍ତି ମଣିଷକୁ ଭଗବାନ ଇଚ୍ଛାଶକ୍ତି ଦେଇଛନ୍ତି ମାନବରୁ ମାଧବରେ ପରିଣତ ହେବ ପାଇଁ। ସେ ଆମ ମଧ୍ୟରେ ବିଦ୍ୟମାନ ରହି ଏପରି ଶକ୍ତିକୁ ପରିଚାଳନା କରିଛନ୍ତି। ଏପରି ଆପେ ଆପେ ହୁଏନା କି ସମୟକ୍ରମେ ହୋଇନଥାଏ ଏଥିପାଇଁ ଦରକାର ହୁଏ ବୁଦ୍ଧି, ସାହାସୀକତା, ଏକତ୍ୱ ଭାବ ଇତ୍ୟାଦି ଇତ୍ୟାଦି। ଜୀବନର ଶେଷ ପର୍ଯ୍ୟନ୍ତ ଆଧ୍ୟାତ୍ମିକ ଯୁଦ୍ଧ କରିବାକୁ ହେବ ଓ ମହାକାୟ ଗଣେଶଙ୍କର ପାଦପଦ୍ମରେ ଲୀନ ହେବାର ଖେଳ ଶେଷ କରିବାକୁ ହେବ।

ଆମେ ତାଙ୍କୁ ପ୍ରାର୍ଥନା କଲେ ଆମର ଆଧ୍ୟାତ୍ମିକ ପଥରେ ଆସୁଥିବା ବିଘ୍ନ ଦୂର ହେବ।




ଅନୀତା ପଟ୍ଟନାୟକ

+ଅବସର ପ୍ରାପ୍ତ ପ୍ରଧାପିକା, ସିଡ଼ିଏ, କଟକ,
ମୋ: ୯୬୯୨୯୮୦୦୨୬


# ଶ୍ରୀକ୍ଷେତ୍ର ଓ ଶ୍ରୀମନ୍ଦିରରେ ଗଣେଶ ଉପାସନା




ବିକ୍ରମ ମହାପାତ୍ର




ଉତ୍କଳୀୟ ପରମ୍ପରାରେ ଗଣପତି ଉପାସନା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଉତ୍କଳୀୟ ମାନଙ୍କର ପରମାରାଧ୍ୟ ଶ୍ରୀକ୍ଷେତ୍ରର ଶ୍ରୀମନ୍ଦିରରେ ମହାପ୍ରଭୁ ଜଗନ୍ନାଥଙ୍କ ସମେତ ପଞ୍ଚଦେବତାଙ୍କ ଉପାସନା କାହିଁ କେଉଁ କାଳରୁ ଅନସୃତ ହୋଇ ଆସୁଛି। କୁହାଯାଏ, ଏଠାରେ ଶ୍ରୀଜଗନ୍ନାଥ ମନ୍ଦିର ନିର୍ମାଣ ହେବା ପରେ ଓ ପ୍ରତିଷ୍ଠା ପୂର୍ବରୁ କଳ୍ପବଟ ତଳେ ଥିବା ଗଣେଶ ପ୍ରତିଷ୍ଠା ହୋଇଥିଲେ। ରୀତି ଅନୁଯାୟୀ ପ୍ରଥମେ ତାଙ୍କର ପୂଜା କରାଯାଇଥିଲା।

**ଶ୍ରୀଜଗନ୍ନାଥଙ୍କ ଗଜାନନ ବେଶ :** ପଞ୍ଚଦଶ ଶତାବ୍ଦୀରେ ମହାରାଷ୍ଟ୍ରରୁ ମହାଗଣାପତ୍ୟ ସମ୍ପ୍ରଦାୟର ଗଣପତି ଭଟ୍ଟ ନାମରେ ଜନୈକ ସାଧୁ ଶ୍ରୀକ୍ଷେତ୍ର ଆସିଥିଲେ। ସେ ପୁରାଣ ଶାସ୍ତ୍ରରୁ ଶ୍ରୀଜଗନ୍ନାଥଙ୍କୁ ପରମବ୍ରହ୍ମ ବୋଲି ଜାଣି ତାଙ୍କ ଠାରେ ନିଜର ଇଷ୍ଟ ଗଣପତିଙ୍କୁ ଦର୍ଶନ କରିବା ଲାଳସାରେ ଧାଇଁ ଆସିଥିଲେ ଏଠାକୁ। ସେ ମନେ ମନେ ସ୍ଥିର କରିଥିଲେ ଯେ ଯଦି ନୀଳାଚଳନାୟକ ପ୍ରକୃତରେ ପରଂବ୍ରହ୍ମ, ତେବେ ସେ ମୋତେ ମୋର ଇଷ୍ଟ ଗଣପତି ରୂପରେ ନିଶ୍ଚିୟ ଦର୍ଶନ ଦେବେ। ତାଙ୍କ ଆଗମନ ସମୟକୁ ମହାପ୍ରଭୁ ସ୍ନାନ ମଣ୍ଡପରେ ବିଜେ କରି ଅଛନ୍ତି। ସେତାଙ୍କର କିମ୍ଭୂତ କିମାକାର ରୂପ ଦେଖି ହେଲେ ଚକିତ। ତାଙ୍କ ଇଷ୍ଟଙ୍କୁ ଦର୍ଶନ ପାଇ ସେ ନିରାଶରେ ଫେରିଗଲେ।

ମୁକ୍ତେଶ୍ୱରଙ୍କର ପାଖରେ ପହଞ୍ଚି ସେ ଶୂନ୍ୟବାଣୀ ଶୁଣି ପୁନଶ୍ଚ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କଲେ। ଦେଖିଲେ ଶ୍ରୀବଳଭଦ୍ର ହରିଦ୍ରା ଗଣେଶ ରୂପରେ, ଶ୍ରୀଜଗନ୍ନାଥ ଖାଦିର ଗଣେଶ ରୂପେ ଓ ମା'ସୁଭଦ୍ରା ମାତଙ୍ଗୀ ରୂପରେ ସ୍ନାନ ମଣ୍ଡପରେ ବିଜେ କରିଅଛନ୍ତି। ଏହା ଦେଖି ଗଣପତି ଭଟ୍ଟଙ୍କର ମୋହ ତୁଟିଗଲା। ସେ ଅନୁଭବ କଲେ ମହାପ୍ରଭୁ ପରଂବ୍ରହ୍ମ ଅଟନ୍ତି। ସେ ହେଉଛନ୍ତି ଗଣେଶ, ଶିବ, ଶିବା ଓ ସୂର୍ଯ୍ୟ। ସେ ନିଜେ ଭଗବତ ଗୀତାରେ କହିଛନ୍ତି, 'ମୋତେ ଯିଏ ଯେଉଁପରି ଭାବେ ମୁଁ ତାକୁ ସେହିପରି ଫଳ ଦିଏ।'

**ଶ୍ରୀବଟ ଗଣେଶ :** ବେଢ଼ା ପରିକ୍ରମା କଲାବେଳେ ଆମେ ଶ୍ରୀମନ୍ଦିରରେ ପହଞ୍ଚିଲେ ଯେଉଁ ପ୍ରତିମା ଗଣେଶଙ୍କ ପ୍ରଥମେ ଦର୍ଶନ କରୁ ସେ ହେଲେ ବଟଗଣେଶ। କଳ୍ପବଟ ମୂଳେ ପ୍ରତିଷ୍ଠିତ ଶ୍ରୀବଟଗଣେଶ କଳ୍ପବଟ ସହିତ ଏଭଳି ଅଙ୍ଗାଙ୍ଗୀ ଭାବେ ଜଡ଼ିତ ଯେ ଶ୍ରୀମନ୍ଦିର ଭିତରେ ସେ କଳ୍ପବଟର ଏକ ଶାଖା ସଂଲଗ୍ନ ହୋଇ ରହିଛନ୍ତି। ଅତିବଡ଼ୀ ଜଗନ୍ନାଥ ଦାସ ବଟଗଣେଶ ମୂଳରେ ବସି ଓଡ଼ିଆ ଭାଗବତ ରଚନା କରିଥିଲେ। ପ୍ଲଟ ନଂ ୯୫ରେ କଳ୍ପବଟ ମୂଳରେ ଅବସ୍ଥାନ କରୁଥିବା ଏହି ଦକ୍ଷିଣାଭିମୁଖୀ ଗଣେଶଙ୍କୁ କେହି କେହି କଳ୍ପ ଗଣେଶ, ସିଦ୍ଧ ଗଣେଶ, ଚିନ୍ତାମଣି ଗଣେଶ ବୋଲି ଅଭିହିତ କରିଥାନ୍ତି।

**ଶ୍ରୀନୃତ୍ୟ ଗଣେଶ :** ଶ୍ରୀମନ୍ଦିର ବେଢ଼ାର ଜଳକ୍ରୀଡ଼ା ମଣ୍ଡପ ପଛକୁ ରହିଛି ଦକ୍ଷିଣାଭିମୁଖୀ ୩୫ ଫୁଟ ଉଚ୍ଚତା ବିଶିଷ୍ଟ ଏକ ଅତ୍ୟୁଚ୍ଚ ମନ୍ଦିର। ଏଥିରେ ଛଅଫୁଟ ଉଚ୍ଚତା ବିଶିଷ୍ଟ ସିଂହାସନ ଉପରେ ଏହି ଗଣେଶ ଶକ୍ତି ଉପରେ ନୃତ୍ୟରତ। ଗଜପତି ପୁରୁଷୋତ୍ତମଦେବଙ୍କ ଦ୍ୱାରା ଏହି ବିଗ୍ରହ କାଞ୍ଚିରୁ ଅଣାଯାଇଥିଲା।

ଏହାଙ୍କୁ ସମସ୍ତେ ନାଚୁଆ ଗଣେଶ ବା କାଞ୍ଚିଖୁରି ଗଣେଶ ବୋଲି ଜାଣନ୍ତି। ଉପର ବାମ ଓ ଡାହାଣ ହସ୍ତରେ ଯଥାକ୍ରମେ ସର୍ପର ଲାଞ୍ଜ ଓ ଫଣା ଗଣେଶଙ୍କ ଉପରି ଭାଗରେ ବୃତ୍ତାକାରରେ ରହିଛି।

**କାଞ୍ଚି ଗଣେଶ :** ଶ୍ରୀମନ୍ଦିର ଭିତର ବେଢ଼ାର ପଶ୍ଚିମ ପାର୍ଶ୍ୱରେ ସାକ୍ଷୀଗୋପାଳ ମନ୍ଦିରକୁ ଲାଗି ରହିଛି କାଞ୍ଚି ଗଣେଶ ମନ୍ଦିର। ଶ୍ରୀମନ୍ଦିରର ପ୍ଲଟ ନଂ ୬୫ରେ ପ୍ରାୟ ୨୨ଫୁଟ ଉଚ୍ଚତା ବିଶିଷ୍ଟ ଏହି ମନ୍ଦିରରେ କଳାମୁଗୁନି ପଥରରେ ନିର୍ମିତ ପାଞ୍ଚଫୁଟ ଉଚ୍ଚତାର ଏକ ସୁଦୃଶ୍ୟ ଗଣେଶ ବିଗ୍ରହ ଶୋଭା ପାଉଅଛନ୍ତି। ବିଗ୍ରହ ପଛପଟେ ଏକ ପଥରର ଦ୍ୱିତୀୟା ଚନ୍ଦ୍ରାକୃତି ପ୍ରଭା ରହିଅଛି। ସିଂହାସନ ଉପରେ ଦକ୍ଷିଣ ଗୋଡ଼ ପାଦଭୂମିକୁ ସ୍ପର୍ଶ କରୁଥିବାବେଳେ ବାମଗୋଡ଼ ମୋଡ଼ି ହୋଇ ବସିବା ମୁଦ୍ରାରେ ରହିଛନ୍ତି।

ହସ୍ତସଂଖ୍ୟା ୪ ଉପର ଡାହାଣ ହାତରେ ଏକ ଭଗ୍ନଦନ୍ତ, ତଳ ଡାହାଣ ହାତରେ ଜପାମାଳା, ଉପର ବାମ ହାତରେ ପରଶୁ ଧାରଣ କରିଥିବା ବେଳେ ତଳ ବାମ ହାତରେ ପରଶୁ ଧାରଣ କରିଥିବାବେଳେ ତଳ ବାମ ହାତରେ ସିଦ୍ଧି ଦେବୀଙ୍କୁ ଆଲିଙ୍ଗନ କରୁଛନ୍ତି। କର୍ଣ୍ଣାଟକୀ ଶୈଳୀରେ ନିର୍ମିତ ଚତୁର୍ଭୁଜ ବିଶିଷ୍ଟ ଏହି ମୂର୍ତ୍ତି ସମାଧି ଅବସ୍ଥାରେ ବିରାଜମାନ।

**ଶ୍ରୀକ୍ଷେତ୍ରରେ ଅବସ୍ଥିତ ଗଣେଶ :** ଶ୍ରୀମନ୍ଦିର ବେଢ଼ା ଭିତରେ ଅନେକ ଗଣେଶ ପୂଜା ପାଉଛନ୍ତି। ସେଭଳି ଶ୍ରୀମନ୍ଦିର ବେଢ଼ା ବାହାରେ ମଧ୍ୟ ଶ୍ରୀକ୍ଷେତ୍ରର ବିଭିନ୍ନ ସ୍ଥାନରେ ଗଣେଶଙ୍କ ଉପାସନା ଚାଲିଛି।

**ଗଣେଶ ଗୁରୁଜରେ ଚାରଗଣେଶ :** ବଡ଼ଦାଣ୍ଡର ବାମଭାଗରେ ନରେନ୍ଦ୍ର ପୁଷ୍କରିଣୀକୁ ଯିବା ରାସ୍ତାରେ ଏହି ଗଣେଶ ଜାଗାଟି ଅବସ୍ଥିତ। ଏଠାରେ ମୁଖ୍ୟଦେବତା ରୂପେ ପୂଜା ପାଉଥିବା ଠାକୁରଙ୍କୁ ଚାରଗଣେଶ ବୋଲି କୁହାଯାଏ। କିମ୍ବଦନ୍ତୀ କୁହେ ଶ୍ରୀଜଗନ୍ନାଥ ମନ୍ଦିର ନିର୍ମାଣ ହେବା ସମୟରେ ଏହିଠାରୁ ଚାର ବନ୍ଧାଯାଇ ପଥର କୁହାଯାଉଥିଲା ଓ ବିଘ୍ନନାଶକ ଶ୍ରୀଗଣେଶଙ୍କୁ ସ୍ଥାପନ କରାଯାଇ ଏହିଠାରେ ଭାଡ଼ି ବନ୍ଧାଯାଇଥିଲା।

**ଶ୍ରୀକପାଳମୋଚନ ମହାଦେବ ମନ୍ଦିରରେ ସିଦ୍ଧ ବିନାୟକ :** ପ୍ରାଚୀନ ସମୟରୁ ପ୍ରତିଷ୍ଠିତ ଏହି ମନ୍ଦିର ପୁରୀ ସହରରେ ମଣିକର୍ଣ୍ଣିକା ସାହିର ଅଗ୍ରଭାଗରେ ତଥା ଗାଣ୍ଡୁଆ ଚଉରାଛକ ନିକଟରେ ଅବସ୍ଥିତ। ଏହି ମନ୍ଦିରର ଚତୁଃପାର୍ଶ୍ୱରେ ଉଚ୍ଚପ୍ରସ୍ତର ପ୍ରାଚୀର ଘେରି ରହିଛି। ମନ୍ଦିର ପରିସରଟି ୮୦/୯୦ ଫୁଟ ଓସାର ପରିମିତ ମଧ୍ୟରେ ଅବସ୍ଥିତ। ଶ୍ରୀମନ୍ଦିରର ଦକ୍ଷିଣଦ୍ୱାର ଠାରୁ ଶ୍ରୀଲୋକନାଥ ମନ୍ଦିରକୁ ଯାଇଥିବା ମୁଖ୍ୟ ରାସ୍ତାର ବାମପାର୍ଶ୍ୱରେ ଅବସ୍ଥିତ ଏହି ମନ୍ଦିରର ଏକ ମାତ୍ର ପ୍ରବେଶ ଦ୍ୱାର ରହିଅଛି। ରାସ୍ତା ପତନ ଠାରୁ ପ୍ରାୟ ୧୨ ଗୋଟି ପାହାଚ ଅତିକ୍ରମ କରିବା ପରେ ମନ୍ଦିରର ବେଢ଼ାକୁ ପ୍ରବେଶ କରିବାକୁ ହୋଇଥାଏ। ପବିତ୍ର ଗଣେଶ ପୂଜା ଅବସରରେ ଭଗବାନ ଶ୍ରୀଗଣେଶ ସମସ୍ତଙ୍କୁ ଆଶୀର୍ବାଦ ପ୍ରଦାନ କରନ୍ତୁ ଏହା ହିଁ ପ୍ରାର୍ଥନା।




+ 'ଆନନ୍ଦ ଜ୍ୟୋତ୍ସ୍ନା' ଚଣ୍ଡୀମନ୍ଦିର ଅଞ୍ଚଳ, କଟକ

# ଅନଲାଇନ୍ ବେଟିଂ ଆପ୍: ସର୍ବସ୍ୱାନ୍ତ ହେଉଛନ୍ତି ସାଧାରଣ ପରିବାର

ଡିଜିଟାଲ୍ ବିପ୍ଲବ ଭାରତ ପାଇଁ ଏକ ନୂତନ ଆଶାର କିରଣ ନେଇ ଆସିଥିଲା, ଯାହା ଶିକ୍ଷା, ଆର୍ଥିକ ଅନ୍ତର୍ଭୁକ୍ତିକରଣ ଏବଂ ବିଶ୍ୱସ୍ତରୀୟ ସଂଯୋଗର ଏକ ମାଧ୍ୟମ ହେବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା । କିନ୍ତୁ ଏହି ବୈଷୟିକ ଉନ୍ନତିର ଅନ୍ଧକାର ପଛରେ ଏକ ନୀରବ ତଥା ମାରାତ୍ମକ ମହାମାରୀ ଲୁଚି ରହିଛି, ଯାହା ଆଜି ହଜାର ହଜାର ଯୁବକ ଏବଂ ସେମାନଙ୍କ ପରିବାରର ଜୀବନ, ଜୀବିକା ଏବଂ ଭବିଷ୍ୟତକୁ ଧ୍ୱଂସ କରୁଛି। ତେଲେଙ୍ଗାନାର ନିଜାମାବାଦ ଜିଲ୍ଲା ଅନ୍ତର୍ଗତ ୟେଦାପଲ୍ଲୀ ଗ୍ରାମର ବାଇଶି ବର୍ଷୀୟ ଯୁବକ ହରିଶଙ୍କ ଦୁଃଖଦ କାହାଣୀ ଏହି ସଙ୍କଟର ଏକ ଜ୍ୱଳନ୍ତ ଉଦାହରଣ ଅଟେ । କୋଭିଡ୍ ମହାମାରୀ ସମୟରେ ସ୍ମାର୍ଟଫୋନ୍ ମାଧ୍ୟମରେ ଛୋଟ ଛୋଟ ବାଜି ଲଗାଇବାରୁ ଆରମ୍ଭ ହୋଇଥିବା ଏହି ଖେଳ ଶେଷରେ ତାଙ୍କୁ ପ୍ରାୟ ୧୮ ଲକ୍ଷ ଟଙ୍କାର ବିପୁଳ ଋଣଭାରରେ ବୁଡ଼ାଇ ଦେଇଥିଲା । ତାଙ୍କ ପିତା ରଙ୍ଗାନବେନି ସୁରେଶ ଜଣେ ସାଧାରଣ କୃଷକ ଥିଲେ ଏବଂ ମାତା ହେମଲତା ତାଙ୍କୁ ସାହାଯ୍ୟ କରୁଥିଲେ । ନିଜ ପୁଅକୁ ଏହି ଆର୍ଥିକ ସଙ୍କଟରୁ ଉଦ୍ଧାର କରିବା ପାଇଁ ସେମାନେ ନିଜର ଜମି ବିକ୍ରି କରିଦେଇଥିଲେ ଏବଂ ଏପରିକି କ୍ୟାଟରିଂ କାମ ମଧ୍ୟ କରିଥିଲେ । ତଥାପି ଗାଁର ପ୍ରାୟ ବାର ଜଣ ଲୋକଙ୍କଠାରୁ ଆଣିଥିବା ଋଣର ଚାପ ଏତେ ଅଧିକ ଥିଲା ଯେ, ଶେଷରେ ଅକ୍ଟୋବର ତିନି ତାରିଖ, ଦୁଇ ହଜାର ଚବିଶ ମସିହାରେ ହରିଶ ଏବଂ ତାଙ୍କ ପିତାମାତା ନିଜ ଘରେ ଆତ୍ମହତ୍ୟା କରିଥିଲେ । ଏହା କେବଳ ଗୋଟିଏ ପରିବାରର କାହାଣୀ ନୁହେଁ, ବରଂ ଏହା ସମଗ୍ର ଭାରତବର୍ଷରେ ବ୍ୟାପିଥିବା ଅନ୍‌ଲାଇନ୍ ଜୁଆ ସଙ୍କଟର ଏକ ଭୟଙ୍କର ପ୍ରତିଫଳନ, ଯେଉଁଠାରେ ବେଟିଂ ଆପ୍‌ଗୁଡ଼ିକର ଚକମକ ବିଜ୍ଞାପନ ପଛରେ ଏକ ନିର୍ଦ୍ଦୟ ଶୋଷଣ ବ୍ୟବସ୍ଥା ଲୁଚି ରହିଛି ।

ଏହି ସଙ୍କଟର ବ୍ୟାପକତାକୁ ବୁଝିବାକୁ ହେଲେ ଆମକୁ ବ୍ୟକ୍ତିଗତ ଘଟଣାଗୁଡ଼ିକରୁ ଊର୍ଦ୍ଧ୍ୱକୁ ଯାଇ ଭାରତର ଅନ୍‌ଲାଇନ୍ ଗେମିଂ ଏବଂ ଜୁଆ ଶିଳ୍ପର ଆଶ୍ଚର୍ଯ୍ୟଜନକ ତଥ୍ୟ ଉପରେ ଦୃଷ୍ଟିପାତ କରିବାକୁ ପଡ଼ିବ । ଶିଳ୍ପ ରିପୋର୍ଟ ଅନୁଯାୟୀ, ୨୦୨୪ ମସିହା ସୁଦ୍ଧା ଭାରତରେ ପ୍ରାୟ ୫୯୧ ନିୟୁତ ଗେମର୍ ଥିଲେ ଏବଂ ଏହି କ୍ଷେତ୍ରରୁ ପ୍ରାୟ ୩.୭ ବିଲିୟନ ଡଲାରର ରାଜସ୍ୱ ଆଦାୟ ହୋଇଥିଲା । ଆକଳନ କରାଯାଇଛି ଯେ ୨୦୨୯ ମସିହା ସୁଦ୍ଧା ଏହା ଦ୍ୱିଗୁଣିତ ହୋଇ ୯.୧ ବିଲିୟନ ଡଲାରରେ ପହଞ୍ଚିବ । ସବୁଠାରୁ ଉଦ୍‌ବେଗଜନକ ବିଷୟ ହେଉଛି, ଏହି ଶିଳ୍ପର ମୋଟ ରାଜସ୍ୱର ପ୍ରାୟ ଛୟାଅଶୀ ପ୍ରତିଶତ କେବଳ ଅର୍ଥ ବିନିଯୋଗ ହେଉଥିବା ଖେଳ ବା ରିଏଲ୍-ମନି ଗେମିଂରୁ ଆସିଥାଏ । ଯଦିଓ ଆଇନଗତ ଦକ୍ଷତା-ଭିତ୍ତିକ ଖେଳଗୁଡ଼ିକର ବଜାର ମୂଲ୍ୟ ତିନି ବିଲିୟନ ଡଲାର ପାଖାପାଖି ଅଟେ, ତଥାପି ବେଆଇନ ବିଦେଶୀ ବେଟିଂ ବଜାରର ଆକାର ଆହୁରି ଭୟଙ୍କର ଅଟେ । କିଛି ଆକଳନ ଅନୁଯାୟୀ, ଏହି ବେଆଇନ ବଜାରରେ ବାର୍ଷିକ କୋଡ଼ିଏରୁ ତିରିଶ ବିଲିୟନ ଡଲାରରୁ ଆରମ୍ଭ କରି ଏକ ଶହ ବିଲିୟନ ଡଲାର ପର୍ଯ୍ୟନ୍ତ କାରବାର ହେଉଛି । ଇଣ୍ଡିଆନ୍ ପ୍ରିମିୟର୍ ଲିଗ୍ ଭଳି ଲୋକପ୍ରିୟ କ୍ରୀଡ଼ା ପ୍ରତିଯୋଗିତା ସମୟରେ ଏହି ବେଆଇନ ବେଟିଂ ଆହୁରି ବୃଦ୍ଧି ପାଇଥାଏ । ଏହି ବିପୁଳ ଆର୍ଥିକ କ୍ଷତିର ମାନବୀୟ ମୂଲ୍ୟ ପୋଲିସ ରେକର୍ଡ ଏବଂ ରାଜ୍ୟ ବିଧାନସଭା ରିପୋର୍ଟଗୁଡ଼ିକରେ ସ୍ପଷ୍ଟ ଭାବରେ ପ୍ରତିଫଳିତ ହେଉଛି । ଉଦାହରଣସ୍ୱରୂପ, ତେଲେଙ୍ଗାନାରେ ଗତ ତିନି ବର୍ଷ ମଧ୍ୟରେ ଅନ୍‌ଲାଇନ୍ ଜୁଆ କାରଣରୁ ୫୧ ଜଣ ବ୍ୟକ୍ତି ଆତ୍ମହତ୍ୟା କରିଛନ୍ତି ଏବଂ ୧୪୫୬ଟି ଠକେଇ ମାମଲା ରୁଜୁ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ । ସେହିପରି ପଡ଼ୋଶୀ ରାଜ୍ୟ କର୍ଣ୍ଣାଟକରେ ୨୦୨୩ ମସିହାଠାରୁ ଅନ୍‌ଲାଇନ୍ ଜୁଆ ସହ ଜଡ଼ିତ ବତିଶଟି ଆତ୍ମହତ୍ୟା ମାମଲା ପୋଲିସ ରେକର୍ଡଭୁକ୍ତ ହୋଇଛି । ତେବେ ଅଧିକାରୀମାନେ ସ୍ୱୀକାର କରନ୍ତି ଯେ ପ୍ରକୃତ ସଂଖ୍ୟା ଏହାଠାରୁ ଯଥେଷ୍ଟ ଅଧିକ ହୋଇପାରେ, କାରଣ ଅନେକ ମାମଲା ନିଖୋଜ ବ୍ୟକ୍ତିଙ୍କ ଫାଇଲ୍ ଏବଂ ଅଲିଖିତ ଦୁର୍ଘଟଣା ମଧ୍ୟରେ ଲୁଚି ରହିଯାଏ ।

ଏହି ଜୁଆ ପ୍ଲାଟଫର୍ମଗୁଡ଼ିକର ଗଠନଶୈଳୀ କୌଣସି ସାଧାରଣ ଖେଳ ନୁହେଁ, ବରଂ ଏହା ଏକ ସୁଚିନ୍ତିତ ମନସ୍ତାତ୍ତ୍ୱିକ ଫାଶ ଅଟେ ଯାହା ମଣିଷର ଦୁର୍ବଳତାକୁ ଶୋଷଣ କରିବା ପାଇଁ ଡିଜାଇନ୍ କରାଯାଇଛି। ଏହାର କାର୍ଯ୍ୟପ୍ରଣାଳୀ ନିଶା ଅର୍ଥନୀତିର ମୂଳ ସିଦ୍ଧାନ୍ତ ଉପରେ ଆଧାରିତ, ଯେଉଁଠାରେ ତୁରନ୍ତ ସନ୍ତୁଷ୍ଟି, ଅଳ୍ପକେ ହାରିଯିବାର ଭ୍ରମ ଏବଂ ଅପ୍ରତ୍ୟାଶିତ ପୁରସ୍କାରର ଉତ୍ତେଜନା ଖେଳାଳିମାନଙ୍କୁ ବାନ୍ଧି ରଖିଥାଏ । ଯେତେବେଳେ ଜଣେ ଉପଭୋକ୍ତା ଅଳ୍ପ ପରିମାଣର ଅର୍ଥ ହରାନ୍ତି, ସେତେବେଳେ ସେହି କ୍ଷତିର ଭରଣା କରିବା ପାଇଁ ତୁରନ୍ତ ଏକ ବଡ଼ ବାଜି ଲଗାଇବାର ମାନସିକ ପ୍ରବୃତ୍ତି ଜାଗ୍ରତ ହୁଏ, ଯାହା ଋଣର ଏକ ଅନ୍ତହୀନ ଚକ୍ରବ୍ୟୂହ ସୃଷ୍ଟି କରେ । ଭାରତର ସୁଦୃଢ଼ ଡିଜିଟାଲ୍ ଭିତ୍ତିଭୂମି ଏହି ଶୋଷଣ ପ୍ରକ୍ରିୟାକୁ ଆହୁରି ତ୍ୱରାନ୍ୱିତ କରିଛି । ଦେଶରେ ଛଅ ଶହ ନିୟୁତରୁ ଅଧିକ ସ୍ମାର୍ଟଫୋନ୍ ବ୍ୟବହାରକାରୀ ଅଛନ୍ତି ଏବଂ ୟୁନିଫାଇଡ୍ ପେମେଣ୍ଟସ୍ ଇଣ୍ଟରଫେସ୍ ମାଧ୍ୟମରେ ପ୍ରତି ମାସରେ ବିଲିୟନ ବିଲିୟନ କାରବାର ଅତି ସହଜରେ ହେଉଛି । ଫଳସ୍ୱରୂପ, ବାଜି ଲଗାଇବାର ଇଚ୍ଛା ଏବଂ ଟଙ୍କା ଟ୍ରାନ୍ସଫର୍ କରିବାର ପ୍ରକ୍ରିୟା ମଧ୍ୟରେ ଥିବା ସମୟ ବ୍ୟବଧାନ ସମ୍ପୂର୍ଣ୍ଣ ରୂପେ ଶେଷ ହୋଇଯାଇଛି । ଏହା ସହିତ, ଏହି ପ୍ଲାଟଫର୍ମଗୁଡ଼ିକ ଆକ୍ରମଣାତ୍ମକ ଡିଜିଟାଲ୍ ମାର୍କେଟିଂ ଉପରେ ବିପୁଳ ଅର୍ଥ ବିନିଯୋଗ କରୁଛନ୍ତି । ସେମାନେ ନିଜ ରାଜସ୍ୱର ପ୍ରାୟ ଅଧା ଅଂଶ ଇନ୍‌ଫ୍ଲୁଏନ୍ସର୍ ପ୍ରମୋସନ୍ ଏବଂ ସେଲିବ୍ରିଟି ବିଜ୍ଞାପନରେ ଖର୍ଚ୍ଚ କରୁଛନ୍ତି । ଏହି ବିଜ୍ଞାପନଗୁଡ଼ିକ ଫାଣ୍ଟାସି ସ୍ପୋର୍ଟସ୍ କିମ୍ବା ସାଧାରଣ ଗେମ୍ ରିଭ୍ୟୁ ନାମରେ ଯୁବପିଢ଼ିଙ୍କୁ ଆକୃଷ୍ଟ କରୁଛନ୍ତି, ଯେଉଁମାନେ ଅନ୍‌ଲାଇନ୍ ପରିଚୟ ଏବଂ ସହଜ ଅର୍ଥ ଉପାର୍ଜନକୁ ନିଜର ସାମାଜିକ ମର୍ଯ୍ୟାଦା ବୋଲି ଭାବି ନେଉଛନ୍ତି । ୟୁନିସେଫ୍ ଭଳି ଆନ୍ତର୍ଜାତୀୟ ସଂସ୍ଥାର ରିପୋର୍ଟ ଅନୁଯାୟୀ, ଭାରତରେ ପିଲାମାନେ ଦୈନିକ ବିପୁଳ ପରିମାଣର ଅର୍ଥ ଅନ୍‌ଲାଇନ୍ ଜୁଆରେ ଖର୍ଚ୍ଚ କରୁଛନ୍ତି, ଯାହା ସେମାନଙ୍କୁ ଆଗାମୀ ଆର୍ଥିକ ବିନାଶ ଆଡ଼କୁ ଟାଣି ନେଉଛି ।

ଏହି ମାନସିକ ଶୋଷଣକୁ ଆହୁରି ଭୟଙ୍କର କରୁଛି ଅନ୍‌ଲାଇନ୍ ଜୁଆ ପ୍ଲାଟଫର୍ମ ସହିତ ସମାନ୍ତରାଳ ଭାବରେ ବଢୁଥିବା ବେଆଇନ ଋଣ ପ୍ରଦାନକାରୀ ଆପ୍‌ଗୁଡ଼ିକର ଇକୋସିଷ୍ଟମ୍ । ଯେତେବେଳେ ଖେଳାଳିମାନେ ନିଜର ସମସ୍ତ ସଞ୍ଚିତ ଅର୍ଥ ହରାଇ ବସନ୍ତି, ସେତେବେଳେ ସେମାନଙ୍କୁ ଇନ୍‌ଷ୍ଟାଣ୍ଟ୍ ଲୋନ୍ ଆପ୍ ଆଡ଼କୁ ଆକର୍ଷିତ କରାଯାଏ । ଏହି ଆପ୍‌ଗୁଡ଼ିକ କୌଣସି କାଗଜପତ୍ର, କ୍ରେଡିଟ୍ ଚେକ୍ କିମ୍ବା ବନ୍ଧକ ବିନା ତୁରନ୍ତ ଋଣ ପ୍ରଦାନ କରିଥାନ୍ତି । ଏହି ଅନିୟନ୍ତ୍ରିତ ମାଇକ୍ରୋ-ଲେଣ୍ଡିଂ ଆପ୍‌ଗୁଡ଼ିକ ତୁରନ୍ତ ନଗଦ ଅର୍ଥ ଯୋଗାଇ ଦେଇ ଜୁଆ ଖେଳିବାର ନିଶାକୁ ବଜାୟ ରଖନ୍ତି, କିନ୍ତୁ ଅନ୍ୟପକ୍ଷରେ ଉପଭୋକ୍ତାଙ୍କୁ ଅତ୍ୟଧିକ ସୁଧ ହାର ଏବଂ ଆକ୍ରମଣାତ୍ମକ ଆଦାୟ ପ୍ରକ୍ରିୟାର ଜାଲରେ ଛନ୍ଦି ଦିଅନ୍ତି । ଏହି ଆର୍ଥିକ ବୋଝ କେବଳ ବ୍ୟକ୍ତିବିଶେଷଙ୍କ ଉପରେ ପଡ଼େ ନାହିଁ, ବରଂ ଏହାର ପ୍ରଭାବ ସମଗ୍ର ପରିବାର ଉପରେ ପଡ଼ିଥାଏ । ପିଲାମାନଙ୍କୁ ସାମାଜିକ ଲଜ୍ଜା ଏବଂ ଋଣଦାତାଙ୍କ ଆକ୍ରମଣରୁ ରକ୍ଷା କରିବା ପାଇଁ ପିତାମାତାମାନେ ନିଜର ପୈତୃକ ସମ୍ପତ୍ତି ବିକ୍ରି କରିବାକୁ, ଅଳଙ୍କାର ବନ୍ଧା ପକାଇବାକୁ ଏବଂ ବିପୁଳ ଋଣଭାର ମୁଣ୍ଡାଇବାକୁ ବାଧ୍ୟ ହୁଅନ୍ତି । ମହୀଶୂରରେ ଘଟିଥିବା ଏକ ସାମ୍ପ୍ରତିକ ଘଟଣା ଏହାର ଏକ ହୃଦୟବିଦାରକ ଉଦାହରଣ, ଯେଉଁଠାରେ ଅନ୍‌ଲାଇନ୍ ଗେମ୍ ମାଧ୍ୟମରେ ଅଶୀ ଲକ୍ଷ ଟଙ୍କାର ଋଣଭାର ସହି ନପାରି ଗୋଟିଏ ପରିବାରର ତିନି ଜଣ ସଦସ୍ୟ ଚବିଶ ଘଣ୍ଟା ମଧ୍ୟରେ ଆତ୍ମହତ୍ୟା କରିଥିଲେ ।

ଏହି ଡିଜିଟାଲ୍ ମହାମାରୀର ଶିକାର କେବଳ କୌଣସି ନିର୍ଦ୍ଦିଷ୍ଟ ବର୍ଗର ଲୋକ ହେଉନାହାଁନ୍ତି, ବରଂ ଏହା ପ୍ରମାଣିତ କରୁଛି ଯେ ସହଜ ଅର୍ଥର ମୋହ ଶିକ୍ଷା ଏବଂ ସାମାଜିକ ସ୍ଥିତିର ସୀମା ଅତିକ୍ରମ କରିସାରିଛି। ଦେଶର ପ୍ରମୁଖ ଇଞ୍ଜିନିୟରିଂ ପ୍ରତିଷ୍ଠାନର ଛାତ୍ରଙ୍କ ଠାରୁ ଆରମ୍ଭ କରି ଅଟୋ-ରିକ୍ସା ଚାଳକ, କ୍ଷୁଦ୍ର ବ୍ୟବସାୟୀ, ପୋଲିସ କର୍ମଚାରୀ ଏବଂ ଦରମାପ୍ରାପ୍ତ କର୍ମଚାରୀଙ୍କ ପର୍ଯ୍ୟନ୍ତ ସମସ୍ତେ ଏହାର ଶିକାର ହେଉଛନ୍ତି । ଉଦାହରଣସ୍ୱରୂପ, ତେଲେଙ୍ଗାନାରେ ଜଣେ ପଚିଶ ବର୍ଷୀୟ ଇଞ୍ଜିନିୟରିଂ ଛାତ୍ର ପବନ ନିଜର ଆଇଫୋନ୍ ଏବଂ ବାଇକ୍ ବିକ୍ରି କରିବା ପରେ ଜୁଆରେ ସବୁକିଛି ହରାଇ ଆତ୍ମହତ୍ୟା କରିଥିଲେ । ଏକ ଶସ୍ତା ସ୍ମାର୍ଟଫୋନ୍ ଏବଂ ଇଣ୍ଟରନେଟ୍ ସଂଯୋଗ ଥିବା ଯେକୌଣସି ବ୍ୟକ୍ତି ପାଇଁ ଏହି ବିନାଶର ରାସ୍ତା ଖୋଲା ରହିଛି । ମନୋବିଜ୍ଞାନୀ ଏବଂ ସମାଜସେବୀମାନେ ଜୁଆ ଖେଳିବାର ମାନସିକ ବିକୃତି ବୃଦ୍ଧି ପାଉଥିବା ନେଇ ଗମ୍ଭୀର ଚେତାବନୀ ଦେଉଛନ୍ତି । ଏହି ସମସ୍ୟା ଅତ୍ୟଧିକ ଉଦ୍‌ବେଗ, ଗଭୀର ନୈରାଶ୍ୟ ଏବଂ ମାଦକ ଦ୍ରବ୍ୟ ସେବନ ଭଳି ଅନ୍ୟାନ୍ୟ ମାନସିକ ସମସ୍ୟା ସହିତ ଜଡ଼ିତ ଅଟେ । ଗବେଷଣାରୁ ଜଣାପଡ଼ିଛି ଯେ, ନିଶାଗ୍ରସ୍ତ ବ୍ୟକ୍ତିଙ୍କ ତୁଳନାରେ ଜୁଆ ନିଶାରେ ପୀଡ଼ିତ ବ୍ୟକ୍ତିଙ୍କ ମଧ୍ୟରେ ଆତ୍ମହତ୍ୟା ହାର ସର୍ବାଧିକ ରହିଥାଏ । ଆର୍ଥିକ ବିନାଶର ଲଜ୍ଜା ଏବଂ ପରିବାରର ବିଶ୍ୱାସ ଭାଙ୍ଗିବାର ଅପରାଧବୋଧ ସେମାନଙ୍କ ମନରେ ଏକ ଅସହ୍ୟ ନିରାଶା ସୃଷ୍ଟି କରେ । ଦୁର୍ଭାଗ୍ୟବଶତଃ, ଭାରତର ମାନସିକ ସ୍ୱାସ୍ଥ୍ୟ ଭିତ୍ତିଭୂମି ଏହି ଡିଜିଟାଲ୍ ଆଚରଣଗତ ନିଶାର ମୁକାବିଲା କରିବା ପାଇଁ ଆଦୌ ପ୍ରସ୍ତୁତ ନୁହେଁ, ଯାହା ଫଳରେ ପୀଡ଼ିତ ଏବଂ ସେମାନଙ୍କ ପରିବାର ଏହି ଆଘାତକୁ ଏକାକୀ ସାମ୍ନା କରିବାକୁ ବାଧ୍ୟ ହେଉଛନ୍ତି ।

ଏହି ସାମାଜିକ-ଅର୍ଥନୈତିକ ରକ୍ତପାତକୁ ରୋକିବା ପାଇଁ ଭାରତ ସରକାର କିଛି ପଦକ୍ଷେପ ନେଇଛନ୍ତି। ଉଦାହରଣସ୍ୱରୂପ, ଅନ୍‌ଲାଇନ୍ ଗେମିଂର ନିୟନ୍ତ୍ରଣ ପାଇଁ ବିଭିନ୍ନ ଆଇନଗତ କଟକଣା ଲାଗୁ କରାଯାଇଛି ଏବଂ ଅନେକ ରାଜ୍ୟ ଫାଣ୍ଟାସି ସ୍ପୋର୍ଟସ୍, ରିଏଲ୍-ମନି ରମ୍ମି ଏବଂ ପୋକର୍ ସମେତ ସମସ୍ତ ପ୍ରକାରର ଅନ୍‌ଲାଇନ୍ ମନି ଗେମ୍ ଉପରେ ସମ୍ପୂର୍ଣ୍ଣ ନିଷେଧାଦେଶ ଜାରି କରିଛନ୍ତି । ଯଦିଓ ଦେଶର ମୋଟ ଗେମିଂ ରାଜସ୍ୱର ପ୍ରାୟ ଷାଠିଏ ପ୍ରତିଶତ ଅକ୍ତିଆର କରିଥିବା ଏହି କ୍ଷେତ୍ରକୁ ନିୟନ୍ତ୍ରଣ କରିବା ପାଇଁ ଏହି ଆଇନଗତ ହସ୍ତକ୍ଷେପ ଏକ ଆବଶ୍ୟକୀୟ ପଦକ୍ଷେପ ଥିଲା, ତଥାପି ଏହି ସଙ୍କଟକୁ ସମ୍ପୂର୍ଣ୍ଣ ରୂପେ ଦୂର କରିବାରେ ଏହା ବିଫଳ ହୋଇଛି । ଶୋଷଣର ଏହି ବ୍ୟବସ୍ଥା କେବଳ ନିଜର ରୂପ ବଦଳାଇ ବେଆଇନ ଭାବରେ ଅଣ୍ଡରଗ୍ରାଉଣ୍ଡ୍ ହୋଇଯାଇଛି । କୁରାକାଓ, ସାଇପ୍ରସ୍ ଏବଂ ଦୁବାଇ ଭଳି ସ୍ଥାନରୁ ପରିଚାଳିତ ହେଉଥିବା ବିଦେଶୀ ଜୁଆ ଅପରେଟରମାନେ ଟିକସ ଫାଙ୍କିବା ସହ ପରିଚୟ ଯାଞ୍ଚ ନିୟମକୁ ଅଣଦେଖା କରି ଭାରତୀୟ ଗ୍ରାହକଙ୍କୁ ଟାର୍ଗେଟ୍ କରୁଛନ୍ତି । ସେମାନେ ଇଣ୍ଟରନେଟ୍ ସର୍ଭିସ୍ ପ୍ରୋଭାଇଡର୍ ବ୍ଲକ୍‌ରୁ ବର୍ତ୍ତିବା ପାଇଁ ବାରମ୍ବାର ନିଜର ଡୋମେନ୍ ନାମ ପରିବର୍ତ୍ତନ କରୁଛନ୍ତି ଏବଂ ହ୍ୱାଟ୍ସଆପ୍ କିମ୍ବା ଟେଲିଗ୍ରାମ୍ ଭଳି ପ୍ରାଇଭେଟ୍ ମେସେଜିଂ ଗ୍ରୁପ୍ ମାଧ୍ୟମରେ ନିଜର କାରବାର ଚଳାଉଛନ୍ତି । ଯେହେତୁ ଏହି ପ୍ଲାଟଫର୍ମଗୁଡ଼ିକ ଭାରତୀୟ ଆଇନର ପରିସର ବାହାରେ କାର୍ଯ୍ୟ କରୁଛନ୍ତି, ତେଣୁ ହରାଇଥିବା ଅର୍ଥ ଫେରିପାଇବା କିମ୍ବା ଅପରେଟରମାନଙ୍କୁ ଦାୟୀ କରିବା ପ୍ରାୟତଃ ଅସମ୍ଭବ ଅଟେ । ଏହି ନିଷେଧାଦେଶ ଅଜାଣତରେ ଏକ ନିୟାମକ ଶୂନ୍ୟସ୍ଥାନ ସୃଷ୍ଟି କରିଛି, ଯେଉଁଠାରେ ଉପଯୁକ୍ତ ଘରୋଇ ତଦାରଖର ଅଭାବ କାରଣରୁ ନିୟୁତ ନିୟୁତ ସାଧାରଣ ନାଗରିକ ଆନ୍ତର୍ଜାତୀୟ ବେଟିଂ ସିଣ୍ଡିକେଟ୍‌ର ଶିକାର ହେଉଛନ୍ତି ।

ଭାରତର ଏହି ମାରାତ୍ମକ ଅନ୍‌ଲାଇନ୍ ଜୁଆ ସଙ୍କଟର ସମାଧାନ ପାଇଁ ସମାଜ ଏବଂ ନୀତି ନିର୍ଦ୍ଧାରକମାନଙ୍କ ଦୃଷ୍ଟିକୋଣରେ ଏକ ବ୍ୟାପକ ପରିବର୍ତ୍ତନର ଆବଶ୍ୟକତା ରହିଛି । ଏହାକୁ ଆଉ କେବଳ ଏକ ନିୟାମକ କିମ୍ବା ଆଇନ ଶୃଙ୍ଖଳା ଜନିତ ସମସ୍ୟା ଭାବରେ ବିଚାର କରାଯାଇପାରିବ ନାହିଁ; ବରଂ ଏହାକୁ ଏକ ପୂର୍ଣ୍ଣାଙ୍ଗ ଜନସ୍ୱାସ୍ଥ୍ୟ ସଙ୍କଟ ଭାବରେ ଗ୍ରହଣ କରିବାକୁ ପଡ଼ିବ । ସରକାର ନିଜର ସାଇବର୍ ସାମର୍ଥ୍ୟ ବୃଦ୍ଧି କରିବା ସହିତ ବିଦେଶୀ ବେଟିଂ ଡୋମେନ୍‌ଗୁଡ଼ିକୁ ଚିହ୍ନଟ କରି ବ୍ଲକ୍ କରିବା ଉଚିତ୍ । ଏଥିସହ ବେଆଇନ ବ୍ୟବସାୟୀଙ୍କୁ ଆର୍ଥିକ କାରବାରରେ ସାହାଯ୍ୟ କରୁଥିବା ପେମେଣ୍ଟ୍ ଗେଟୱେଗୁଡ଼ିକୁ ମଧ୍ୟ କଠୋର ଭାବରେ ଦାୟୀ କରିବା ଆବଶ୍ୟକ । ଅଧିକନ୍ତୁ, ତମାଖୁ ବିରୋଧୀ ଅଭିଯାନ ଭଳି ଏକ ବ୍ୟାପକ ଜନସଚେତନତା ଅଭିଯାନର ଜରୁରୀ ଆବଶ୍ୟକତା ରହିଛି, ଯାହାଦ୍ୱାରା ଯୁବପିଢ଼ି ଅନ୍‌ଲାଇନ୍ ଜୁଆର ମାନସିକ ଏବଂ ଆର୍ଥିକ ବିପଦ ସମ୍ପର୍କରେ ଶିକ୍ଷା ଲାଭ କରିପାରିବେ । ସ୍କୁଲ୍, କଲେଜ୍ ଏବଂ ଗୋଷ୍ଠୀ କେନ୍ଦ୍ରଗୁଡ଼ିକରେ ଡିଜିଟାଲ୍ ସାକ୍ଷରତା ଏବଂ ଆର୍ଥିକ ପରିଚାଳନାକୁ ପାଠ୍ୟକ୍ରମରେ ସାମିଲ କରିବା ଉଚିତ୍, ଯାହା ଆଗାମୀ ପିଢ଼ିକୁ ଏହି ଡିଜିଟାଲ୍ ଶୋଷଣରୁ ରକ୍ଷା କରିବା ପାଇଁ ସକ୍ଷମ କରିବ । ନିଶାଗ୍ରସ୍ତ ବ୍ୟକ୍ତିଙ୍କୁ ଉପଯୁକ୍ତ ପରାମର୍ଶ ଏବଂ ଥଇଥାନ ଯୋଗାଇଦେବା ପାଇଁ ମାନସିକ ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସୁଦୃଢ଼ କରିବା ନିତାନ୍ତ ଆବଶ୍ୟକ । ହରିଶ, ତାଙ୍କ ପିତାମାତା ଏବଂ ଅନ୍ୟାନ୍ୟ ଅଗଣିତ ବ୍ୟକ୍ତିଙ୍କ ଦୁଃଖଦ ମୃତ୍ୟୁ କେବଳ ପୋଲିସ ଫାଇଲ୍‌ର ପରିସଂଖ୍ୟାନ ହୋଇ ରହିବା ଉଚିତ୍ ନୁହେଁ । ଏହା ଏକ ଦୃଢ଼ ତଥା ବ୍ୟାପକ କାର୍ଯ୍ୟାନୁଷ୍ଠାନ ପାଇଁ ଏକ ଚେତାବନୀ ହେବା ଉଚିତ୍, ଯାହାଦ୍ୱାରା ଏହି ଡିଜିଟାଲ୍ ଫାଶକୁ ସମ୍ପୂର୍ଣ୍ଣ ରୂପେ ନଷ୍ଟ କରାଯାଇପାରିବ ।

# ତପସ୍ୟା ଭୂମି : କାମ୍ୟକ ବନ



## ଡାକ୍ତର ଦିଲ୍ଲୀପ କୁମାର ମହାରଣା

ବାଲ୍ମୀକିକୃତ 'ରାମାୟଣ' ଓ ବ୍ୟାସକୃତ 'ମହାଭାରତ'ରେ କେତେକ ବିଶିଷ୍ଟ ଅନୁସାରେ, ବନବାସ କାରେ ରାମ ସମଗ୍ର ଭାରତରେ ଥିବା ଅନେକ ବନଭୂମି ପରିକ୍ରମା କରିଥିଲେ। ସେ ମଧ୍ୟରୁ ଚିତ୍ରକୂଟ ଓ ଦଣ୍ଡକାରଣ୍ୟ ଦୁଇଟି। ସେହି ସ୍ଥାନରେ ରାମଚନ୍ଦ୍ର ବନବାସର ମୁଖ୍ୟ ଭାଗ କଟାଇଥିଲେ। ଠିକ ସେହିପରି କୁଚକ୍ରୀ ଦୁର୍ଯ୍ୟୋଧନର କୁଚକ୍ରର ଶିକାର ହୋଇ ପାଣ୍ଡବମାନେ ସେମାନଙ୍କ ଜୀବନର ଅନେକ ବର୍ଷ ବନଭୂମିରେ ବିତାଇଥିଲେ। ପ୍ରଥମେ ଜତୁଗୃହ ଦହନ ମଧ୍ୟରୁ ପଳାୟନ କରି ସେମାନେ ଅନେକ ବର୍ଷ ବନ ପ୍ରଦେଶରେ କଟାଇଥିଲେ। ପୁନଶ୍ଚ ପଶାଖେଳରେ ହାରି ପାଣ୍ଡବ ପାଞ୍ଚଭାଇ ଦ୍ରୌପଦୀଙ୍କ ସହିତ ବାରବର୍ଷ ବନବାସରେ ଯାଇଥିଲେ। ସେହି ସମୟରେ ସେମାନେ ଯେଉଁ ବନରେ ରହିଥିଲେ ତାହା ହେଉଛି କାମ୍ୟକ ବନ ଓ ଦ୍ୱୈତବନ। ସାଧାରଣତଃ ପ୍ରାଚୀନ କାଳର ବନଭୂମିମାନ ଥିଲା ତପସ୍ୟା ଭୂମି। ବହୁ ମୁନିଋଷି ବନରେ ଆଶ୍ରମ ପ୍ରତିଷ୍ଠା କରି ତପସ୍ୟା କରୁଥିଲେ। ଫଳରେ ଏହାକୁ ପବିତ୍ର ସ୍ଥାନ ଭାବରେ ଗ୍ରହଣ କରାଯାଉଥିଲା।

ପ୍ରଥମ ଥର ପାଣ୍ଡବମାନେ ଯେତେବେଳେ କାମ୍ୟକ ବନ ଦେଇ ଯାତ୍ରା କରିଥିଲେ, ସେତେବେଳେ ସେଠାରେ ହିଡ଼ିମ୍ବା ନାମ୍ନୀ ରାକ୍ଷସୀ ସହିତ ଭୀମଙ୍କର ବିବାହ ହୋଇଥିଲା। ସେଠାରେ ଯାଇ ପାଣ୍ଡବମାନେ ଏକଚକ୍ରା ନଗରୀରେ ବାସ କରିଥିଲେ। କିନ୍ତୁ ଦ୍ୱିତୀୟ ଥର ବନବାସ କାଳରେ ପାଣ୍ଡବମାନେ ପ୍ରାୟ ଅଜ୍ଞାତବାସ ପୂର୍ବରୁ କାମ୍ୟକ ବନରେ ବାସ କରିଥିଲେ। ଏହି ପୁରାଣ ପ୍ରସିଦ୍ଧ ବନ ସରସ୍ୱତୀ ନଦୀ ତୀରରେ କୁରୁ ରାଜ୍ୟର ପଶ୍ଚିମ ସୀମାରେ ଅବସ୍ଥିତ ଥିଲା। ସେଠାରେ ବହୁ ମୁନିଋଷି ରହୁଥିଲେ। ଏହି ବନ ମଧ୍ୟରେ ମହାମୁନି ତୃଣବିନ୍ଦୁଙ୍କର ଏକ ଆଶ୍ରମ ଥିଲା ଏବଂ ତାଙ୍କ ନାମରେ ନାମିତ ଏକ ସରୋବର ରହିଥିଲା। ଏହି ସରୋବର ନିକଟରେ ପାଣ୍ଡବମାନେ ସେମାନଙ୍କର ଆଶ୍ରମ ପ୍ରତିଷ୍ଠା କରି ରହୁଥିଲେ। ଏହି ସ୍ଥାନ କୁରୁଜାଙ୍ଗଲ ପ୍ରଦେଶର ନିକଟବର୍ତ୍ତୀ ଥିବାରୁ ଯୁଧିଷ୍ଠିରଙ୍କ ପ୍ରତି ଥିବା ସ୍ନେହ ଓ ଶ୍ରଦ୍ଧା ଯୋଗୁଁ କୁରୁ ଜଙ୍ଗଲର ଅଧିବାସୀମାପେ ପ୍ରାୟ ଆସି ପାଣ୍ଡବମାନଙ୍କୁ ସାକ୍ଷାତ କରୁଥିଲେ। ବିଦୁର, ସଞ୍ଜୟ, ବ୍ୟାସ, ଶୌନକ, ନାରଦ, ମାର୍କଣ୍ଡେୟ, ଲୋମଶ ଆଦି ମହାଭାରତ କାଳର ପ୍ରଖ୍ୟାତ ପୁରୁଷ ମାନେ ଏଠାକୁ ଆସି ପାଣ୍ଡବମାନଙ୍କ ସହିତ ମିଳିତ ହେଉଥିଲେ। ଏପରିକି କୁଚକ୍ରୀ ଦୁର୍ଯ୍ୟୋଧନର ପ୍ରରୋଚନାରେ ମହାମୁନି ଦୁର୍ବାସା ମଧ୍ୟ ଆସି ପାଣ୍ଡବ ମାନଙ୍କ କୁଟୀରରେ ଆତିଥ୍ୟ ଗ୍ରହଣ କରିଥିଲେ। କିନ୍ତୁ କୃଷ୍ଣଙ୍କ ଅନୁକମ୍ପାରୁ ଦୁର୍ବାସା ପାଣ୍ଡବ ମାନଙ୍କୁ ଅଭିଶାପ ଦେବା ବଦଳରେ ଆଶୀର୍ବାଦ କରି ଚାଲିଯାଇଥିଲେ।

ଶ୍ରୀକୃଷ୍ଣଙ୍କ ଉପଦେଶ ଅନୁସାରେ, ଏଠାରୁ ଯାଇ ଅର୍ଜୁନ ତପସ୍ୟା କରି ଶିବଙ୍କୁ ସନ୍ତୁଷ୍ଟ କରିବା ସହିତ ଇନ୍ଦ୍ରଙ୍କ ବୈଜୟନ୍ତପୁର ଯାଇ ସମସ୍ତ ଦିବ୍ୟାସ୍ତ୍ର ଲାଭ କରିଥିଲେ। କାମ୍ୟକ ବନରେ ପାଣ୍ଡବମାନେ ଥିବା ସମୟରେ ଅନେକ ଘଟଣା ଘଟିଥିଲା। ସେଥି ମଧ୍ୟରୁ ଏକ ବିଶେଷ ଘଟଣା ଥିଲା ଦ୍ରୌପଦୀଙ୍କୁ ଜୟଦ୍ରଥର ଅପହରଣ। ସିନ୍ଧୁରାଜ ଜୟଦ୍ରଥ ଏକଦା ଶାଲ୍ୱ ଦେଶକୁ ଯାତ୍ରା କରୁଥିବା ସମୟରେ କାମ୍ୟକ ବନରେ ସେ ଦ୍ରୌପଦୀଙ୍କୁ ଭେଟିଥିଲେ। ଜୟଦ୍ରଥ ଦ୍ରୌପଦୀଙ୍କର ନଣନ୍ଦ ଓ ପାଣ୍ଡବ କୌରବଙ୍କର ଭଉଣୀ ଦୁଃଶୀଳାଙ୍କ ପତି। ଜୟଦ୍ରଥ ଏହି ଅପମାନର ପ୍ରତିଶୋଧ ନେବା ପାଇଁ ଅଭିମନ୍ୟୁ ବଧରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ପାଣ୍ଡବମାନଙ୍କର କାମ୍ୟକ ବନରେ ରହଣି ଅତ୍ୟନ୍ତ ଘଟଣା ବହୁଳ ଥିଲା। ବନବାସର ଶେଷ ପର୍ଯ୍ୟାୟରେ ସେମାନେ କାମ୍ୟକ ବନରୁ ଦ୍ୱୈତ ବନଯାଇ ସେଠାରୁ ଅଜ୍ଞାତବାସରେ ଯାଇଥିଲେ। ସଂପ୍ରତି କାମ୍ୟକ ବନ ହରିୟାଣାରେ ଅବସ୍ଥିତ। ତାହାର ଦକ୍ଷିଣରେ ଦ୍ୱୈତବନ ରହିଛି।

+ ଶିଖରପୁର ଉପରସାହି, କଟକ

# ଗଣେଶଙ୍କ ଦ୍ୱାଦଶ ନାମ



## ସୌର ଚନ୍ଦ୍ର ମହାପାତ୍ର

'ସୁମୁଖ ଏକଦନ୍ତ କପିଳା ଗଜକର୍ଣ୍ଣ ଲମ୍ବୋଦର ନିକଟ ବିଘ୍ନନାଶକ, ବିନାୟକ ଧୂମ୍ରକେତୁ, ଗଣାଧ୍ୟକ୍ଷ ଭାଲଚନ୍ଦ୍ର, ଗଜାନନ ।

ଓଡ଼ିଶାରେ ଗଣେଶ ପୂଜା ଶରତ ଋତୁରେ ବିଭିନ୍ନ ପର୍ବପର୍ବାଣୀ ମଧ୍ୟରୁ ଅନ୍ୟତମ। ଭାଦ୍ରବ ମାସ ଶୁକ୍ଳ ଚତୁର୍ଥୀ ଦିନ ଏହା ପାଳନ କରାଯାଏ। ପ୍ରାୟ ପ୍ରତ୍ୟକ ଘରେ ଓ ବିଦ୍ୟାଳୟ ମାନଙ୍କରେ ଏ ଉତ୍ସବ ଅନୁଷ୍ଠିତ ହୁଏ। ସେ ଦିନ ଅନେକ ଉପବାସ କରନ୍ତି ଓ ବିଦ୍ୟା, ଧନ, ଶୁଭ କାମନା କରି ଶୁଦ୍ଧ ପୂତ ମନରେ ଗଣାପତି ପୂଜା କରନ୍ତି। ଆମ ଦେଶରେ ସମସ୍ତେ ଲୌକିକ ଓ ଧାର୍ମିକ କର୍ମର ଆରମ୍ଭରେ ଗଣନାଥଙ୍କ ପୂଜା କରାଯାଏ। ଶ୍ରୀ ଗଣଶାୟ ନମଃ ପ୍ରାୟ ସବୁ ଶୁଭ କର୍ମର ଆଦ୍ୟ ଉଚ୍ଚାରଣ।

ଗଣାନାଂ ପତିଃ ଗଣପତିଃ, ତେଣୁ ମନ୍ତ୍ରରୁ ହିଁ ଜଣାଯାଏ ଯେ, ଗଣେଶ ସର୍ବସାଧାରଣଙ୍କ ଦେବତା। ଗଣପତି ସମୂହବାଚକ ହୋଇଥିବାରୁ ସମଗ୍ର ମାନବ ଜାତିର ସର୍ବସିଦ୍ଧି ଦାତା ଭାବେ ସେ ପୂଜ୍ୟ। ପୁରାଣ ଶାସ୍ତ୍ର ଅନୁଯାୟୀ ଗଣେଶ ବିଦ୍ୟା ଓ ବୁଦ୍ଧିର ଦେବତା। ତାଙ୍କର ଅନ୍ୟ ନାମ ବିଘ୍ନନାଶକ। ସମସ୍ତ ବିଘ୍ନ ଓ ବିପଦର ସେ ବିନାଶକାରୀ। ସେ ଅଶୁଭକୁ ଦୂର କରି ଶୁଭ ଆଣନ୍ତି। ତେଣୁ ତାଙ୍କ ଉଦ୍ଦେଶ୍ୟରେ କୁହାଯାଏ ।ୟ 'ଓଁ ନମୋ ଗଣେଶ ବିଘ୍ନେଶ, ଗିରିଜା ନନ୍ଦନ ପ୍ରଭୋ। ମମ ବିଘ୍ନ ବିନଶୟ ଗଣାଧିପତୟେ ନମଃ।' ଓଡ଼ିଶାରେ ଗଣେଶ ପୂଜା ବିଶେଷ ମହତ୍ତ୍ୱପୂର୍ଣ୍ଣ। ଓଡ଼ିଶାର ପ୍ରାୟ ସବୁ ତୀର୍ଥ ସ୍ଥଳରେ ମନ୍ଦିର ମାନଙ୍କରେ ଗଣେଶ ମୂର୍ତ୍ତି ବିରାଜମାନ। ଶ୍ରୀମନ୍ଦିରନରେ ବିରାଟ ଗଣେଶ ମୂର୍ତ୍ତି ସ୍ଥାପିତ ହୋଇଛନ୍ତି। ଇତିହାସ କହେ କାଞ୍ଚି ବିଜୟ କରି ଗଜପତି ପୁରୁଷୋତ୍ତମ ଦେବ କାଞ୍ଚି ରାଜାଙ୍କ ଇଷ୍ଟ ଦେବତା ଏହି ଗଣପତି ମୂର୍ତ୍ତି ଅଣାଇ ଶ୍ରୀମନ୍ଦିରରେ ଅଧିଷ୍ଠିତ କରାଇଥିଲେ। ଗୋଟିଏ ଶ୍ଳୋକରେ ଗଣେଶଙ୍କର ବର୍ଣ୍ଣନା କରିବାକୁ ଯାଇ ଶାସ୍ତ୍ରରେ କୁହାଯାଇଛି - 'ସୁମୁଖ ଏକଦନ୍ତ କପିଳା ଗଜକର୍ଣ୍ଣ ଲମ୍ବୋଦର ନିକଟ ବିଘ୍ନନାଶକ, ବିନାୟକ ଧୂମ୍ରକେତୁ, ଗଣାଧ୍ୟକ୍ଷ ଭାଲଚନ୍ଦ୍ର, ଗଜାନନ ।' ଅର୍ଥାତ୍ ଗଣେଶଙ୍କର ବର୍ଣ୍ଣନାରେ କୁହାଯାଇଛି - ସୁଦୃଶ୍ୟ ବଦନ, ଏକଦାନ୍ତ, ବିଶିଷ୍ଟ, କଳାରଙ୍ଗ, ହାତୀକର୍ଣ୍ଣ ବିଶିଷ୍ଟ, ବିଶାଳ ଉଦର, ଭୟଙ୍କର ସମସ୍ତ ଅମଙ୍ଗଳ ନାଶକ, ପାଉଁଶ ରଙ୍ଗର ଧ୍ୱଜ ଧାରଣକାରୀ, ଗଣଙ୍କର ଅଧିପତି, ମଥାରେ ଚନ୍ଦ୍ରମାଙ୍କ ଟିକା ଧାରଣ କରିଥିବା ଏବଂ ହାତୀ ମୁହଁ ଥିବା ଦେବତା । କିନ୍ତୁ ପ୍ରତ୍ୟେକ ନାମର ଅନ୍ତର୍ନିହିତ ଉଦ୍ଦେଶ୍ୟ ଅଲଗା । ଗଣେଶଙ୍କ ଏକ ନାମ ହେଉଛି ସୁମୁଖ। ଯାହାର ଅର୍ଥ ସୁନ୍ଦର ମୁଖମଣ୍ଡଳ । ପ୍ରତି ପୂଜାରେ ପ୍ରଥମେ ପୂଜା ପାଉଥିବା ଗଣେଶଙ୍କ ପବିତ୍ର ଓ ସୁନ୍ଦର ମୁଖମଣ୍ଡଳ ଭକ୍ତଙ୍କ ପାଇଁ ଆକର୍ଷଣର କେନ୍ଦ୍ର ହୋଇଥାଏ । ସେହିପରି ତାଙ୍କର ଅନ୍ୟ ଏକ ନାମ ହେଉଛି ଏକଦନ୍ତ। ସାଧାରଣ ଭାବରେ ଏହାର ଅର୍ଥ ଏକଦନ୍ତ ବିଶିଷ୍ଟ ଦେବତା । ଏହାପରଠାରୁ ଗଣେଶ ଏକଦନ୍ତ ଭାବରେ ଖ୍ୟାତ ହେଲେ । ସେ 'କପିଳ' ନାମରେ ନାମିତ। ଆକ୍ଷରିକ ଅର୍ଥରେ କପିଳର ଅର୍ଥ ପାଉଁଶବର୍ଣ୍ଣ । କିନ୍ତୁ ଧୂଆଁଳିଆ କଳାରଙ୍ଗର ଗାଈକୁ କୁହାଯାଏ କପିଳ । ସେ ସମସ୍ତ ଅମଙ୍ଗଳ ଏବଂ ସବୁପ୍ରକାର ଚିନ୍ତା ବିନାଶ କରି ମଣିଷକୁ ସୁସ୍ଥ ରଖନ୍ତି । ତେଣୁ ତାଙ୍କ ପାଇଁ କପିଳ ନାମ ଏକାନ୍ତ ପ୍ରଯୁଜ୍ୟ । ସେହିପରି ତାଙ୍କର ଅନ୍ୟ ଏକ ନାମ ହେଉଛି ଗଜକର୍ଣ୍ଣ ।ହାତୀର କାନ ଧାରଣ କରିଥିବା ଦେବତା ଗଣେଶ । ଏହି ନାମରେ ସେ ଖୁବ୍ ଖ୍ୟାତ୍ । ତାଙ୍କର କାନ ଆମ୍ଭମାନଙ୍କୁ ଶିକ୍ଷା ଦିଏ ଯେ ପ୍ରଥମେ ଭଲ ଭାବରେ ସବୁକଥା ଶୁଣ, ଭୁଲ ଠିକ୍ ମନ ଭିତରେ ଚିନ୍ତା କର, ଏହା ପୂର୍ବରୁ ଗୋଟିଏ ବି ଶବ୍ଦ ଉଚ୍ଚାରଣ କରନାହିଁ । ଭକ୍ତ ଜନତାଙ୍କୁ 'ଲମ୍ବୋଦର' ଭାବେ ପ୍ରାର୍ଥନା କରନ୍ତି। ଏହା ପଛର କାରଣଟି ହେଉଛି ଗଣେଶଙ୍କର ପେଟ ଖୁବ୍ ବଡ଼ । ଏଥିପାଇଁ ତାଙ୍କୁ କୁହାଯାଏ ଲମ୍ବୋଦର । କିନ୍ତୁ ପ୍ରକୃତ ଅର୍ଥରେ ଲମ୍ବୋଦର ତାଙ୍କୁ ହିଁ କୁହାଯାଏ ଯିଏ ସବୁକିଛି ଭଲ ବିଦ୍ୟା ଗ୍ରହଣ କରିପାରନ୍ତି ଏବଂ ସାଇତି ପାରନ୍ତି । ସେ 'ବିକଟ' ନାମରେ ନାମିତ। ଗଣେଶଙ୍କ ଷଷ୍ଠ ନାମ ବିକଟ ବା ଭୟଙ୍କର। ଗଣେଶଙ୍କ ଶରୀର ମଣିଷ ପରି କିନ୍ତୁ ମୁହଁ ହାତୀର । ହାତୀପରି ଗଣେଶ ଭୟଙ୍କର ହୋଇଯାଆନ୍ତି । ତାଙ୍କ ଭକ୍ତଙ୍କ ଆଗରେ ଅମଙ୍ଗଳ ଆସିଲେ। ଏହି ଅମଙ୍ଗଳକୁ ନାଶ କରିବା ପାଇଁ ସେ ବିକଟ ହୋଇଯାଆନ୍ତି । ତାଙ୍କର ଅତି ପ୍ରିୟ ନାମ ହେଉଛି 'ବିଘ୍ନନାଶକ' ।



ସବୁ ପ୍ରକାର ଅମଙ୍ଗଳ ଓ ବିପର୍ଯ୍ୟୟର ନାଶ କରନ୍ତି ଗଣେଶ । ଅଥର୍ବ ଶୀର୍ଷ ଅନୁଯାୟୀ ଆମେ ଗଣେଶଙ୍କୁ ଯୋଡ଼ ହସ୍ତରେ ପ୍ରାର୍ଥନା କଲେ ସେ ସବୁପ୍ରକାର ବିଘ୍ନ ବିନାଶ କରନ୍ତି । ସେହିପରି ତାଙ୍କର ଅନ୍ୟ ଏକ ନାମ ହେଉଛି 'ବିନାୟକ' ଗଣେଶଙ୍କ ଏହି ଅଷ୍ଟମ ନାମର ଆକ୍ଷରିକ ଅର୍ଥ ବିଶେଷ ନାୟକ । ଏହାର ଅନ୍ତର୍ନିହିତ ଅର୍ଥ ହେଉଛି ଯେତେବେଳେ ପ୍ରିୟବଚନ ବା ପ୍ରାର୍ଥନା ଦ୍ୱାରା ଗଣେଶଙ୍କୁ ସନ୍ତୁଷ୍ଟ କରାଯାଏ ତେବେ ସେ ଭକ୍ତର ରାସ୍ତାରେ ଥିବା ସବୁ ବାଧା ଦୂର କରନ୍ତି । 'ଧୂମ୍ରକେତୁ' ହେଉଛି ତାଙ୍କର ଅନ୍ୟତମ ନାମ। ଯାହାର ଅର୍ଥ ଅଗ୍ନି ବା ଧୂଆଁପରି ଏକ ପତାକା । ଏହାର ଭାବାର୍ଥ ହେଉଛି ଏମିତି ନିଷ୍ପତ୍ତି ଯାହା ପ୍ରତିକୂଳ ପରିସ୍ଥିତିରେ ବି ପତାକା ପରି ଫର ଫର ହୋଇ ଉଡ଼ୁଥାଏ । ତାଙ୍କର ଅନ୍ୟତମ ନାମ ହେଉଛି 'ଗଣାଧ୍ୟକ୍ଷ' । ଗଣାଧ୍ୟକ୍ଷର ପ୍ରକୃତ ଅର୍ଥ ହେଉଛି ଗଣ ବା ନର, ଅସୁର, ନାଗ, ଚତୁର୍ବେଦ, ଚାରି ପୁରୁଷାର୍ଥର ସ୍ୱାମୀ । ବେଦ କୁହେ ଗଣେଶ ବିଶ୍ୱବ୍ରହ୍ମାଣ୍ଡର ଅଧ୍ୟକ୍ଷ । ଭକ୍ତ ଜନତାଙ୍କୁ 'ଭାଲଚନ୍ଦ୍ର' ନାମରେ ପ୍ରାର୍ଥନା କରନ୍ତି। : ଏହାର ଅର୍ଥ ଯେ ଚନ୍ଦ୍ରଙ୍କୁ ମଥାରେ ପିନ୍ଧନ୍ତି । ଚନ୍ଦ୍ରଙ୍କୁ ମଥାରେ ଧାରଣ କରି ଗଣେଶ ନିଜ ଆଖପାଖ ପରିବେଶକୁ କୋମଳ ଓ ଶୀତଳ କରିଦିଅନ୍ତି । ସର୍ବୋପରି ତାଙ୍କର ଅତିପ୍ରିୟ ନାମ ହେଉଛି 'ଗଜାନନ' । ହାତୀ ମୁଣ୍ଡ ଥିବା ଦେବତା ଗଜାନନ । ଶରୀର ମଣିଷର ମସ୍ତକ ହାତୀର । ଶାସ୍ତ୍ରରେ କୁହାଯାଇଛି ଉଭୟ ମଣିଷ ଓ ହାତୀର ଆୟୁ ୧୨୦ ବର୍ଷ । ଉଭୟର ଗୁଣକୁ ଏକାଠି ହେଲେ ମଣିଷ ସଫଳ ହେବ । ଗଣେଶଙ୍କ ବିଗ୍ରହ ଗଜମୁଖ ଭାରତର ଆଦିମ ବାଣୀ ଓଁକାରର ପ୍ରତୀକ, ତେଣୁ ଗଣେଶ ଓଁ କାର ସ୍ୱରୂପ ପରଂ ବ୍ରହ୍ମ ଭାବେ ମଧ୍ୟ ପୂଜିତ। ଯଜୁର୍ବେଦରେ ଗଣେଶଙ୍କ ମନ୍ତ୍ର ନିମ୍ନ ଭାବେ ରହିଛି - 'ଗଣାନାଂ ତ୍ୱାଂ ଗଣପତି ହବାମହେ, ପ୍ରିୟାଣାଂ ତ୍ୱାଂ ପ୍ରିୟପତି ହବାମହେ, ନିଧିନାଂ ତ୍ୱାଂ ନିଧିପତିଂ ହବାମହେ, ବସୋର୍ମମ।' ଆମ ସାମାଜିକ ପ୍ରଥା ଅନୁସାରେ ବିନାୟକ ବ୍ରତ ଏକ ମହାନ ବ୍ରତ। ଶ୍ରୀ ଗଣେଶାୟ ନମଃ ପ୍ରାୟ ସବୁ ଶୁଭକର୍ମର ଆଦ୍ୟ ଉଚ୍ଚାରଣ। ପୁରାଣ ଓ ଶାସ୍ତ୍ର ଅନୁଯାୟୀ ଗଣେଶ ବିଦ୍ୟା ଓ ବୁଦ୍ଧିର ଦେବତା। ତାଙ୍କର ଅନ୍ୟ ନାମ ବିଘ୍ନେଶ। ସମସ୍ତ ବିଘ୍ନ ଓ ବିପଦର ସେ ବିନାଶକାରୀ। ସେ ଅଶୁଭକୁ ଦୂର କରି ଶୁଭ ଆଣନ୍ତି। ତେଣୁ ତାଙ୍କ ଉଦ୍ଦେଶ୍ୟରେ କୁହାଯାଏ - 'ଓଁ ନମୋ ଗଣେଶ ବିଘ୍ନେଶ ଗିରିଜାନନ୍ଦନ ପ୍ରଭୋ ମମ ବିଘ୍ନ ବିନାଶାୟ ଗଣାଧିପତୟେ ନମଃ' ।

+ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,
ମୋ : ୯୪୩୭୦୦୪୪୬୬

# ବାଲେଶ୍ୱର ଜିଲ୍ଲା ଏବଂ ନିଶା କାରବାର ଟଙ୍କାର ଏପଟ ସେପଟ



## ସୁବ୍ରତ କର

ଆମ ଜିଲ୍ଲା ବାଲେଶ୍ୱର ନିଶାମୁକ୍ତ କେବେ ହେବ ? ଏହି ପ୍ରଶ୍ନ ସମସ୍ତଙ୍କ ମୁହଁରେ, କାରଣ ନିଶା କାରବାର ପାଇଁ ଆମ ଜିଲ୍ଲା ରିତିମତ ବଦନାମ ହେବାରେ ଲାଗିଛି। ଖବର କାଗଜ ଖୋଲିଦେଲେ ଜିଲ୍ଲା ପାଇଁ ନିଶା ଉପରେ ଗୁଡ଼ାଏ ଖବର ନିଶ୍ଚୟ ଥିବ । ଆମେ କଣ ଚିନ୍ତା କରିବା ଜିଲ୍ଲାରେ ଅବକାରୀ ବିଭାଗ ଠିକ୍ ଭାବରେ କାମ କରୁ ନାହାନ୍ତି ନା ନିଶା ବେପାରୀ ମାନେ ବିଭାଗକୁ ଗୁରୁତ୍ୱ ଦେଉ ନାହାନ୍ତି । ବାଲେଶ୍ୱର ଦୁଇ ତିନୋଟି ସ୍ଥାନ ଏହି ବେପାରୀ ପାଇଁ ପ୍ରସିଦ୍ଧ, ତନ୍ମଧ୍ୟର ପୁରୁଣା ବାଲେଶ୍ୱର ଏବଂ ଗଳାପୋ ଅନ୍ୟତମ । ପ୍ରାୟ କିଛି ଦିନ ବ୍ୟବଧାନରେ ଏହି ସବୁ ସ୍ଥାନରୁ ବେପାରୀ ମାନେ ଧରା ପଡ଼ୁଛନ୍ତି, କୋର୍ଟ ଚାଲାଣ ମଧ୍ୟ ସେମାନଙ୍କୁ କରାହେଉଛି କିନ୍ତୁ ପୁଣି ସେହି ବେପାରୀ ମାନେ କିଛି ଦିନ ଜେଲରେ ରହି ବେଲ ନେଇ ବାହାରକୁ ଆସି ପୁଣି ସେହି ଧନ୍ଦାରେ ବ୍ୟସ୍ତ ହୋଇପଡୁଛନ୍ତି । ଏହି ଘଟଣା ପ୍ରାୟ ଘଟିଛି ଯାହା ସହରବାସୀଙ୍କୁ ଜଣା ଏବଂ ଅବକାରୀ ବିଭାଗକୁ ମଧ୍ୟ । ସରକାରଙ୍କଠୁ ଆରମ୍ଭ କରି ରାଜନୈତିକ ନେତା ପୋଲିସ ଏବଂ ସାଧାରଣ ଜନତା ଏମାନଙ୍କର କେହି କିଛି କରିପାରି ନାହାନ୍ତି। ସାଧାରଣ ଜନତା ଏଥିରେ ହସ୍ତକ୍ଷେପ କରିବା ପାଇଁ ସାହସ ମଧ୍ୟ କରୁନାହାନ୍ତି ।

ତଥାପି ଆଜିକାଲି ସଚେତନ ନାଗରିକ ବିଶେଷକରି ମହିଳାମାନେ ନିଶାକୁ ରୋକିବା ପାଇଁ ଆଗଭର ହୋଇ ବାହାରୁଛନ୍ତି । ଏହି ମହିଳାମାନଙ୍କୁ ବା ସାଧାରଣ ଜନତାଙ୍କୁ ପୋଲିସ ହେଉ ବା ଜିଲ୍ଲା ପ୍ରଶାସନ ସାହାଯ୍ୟର ହାତ ବଢ଼ାଇ ପାରନ୍ତା ତେବେ ଅନେକାଂଶରେ ଏହାକୁ ରୋକି ହୁଅନ୍ତା । ଏବେ ଏବେ ବାଲିଆପାଳ ବ୍ଲକର ବେତଗଡ଼ିଆ ପଞ୍ଚାୟତରେ ଥିବା ନାରାୟଣପୁର ଅଞ୍ଚଳରେ ବ୍ରାଉନ ସୁଗାର ବେପାର ଗ୍ରାମବାସୀଙ୍କ ଚିନ୍ତା ବଢ଼ାଇଛି । ଶୁକ୍ରବାର ଦିନ ସକାଳେ ଜଣେ ଯୁବକ ଠାରୁ କିଛି ଛୋଟ ଛୋଟ ପୁଡ଼ିଆ, ଚିଲମ ଏବଂ ଗଞ୍ଜେଇ ବାହାରିଥିଲା । ଗ୍ରାମବାସୀମାନେ ତାକୁ କାବୁ କରିବା ସହିତ ବାଲିଆପାଳ ପୋଲିସର ହେପାଜତକୁ ପଠେଇ ଦେଇଥିଲେ ଏବଂ ପୋଲିସ ଏହା ଉପରେ ତଦନ୍ତ ଜାରି ରଖିଛି ।

ଠିକ୍ ସେହିଭଳି ବାଲେଶ୍ୱର ସହରରେ ଥିବା ଟାଉନ ଥାନା ପୋଲିସ ୫୯ ଗ୍ରାମ ବ୍ରାଉନ ସୁଗାର (ଧଳା ଜହର) ଜବତ କରିବା ସହ ଜଣେ ଯୁବକକୁ ବାଲିଘାଟଠାରୁ ଗିରଫ କରିଛି। ବ୍ରାଉନ ସୁଗାର ସହିତ ନିଶା ଚାଲାଣର ବ୍ୟବହୃତ ହେଉଥିବା ଗାଡ଼ି ଏବଂ ମୋବାଇଲ ଫୋନ ମଧ୍ୟ ପୋଲିସ ଜବତ କରିଛି ଏବଂ ଶେଷରେ କୋର୍ଟରେ ହାଜର କରାଇଛି।

ଶେଷ ଘଟଣାଟି ଘଟିଛି ସେହି ଶୁକ୍ରବାର ବାଲେଶ୍ୱର ପୁରୁଣା ବାଲେଶ୍ୱର ଠାରେ । ଏହି ଅଞ୍ଚଳରୁ ୯୦ ଲିଟର ଦେଶି ମଦ ଅବକାରୀ ବିଭାଗର ବାବୁମାନେ ଜବତ୍ କରିଛନ୍ତି । ଏହାଛଡ଼ା ରେମୁଣା ଅଞ୍ଚଳରୁ ମଧ୍ୟ ଯୋଡ଼ିକୁ ଜବତ କରିଛି ଅବକାରୀ ବିଭାଗ । ଏହାର ପରିମାଣ ପ୍ରାୟ ୧୫ ହଜାର ଲିଟର ହେବ । ଗଚ୍ଛିତ ରଖିଥିବା ଲୋକଙ୍କୁ ମଧ୍ୟ ଗିରଫ କରିଛନ୍ତି । ଗୋଟାଏ ଦିନର ଉପରୋକ୍ତ ତିନୋଟି ଘଟଣା ଘଟିଛି ବାଲେଶ୍ୱର ଜିଲ୍ଲାରେ । ଏସବୁ ବାଲେଶ୍ୱର ବାସୀଙ୍କୁ କେବେ ନିସ୍ତାର ମିଳିବ ସରକାର କହିବେ ?

କବିତା କୋଣାର୍କ

# ବିଘ୍ନ ବିନାଶକ ଶ୍ରୀଗଣେଶ

## ତାନଶ୍ରୀ ପାଣିଗ୍ରାହୀ



ଚନ୍ଦନ ଚର୍ଚ୍ଚିତ ସିନ୍ଦୂର ଶୋଭିତ
ଅଗ୍ରପୂଜ୍ୟ ଶ୍ରୀଗଣେଶ
ଶିବଙ୍କ ନନ୍ଦନ ମୂଷିକ ବାହନ
ଦିଅ ତୁମ ଶୁଭାଶିଷ...
ଅଗ୍ରପୂଜ୍ୟ ଶ୍ରୀ ଗଣେଶ...

ଭାଦ୍ରବ ମାସର
ଶୁକ୍ଳ ଚତୁର୍ଥୀରେ
ତୁମ ଶୁଭ ଆଗମନ
ତୁମେ ସିଦ୍ଧିଦାତା ତୁମେ ବୁଦ୍ଧିଦାତା
ହେ ପ୍ରଭୁ ଗୌରୀ ନନ୍ଦନ
ଭକ୍ତି ଅର୍ଘ୍ୟ ଘେନ କରୁ ଆବାହନ
ତୁମେ ସର୍ବ ବିଘ୍ନ ନାଶ...
ଅଗ୍ରପୂଜ୍ୟ ଶ୍ରୀଗଣେଶ...

ମହାଭାରତକୁ ଲେଖିଥିଲ ପ୍ରଭୁ
ବ୍ୟାସଦେବଙ୍କଠୁ ଶୁଣି
ପିତାମାତାଙ୍କର ଚାରିପଟେ ବୁଲି
କାର୍ତ୍ତିକ ଗଲେ ଜିଣି
ବୁଦ୍ଧିର ସାଗର ତୁମେ ବିରାଜିତ
ଜାଣିଛି ଏ ସାରା ବିଶ୍ୱ...
ଆହେ ପ୍ରଭୁ ଶ୍ରୀଗଣେଶ...

ତୁମ କୃପା ବଳେ ମୂର୍ଖ ଯେ ପଣ୍ଡିତ
ହୋଇପାରେ ଏ ମହୀରେ
ସତ୍ୟ ଧର୍ମ ପଥେ ନେଇ ମାଆ ତୁମେ
ଜ୍ଞାନର ଆଲୋକ ଧାରେ
ତୁମେ ବିଦ୍ୟାଦାତା ହେ ଭାଗ୍ୟ ବିଧାତା
କାହାକୁ କରନା ନିଃସ୍ୱ...
ଅଗ୍ରପୂଜ୍ୟ ଶ୍ରୀଗଣେଶ... ।

+ଆଚାର୍ଯ୍ୟା, ସାରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବାଲିଆ, ବାଲେଶ୍ୱର
ମୋ -୯୩୩୭୩୦୪୨୯୫

# ଶ୍ରୀ ଗଣେଶ

## ଶୁଭନାରାୟଣ ଶତପଥୀ



ପାର୍ବତୀ ନନ୍ଦନ ଆହେ ଗଜକର୍ଣ୍ଣ
କରୁ ତବ ପଦେ ଅଳି
କୁନିକୁନି ହାତେ ଆମେ କୁନାକୁନି
ପ୍ରଣତି ଦେଉଛୁ ଢାଳି ।

ସିଦ୍ଧିବୁଦ୍ଧି ଦାତା ଆହେ ଗଣପତି
ବିଦ୍ୟା ବୁଦ୍ଧି କର ଦାନ
ବୁଦ୍ଧି ଅଟେ ପରା ଜଗତରେ ବଡ
କେ ନୁହେଁ ତାର ସମାନ ।

ପ୍ରମାଣ କରିଛ ମାତୃପିତୃ ଦେବ
ଜାଗତଠୁ ବୃହତ୍ତର
ଚାରିପାଖ ବୁଲି ଆସିଲେ ତାଙ୍କର
ପରିକ୍ରମା ବ୍ରହ୍ମାଣ୍ଡର ।

ମାତାଙ୍କ ଆଦେଶ ପାଳିଲ ନିଷ୍ଠାରେ
କଲ ଘନ ଘୋର ରଣ
ପିତାଙ୍କ ସହିତ ଅଜାଣତେ ଲଢ଼ି
ହେଲ ତୁମେ ଗଜାନନ ।

ଅଗ୍ରପୂଜ୍ୟ ତୁମେ ବିଘ୍ନ ବିନାଶନ
ସର୍ବ ଶୁଭ ସର୍ବ ଲାଭ
ଶ୍ରୀ ଗଣେଶ ପ୍ରଭୁ ଦିଅହେ ଆଶିଷ
ହରି ନିଅ ବିଶ୍ୱ ଦୁଃଖ ।

+ବିଜିପୁର, ବ୍ରହ୍ମଗିରି, ପୁରୀ
ମୋ-୯୪୩୮୪୩୨୦୨୩



## ଗଣାଧିପତୟେ ନମଃ....



### ଡ଼ଃ.ଅରୁନ୍ଧତୀ ଦେବୀ

ଗଣେଶଙ୍କ ବିଗ୍ରହର ଗଜମୁଖ ଭାରତର ଆଦିମ ବାଣୀ ଓଁକାରର ପ୍ରତୀକ, ତେଣୁ ଗଣେଶ ଓଁକାର ସ୍ୱରୂପ ପରଂବ୍ରହ୍ମ ଭାବେ ମଧ୍ୟ ପୂଜିତ । ଯଜୁର୍ବେଦରେ ଗଣେଶଙ୍କ ମନ୍ତ୍ର ନିମ୍ନ ଭାବେ ରହିଛି - ‘‘ଗଣାନାଂ ତ୍ୱାଂ ଗଣପତି ହବାମହେ, ପ୍ରିୟାଣାଂ ତ୍ୱାଂ ପ୍ରିୟପତି ହବାମହେ, ନିଧିନାଂ ତ୍ୱାଂ ନିଧିପତିଂ ହବାମହେ, ବସୋର୍ମମ ।’’ ଓଡ଼ିଆ ଜନଜୀବନ ତଥା ଶିକ୍ଷାୟତନରେ ଗଣେଶ ପୂଜା ବା ଗଣନାଥଙ୍କ ପୂଜା ଏକ ମହତ୍‌ପୂର୍ଣ୍ଣ ଉତ୍ସବ । ମହାପ୍ରଭୁ ଶ୍ରୀ ଗଣେଶ କେବଳ ବିଦ୍ୟାଦାତା ନୁହଁନ୍ତି ସେ ଧର୍ମଦାତା ଓ ସିଦ୍ଧିଦାତା ଭାବେ ଅଗ୍ରପୂଜ୍ୟର ଆସନ ଗ୍ରହଣ କରିଛନ୍ତି । କେବଳ ଓଡ଼ିଶାରେ ନୁହେଁ ସମଗ୍ର ଭାରତରେ ଶ୍ରୀଗଣେଶଙ୍କ ପୂଜା ମହାଆଡ଼ମ୍ବର ସହକାରେ ପୂଜା ହୋଇଥାଏ । ଓଡ଼ିଶାର ଶରତ ଋତୁରେ ଶ୍ରୀ ଗଣେଶ ପୂଜା ହେଉଛି ଅନ୍ୟତମ ପାର୍ବଣ ।

ଭାଦ୍ରବ ମାସ ପବିତ୍ର ଶୁକ୍ଳ ଚତୁର୍ଥୀଦିନ ଏହି ପୂଜା କରାଯାଇଥାଏ । ସେ ଦିନ ଛାତ୍ରଛାତ୍ରୀଙ୍କ ଠାରୁ ଅନେକ ଗଣେଶଙ୍କ ଶ୍ରଦ୍ଧାଳୁ ଉପବାସ କରିବା ସହ ବିଦ୍ୟା, ଧନ ଓ ଶୁଭକାମନା କରି ଶୁଦ୍ଧପୂତ ମନରେ ଗଣପତିଙ୍କ ପୂଜା କରନ୍ତି । ଆମ ଦେଶରେ ସମସ୍ତ ଲୌକିକ ଓ ଧାର୍ମିକ କର୍ମର ଆରମ୍ଭରେ ଗଣନାଥଙ୍କ ପୂଜା କରାଯାଏ । ‘ଶ୍ରୀ ଗଣଶାୟ ନମଃ’ ପ୍ରାୟ ସବୁ ଶୁଭକର୍ମର ଆଦ୍ୟ ଉଚ୍ଚାରଣ । ଗଣାନାଂ ପତିଃ ଗଣପତିଃ, ତେଣୁ ମନ୍ତ୍ରରୁ ହିଁ ଜଣାଯାଏ ଯେ, ଗଣେଶ ସର୍ବସାଧାରଣଙ୍କ ଦେବତା । ଗଣପତି ସମୁହବାଚକ ହୋଇଥିବାରୁ ସମଗ୍ର ମାନବ ଜାତିର ସର୍ବସିଦ୍ଧିଦାତା ଭାବେ ସେ ପୂଜ୍ୟ । ପୁରାଣ ଓ ଶାସ୍ତ୍ର ଅନୁଯାୟୀ ଗଣେଶ ବିଦ୍ୟା ଓ ବୁଦ୍ଧିର ଦେବତା । ତାଙ୍କର ଅନ୍ୟ ନାମ ବିଶ୍ଳେଷଣ । ସମସ୍ତ ବିଘ୍ନ ଓ ବିପଦର ସେ ବିନାଶକାରୀ । ସେ ଅଶୁଭକୁ ଦୂର କରି ଶୁଭ ଆଣନ୍ତି । ତେଣୁ ତାଙ୍କର ଉଦ୍ଦେଶ୍ୟରେ କୁହାଯାଏ । ‘‘ଓଁ ନମୋ ଗଣେଶ ବିଘ୍ନେଶ, ଗିରିଜା ନନ୍ଦ ପ୍ରଭୋ, ମମ ବିଘ୍ନ ବିନାଶୟ, ଗଣାଧିପତୟେ ନମଃ’’ ।


+ ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ,
ମୋ: ୯୯୩୭୧୭୨୮୧୦


## ଉପଯୁକ୍ତ ଗଣେଶ ପ୍ରତିମାର ଉପାସନା



### ପଣ୍ଡିତ ସୋମନାଥ ଦାଶ

ଗୋଟିଏ ଶ୍ଳୋକରେ ଗଣେଶଙ୍କର ବର୍ଣ୍ଣନା କରିବାକୁ ଯାଇ ଶାସ୍ତ୍ରରେ କୁହାଯାଇଛି - ସୁମୁଖ ଏକଦନ୍ତ କପିଳା ଗଜକର୍ଣ୍ଣ ଲମୋଦର ନିକଟ ବିଘ୍ନନାଶକ, ବିନାୟକ ଧୂମ୍ରକେତୁ, ଗଣାଧକ୍ଷ ଭାଲଚନ୍ଦ୍ର, ଗଜାନନ । ଅର୍ଥାତ୍ ଗଣେଶଙ୍କର ବର୍ଣ୍ଣନାରେ କୁହାଯାଇଛି - ସୁଦୃଶ୍ୟ ବଦନ, ଏକଦାନ୍ତ, ବିଶିଷ୍ଟ, କଳାରଙ୍ଗ, ହାତୀକର୍ଣ୍ଣ ବିଶିଷ୍ଟ, ବିଶାଳ ଉଦର, ଭୟଙ୍କର ସମସ୍ତ ଅମଙ୍ଗଳ ନାଶକ, ପାଉଁଶ ରଙ୍ଗର ଧ୍ୱଜ ଧାରଣକାରୀ, ଗଣଙ୍କର ଅଧିପତି, ମଥାରେ ଚନ୍ଦ୍ରମାଙ୍କ ଟିକା ଧାରଣ କରିଥିବା ଏବଂ ହାତୀ ମୁହଁ ଥିବା ଦେବତା । କିନ୍ତୁ ପ୍ରତ୍ୟେକ ନାମର ଅନ୍ତର୍ନିହିତ ଉଦ୍ଦେଶ୍ୟ ଅଲଗା । ଶ୍ରୀଗଣେଶଙ୍କୁ ବିଘ୍ନହର୍ତ୍ତା କୁହାଯାଇଥାଏ । ସେଥିପାଇଁ ଘରେ ବାହାରେ ଚାରିଆଡ଼େ ତାଙ୍କର ପୂଜା କରାଯାଇଥାଏ । ତେବେ ଘରକୁ ଶ୍ରୀଗଣେଶଙ୍କ ମୂର୍ତ୍ତି ଆଣିବା ପୂର୍ବରୁ କେତେକ ବିଶେଷ ଦିଗ ପ୍ରତି ଧ୍ୟାନ ଦେବା ଜରୁରୀ । ସର୍ବପ୍ରଥମେ ଧ୍ୟାନ ଦେବା ଉଚିତ ଯେ ଗଣେଶ ପ୍ରତିମାଙ୍କ ଶୁଣ୍ଢ ବାମ ଦିଗକୁ ମୋଡ଼ି ହୋଇ ରହିଥିବ । କାରଣ ଡାହାଣ ପାର୍ଶ୍ୱକୁ ମୋଡ଼ି ହୋଇ ରହିଥିବା ଗଣେଶ ପ୍ରତିମାର ଉପାସନା ଦ୍ୱାରା କାର୍ଯ୍ୟସିଦ୍ଧିରେ ବିଳମ୍ବ ହୋଇଥାଏ । ସେହିପରି ପ୍ରତିମାରେ ଶ୍ରୀଗଣେଶ ନିଜ ମୂଷିକ ବାହନରେ ରହିଥିବା ଉଚିତ୍ । ଏଥିସହିତ ତାଙ୍କ ହସ୍ତରେ ସମସ୍ତ ଶସ୍ତ୍ର-ଏକଦନ୍ତ, ଅଙ୍କୁଶ ଏବଂ ମୋଦକ ରହିଥିବା ଆବଶ୍ୟକ । ଗଣେଶଙ୍କ ଗୋଟିଏ ହସ୍ତ ବରଦାନ ମୁଦ୍ରାରେ ରହିଥିବା ଜରୁରୀ । ଏହି ରୂପରେ ଗଣେଶଙ୍କ ଆରାଧନା ଉଚିତ ଫଳ ପ୍ରଦାନ କରିଥାଏ । ସନ୍ତାନ ସୁଖ ପ୍ରାପ୍ତି ନିମନ୍ତେ ଘରକୁ ଶିଶୁ ଗଣେଶଙ୍କ ପ୍ରତିମା ଆଣି ଗଣେଶ ଚତୁର୍ଥୀ ଦିନ ପ୍ରତିଷ୍ଠା କରିବା ସହିତ ନିୟମିତ ତାହାର ପୂଜା କରିବା ଆବଶ୍ୟକ । ଘରେ ଆନନ୍ଦ ଉତ୍ସାହରେ ବୃଦ୍ଧି ନିମନ୍ତେ ନୃତ୍ୟରତ ଶ୍ରୀଗଣେଶଙ୍କ ମୂର୍ତ୍ତି ଆଣି ସ୍ଥାପନ କରିବା ଆବଶ୍ୟକ । ଶୋଇଥିବା ଗଣେଶଙ୍କ ପ୍ରତିମା ଆଣି ଘରେ ସ୍ଥାପନ କଲେ ସୁଖସମୃଦ୍ଧିରେ ସ୍ଥାୟିତ୍ୱ ରହିବା ଉଚିତ । ସିନ୍ଦୂର ରଙ୍ଗର ଗଣେଶଙ୍କ ପୂଜା ଦ୍ୱାରା ସମୃଦ୍ଧ ଲାଭ ହୋଇଥାଏ । ବାସ୍ତୁ ଶାସ୍ତ୍ର ଅନୁଯାୟୀ ଗୃହର ବ୍ରହ୍ମ ସ୍ଥାନ (କେନ୍ଦ୍ରସ୍ଥଳୀ), ଐଶାନ୍ୟ କୋଣ ଏବଂ ପୂର୍ବଦିଗରେ ଶ୍ରୀଗଣେଶଙ୍କ ମୂର୍ତ୍ତି ସ୍ଥାପନ ଦ୍ୱାରା ସମସ୍ତ ଶୁଭ ହୋଇଥାଏ । ଗୋଟିଏ ସ୍ଥାନରେ ଏକାଧିକ କିମ୍ବା ସାମ୍ନାସାମ୍ନି ଦୁଇଟି ଗଣେଶ ପ୍ରତିମା ରଖିବା ଉଚିତ ନୁହେଁ । ଏହାଦ୍ୱାରା ଗୃହସ୍ଥଙ୍କ ବିଘ୍ନ ଘଟିଥାଏ ।




+ କର୍ମକାଣ୍ଡ ବିଶାରଦ ଓ ଜ୍ୟୋତିଷ ପରାମର୍ଶଦାତା,
‘ମା ଶାରଳା ଆଷ୍ଟ୍ରୋ ପଏଣ୍ଟ’ ସେକ୍ଟର-୭, ସିଡିଏ, କଟକ,
ମୋ : ୭୦୦୮୦୦୦୮୯୮


## ଅଷ୍ଟ ବିନାୟକ ମନ୍ଦିର



### ସୁଧାଂଶୁ ଶେଖର ଦ୍ୱିବେଦୀ



ଗଣେଶ ଉତ୍ସବରେ ଭବ୍ୟ ପେଣ୍ଡାଲ ସଜାହୁଏ। ଘରେ ଘରେ ପ୍ରଥମପୂଜ୍ୟ ଶ୍ରୀ ଗଣେଶଙ୍କ ମୂର୍ତ୍ତି ସ୍ଥାପନା କରି ପୂଜା କରାଯାଏ। କେତେକ ଲୋକ ଗଜାନନଙ୍କ ମନ୍ଦିର ଦର୍ଶନ ପାଇଁ ଯାଆନ୍ତି। ଆମ ଦେଶରେ ଗଣପତିଙ୍କର ଅନେକ ଭବ୍ୟ ଦିବ୍ୟ ମନ୍ଦିର ଅଛି। ସେଗୁଡିକ ମଧ୍ୟରୁ ପ୍ରମୁଖ ଅଷ୍ଟ ବିନାୟକ ମନ୍ଦିର ଅନ୍ୟତମ।

ଅଷ୍ଟ ବିନାୟକ ମନ୍ଦିର କେବଳ ଗୋଟିଏ ମନ୍ଦିର ନୁହେଁ ଅଥଚ ଆଠଟି ଗଣେଶ ମନ୍ଦିରର ଶୃଙ୍ଖଳା ଅଟେ। ଏହି ଶୃଙ୍ଖଳାରେ ଜଡିତ ପ୍ରତିଟି ଗଣପତି ମନ୍ଦିରର ମହତ୍ତ୍ୱ ଏବଂ ଇତିହାସ ପ୍ରସିଦ୍ଧ। ଆଶ୍ଚର୍ଯ୍ୟ ଏହା ଯେ ଆଠଟି ପ୍ରମୁଖ ଗଣପତି ମନ୍ଦିର ମହାରାଷ୍ଟ୍ରରେ ଅବସ୍ଥିତ।

ମୋର ଗାଁରେ ମୟୂରେଶ୍ୱର:- ମହାରାଷ୍ଟ୍ରର ପୁନେ ଜିଲ୍ଲାର ବାରାମତୀ ତାଲୁକରେ ମୋରଗାଁ ନାମକ ସ୍ଥାନ। ସେଠାରେ ମୟୂରେଶ୍ୱର ବିନାୟକ ମନ୍ଦିର ଅଛି। ଅଷ୍ଟ ବିନାୟକ ମନ୍ଦିର ମଧ୍ୟରେ ମୟୂରେଶ୍ୱର ବିନାୟକଙ୍କ ଆକାର ମୟୂର ପରି ହୋଇଥିବାରୁ ଉକ୍ତ ଗାଁକୁ ମୋରଗାଁ କୁହାଯାଏ।

ତ୍ରେତୟା ଯୁଗରେ ସିନ୍ଧୁରାସୁର ନାମକ ରାକ୍ଷସକୁ ବଦ୍ଧ କରିବା ପାଇଁ ଭଗବାନ ଶ୍ରୀଗଣେଶ ମୟୂରେଶ୍ୱର ରୂପରେ ୬ଟି ଭୂଜା

ସହିତ ଶ୍ୱେତରଙ୍ଗ ଧାରଣ କରିଥିଲେ ତଥା ମୟୂରକୁ ନିଜ ବାହନ କରିଥିଲେ। ମନ୍ଦିରଟି କଳା ମୁଗୁନି ପଥରରେ ନିର୍ମାଣ ହୋଇଛି।

ସିଦ୍ଧଟେକ୍‌ରେ ସିଦ୍ଧିବିନାୟକ:-ଅହମଦ ନଗର ଜିଲ୍ଲାର କରାଟ ତାଲୁକର ସିଦ୍ଧଟେକ୍‌ରେ ସ୍ଥିତ ସିଦ୍ଧିବିନାୟକ ମନ୍ଦିର ଅନ୍ୟ ଏକ ଅଷ୍ଟ ବିନାୟକ ମନ୍ଦିର ଅଟେ। ପୁରାଣ କଥା ଅନୁସାରେ ମଧୁ କୈଟଭ ନାମକ ଦୁଇ ଅସୁର ଭାଇଙ୍କୁ ଭଗବାନ ଶ୍ରୀହରି ଅନେକ ଚେଷ୍ଟା କରି ମଧ୍ୟ ମାରି ପାରିଲେ ନାହିଁ। ଭଗବାନ ଶଙ୍କରଙ୍କୁ ସହାୟତା ମାଗିଲେ। ଶଙ୍କର ତାଙ୍କୁ ଗଣେଶଙ୍କର ଆବାହନ କରିବାକୁ କହିଲେ। ଶ୍ରୀହରି ଉକ୍ତ ସ୍ଥାନରେ ଭଗବାନ ଗଣେଶଙ୍କର ମୂର୍ତ୍ତି ସ୍ଥାପନା କରି ପୂଜା ଅର୍ଚ୍ଚନା କଲେ।

ଗଣେଶଙ୍କର ଅପାର କରୁଣା ପାଇ ଶ୍ରୀହରି ମଧୁ କୈଟଭକୁ ବଦ୍ଧ କରି ପାରିଲେ। ପରେ ଇନ୍ଦୋରର ରାଣୀ ଅହଲ୍ୟାବାଈ ସିଦ୍ଧଟେକ୍ ରେ ଭବ୍ୟ ସିଦ୍ଧିବିନାୟକ ମନ୍ଦିର ନିର୍ମାଣ କରିଥିଲେ।ସିଦ୍ଧି ବିନାୟକ ମନ୍ଦିର ଏକ ପାହାଡ଼ ଉପରେ ଅବସ୍ଥିତ। ଯାହାର ଦ୍ୱାର ଉତ୍ତର ଦିଗକୁ ରହିଛି।

ପାଲିରେ ବଲ୍ଲାଳେଶ୍ୱର:- ମହାରଷ୍ଟ୍ରର ରାୟଗଡ ଜିଲ୍ଲାରେ ଅମ୍ବା ନଦୀ କୂଳର ପାଲି ଗାଁରେ ବଲ୍ଲାଳେଶ୍ୱର ବିନାୟକ ମନ୍ଦିର ଅବସ୍ଥିତ।

ମାନ୍ୟତା ଅନୁସାରେ ଭଗବାନ ଶ୍ରୀଗଣେଶ ଜଣେ ବ୍ରାହ୍ମଣ ରୂପ ଧାରଣ କରି ଭକ୍ତ ବଲ୍ଲାଳଙ୍କୁ ଦର୍ଶନ ଦେଇ ଯୁଗଯୁଗ ପାଇଁ ସେଇଠି ବାସ କରିବାକୁ ବରଦାନ ଦେଇଥିଲେ। ପରବର୍ତ୍ତୀ ସମୟରେ ଉକ୍ତ ସ୍ଥାନ ବଲ୍ଲାଳେଶ୍ୱର ବିନାୟକ ମନ୍ଦିର ନାମରେ ପ୍ରସିଦ୍ଧି ପାଇଲା। ମନ୍ଦିରର ମୂଳ ନିର୍ମାଣ କାଠରେ ହୋଇଥିଲା। ମନ୍ଦିର ପରିସରରେ ୟୁରୋପ ଶୈଳୀର ଏକ ବିଶାଳ ଘଣ୍ଟା ଅଛି। ଯାହା ପର୍ତ୍ତୁଗାଲଙ୍କୁ ବିଜୟ କରି ସେଠାରେ ସ୍ଥାପନା କରାହୋଇଛି। ଆଉ ଏକ ଆଶ୍ଚର୍ଯ୍ୟ କଥା ଏହା ଯେ ସୂର୍ଯ୍ୟଙ୍କ ଦକ୍ଷିଣାୟନ ସମୟରେ ସୁନା ରଙ୍ଗର କିରଣ ବିନାୟକଙ୍କ ଉପରେ ପଡିଥାଏ।

ଲେନ୍ୟାଦ୍ରୀରେ ଗିରିଜାତ୍ମଜ:- ଗିରିଜାତ୍ମଜ ବିନାୟକ ମନ୍ଦିରର ନାମ ଭଗବାନ ଶ୍ରୀଗଣେଶଙ୍କର ମାତା ପାର୍ବତୀ (ଗିରିଜା)ଙ୍କ ନାମରେ ନାମିତ। ଏହି ମନ୍ଦିର ପୁନେ ଜିଲ୍ଲାର ଜୁନ୍ନାର ତାଲୁକ ଅନ୍ତର୍ଗତରେ ପଡେ। ମନ୍ଦିରରେ ବିରାଜିତ ଅଷ୍ଟବିନାୟକଙ୍କୁ ଦର୍ଶନ କରିବାପାଇଁ ଭକ୍ତଜନଙ୍କୁ ୩୦୭ଟି ପାହାଚ ଚଢି ପର୍ବତ ଉପରକୁ ଯିବାପାଇଁ ହୁଏ। ଏହା ସେହି ସ୍ଥାନ ଯେଉଁଠାରେ ମାତା ପାର୍ବତୀ ନିଜ ଦେହର ବର୍ଯ୍ୟ ବସ୍ତୁରେ ଗଣେଶଙ୍କର ଆକାର ବନେଇଥିଲେ। ଫଳସ୍ୱରୂପ ଉକ୍ତ ବର୍ଯ୍ୟ ବସ୍ତୁ ଜୀବଦାନ ପାଇ ପ୍ରକଟ ହୋଇଥିଲେ। ଦକ୍ଷିଣ ଦିଗ ଦ୍ୱାର ବିଶିଷ୍ଟ ଗିରିଜାତ୍ମଜ ବିନାୟକ ମନ୍ଦିର ୧୮ଟି ଗୁମ୍ଫା ଶୃଙ୍ଖଳାରେ ୮ମ ଗୁମ୍ଫାରେ ସ୍ଥିତ।

ଥେଉରରେ ଚିନ୍ତାମଣି ବିନାୟକ:- ଚିନ୍ତାମଣି ବିନାୟକ ମନ୍ଦିର ପୁନେ ଜିଲ୍ଲାର ହବେଲି ତାଲୁକର ଥେଉର ନାମକ ସ୍ଥାନରେ ସ୍ଥିତ। ଏହି ମନ୍ଦିର ନିକଟରେ ମୂଳା ନଦୀ, ମୁଥା ନଦୀ ଏବଂ ଭୀମା ନଦୀ ଭଳି ତିନୋଟି ନଦୀର ସଙ୍ଗମସ୍ଥଳ ଅଛି।

ପୁରାଣ ଯୁଗରେ ଗଣାସୁର ନାମକ ଜଣେ କ୍ରୁର ରାକ୍ଷସ ଥିଲା। ତାକୁ ସ୍ୱର୍ଗ, ମର୍ତ୍ତ୍ୟ ଏବଂ ପାତାଳ ଲୋକରେ ରାଜତ୍ୱ କରିବାକୁ ବରଦାନ ପ୍ରାପ୍ତ ହୋଇଥିଲା। ସେ କପିଳ ମୁନିଙ୍କଠାରୁ ଇଚ୍ଛାପୂର୍ତ୍ତି ମଣି ଛଡେଇ ଆଣିଥିଲା। କପିଳ ମୁନିଙ୍କ ଆବାହନରେ ଭଗବାନ ଶ୍ରୀଗଣେଶ ଗଣାସୁରକୁ ବଦ୍ଧ କରି ଚିନ୍ତାମଣି ରତ୍ନ କପିଳ ମୁନିଙ୍କୁ ଫେରସ୍ତ କରିଥିଲେ। କପିଳ ମୁନି ଭଗବାନ ଗଣେଶଙ୍କ ଉପରେ ପ୍ରସନ୍ନ ହୋଇ ସେଠାରେ ନିବାସ କରିବାକୁ ପ୍ରାର୍ଥନା କଲେ। ତାଙ୍କ ପ୍ରାର୍ଥନା ସଫଳ ହେଲା। ଗଣପତି ସେଠାରେ ସ୍ୱୟଂଭୁ ପ୍ରତିମା ରୂପେ ବାସ କଲେ।

ଓଝାରରେ ବିଘ୍ନେଶ୍ୱର:- ବିଘ୍ନେଶ୍ୱର ବିନାୟକ ମନ୍ଦିର ସୁନା କଳସ, ଦୀପମାଳ ତଥା ପଥର ଖମ୍ବ ପାଇଁ ପ୍ରସିଦ୍ଧ ଅଟେ। ସମସ୍ତ ଅଷ୍ଟ ବିନାୟକ ମନ୍ଦିର ମଧ୍ୟରେ ବିଘ୍ନେଶ୍ୱର ବିନାୟକ ମନ୍ଦିର ଏଭଳି ଏକ ମନ୍ଦିର ଯେଉଁଠି ସୁନାର କଳସ ଅଛି।ଉକ୍ତ ମନ୍ଦିର ମହାରଷ୍ଟ୍ରର ଓଝାର ନାମକ ସ୍ଥାନରେ ଅବସ୍ଥିତ।

ରାଜନନ୍ଦଗାଁରେ ଶ୍ରୀ ମହାଗଣପତି:- ଅଷ୍ଟ ବିନାୟକ ମନ୍ଦିର ମଧ୍ୟରେ ଶ୍ରୀ ମହାଗଣପତି ମନ୍ଦିର ପୁନେ ସ୍ଥିତ ରାଜନନ୍ଦଗାଁରେ ଅଛି। ଉକ୍ତ ମନ୍ଦିରଟି ୯ମ କି ୧୦ମ ଶତାବ୍ଦୀରେ ମାଧବ ରାଓ ପେଶାୱାଙ୍କ ଶାସନ କାଳରେ ନିର୍ମାଣ ହୋଇଛି ବୋଲି ପୁରାତତ୍ତ୍ୱବିତ୍ ମାନେ ମତ ଦେଇଛନ୍ତି। ମନ୍ଦିର ତଳେ ଥିବା କୋଠରୀରେ ବିନାୟକଙ୍କ ମୂର୍ତ୍ତି ରଖିବା ନିମନ୍ତେ କେତୋଟି କୋଠରୀ ଅଛି। ପରବର୍ତ୍ତୀ ସମୟରେ ଇନ୍ଦୋରର ରାଜା ମନ୍ଦିରକୁ ପୁନଃ ନିର୍ମାଣ କରିଥିଲେ।

ମହାଡ୍‌ରେ ବରଦା ବିନାୟକ:- ମହାରଷ୍ଟ୍ରର ରାୟଗଡ଼ ଜିଲ୍ଲାରେ ମହାଡ଼ ସହର ଅଛି। ମୁମ୍ବାଇରୁ ୬୩ କି:ମି ଏବଂ ପୁନେରୁ ୮୫ କି:ମି ଦୂର ମହାଡ଼ ଗଣପତି ମୁମ୍ବାଇ ନାମରେ ପ୍ରସିଦ୍ଧ। ବରଦା ବିନାୟକ ମନ୍ଦିର ୧୭୨୫ରେ ପେଶୱା ସୁବେଦାର ରାମଜୀ ମହାଦେବଙ୍କ ଦ୍ୱାରା ନିର୍ମାଣ କରାଯାଇଥିଲା। ସେ ଏହି ମନ୍ଦିରକୁ ମହାଡ଼ ଗ୍ରାମବାସୀଙ୍କୁ ଉପହାର ସ୍ୱରୂପ ପ୍ରଦାନ କରିଥିଲେ। ମନ୍ଦିରଟି ଝରଣା ନିକଟରେ ସ୍ଥିତ ହୋଇଥିବାରୁ ଝରଣାର ପଥରରେ ମନ୍ଦିର ନିର୍ମାଣ କରାହୋଇଛି। ମାନ୍ୟତା ଅନୁସାରେ ୧୮୯୨ ମସିହାରୁ ଏଯାଏ ମନ୍ଦିର ପରିସରରେ ଅଖଣ୍ଡ ଦୀପ ଜଳୁଛି।


+ ବିସି-୭୪,ସଲ୍ଟ ଲେକ୍,କଲକତା-୬୪
ମୋ-୯୬୮୧୩୭୩୫୧୨


## ଶ୍ରୀମନ୍ଦିର ଓ ଶ୍ରୀଗଣେଶ



### କବୀର କୁମାର ଜେନା

ପବିତ୍ର ଗଣେଶ ପୂଜା ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପୁଣ୍ୟ ପାବନ ଧାମର ସମ୍ପର୍କରେ କିଛି ଅବଗତ ହେବା। ଶ୍ରୀମନ୍ଦିର ପଶ୍ଚିମ ପଟରେ ସାକ୍ଷୀଗୋପାଳ ମନ୍ଦିର ପାଖରେ ପ୍ରତିଷ୍ଠା ହୋଇଛି ‘କାଞ୍ଚି ଗଣେଶ’ ମନ୍ଦିର। ସବୁଠାରୁ ଉଲ୍ଲେଖନୀୟ କଥାଟି ହେଉଛି ଏହି କାଞ୍ଚି ଗଣେଶଙ୍କୁ କେହି କେହି ‘ଭଣ୍ଡ ଗଣେଶ’, ‘ତନ୍ତ୍ର ଗଣେଶ’ ଭାବେ ପୂଜା କରିଥାନ୍ତି। ଶ୍ରୀମନ୍ଦିରର ସତ୍ୱଲିପିରେ ଏହି ଗଣେଶଙ୍କ ସେବାରେ ଭିତରଚ୍ଛୁ ମହାପାତ୍ର ନିୟୋଜିତ। ଶ୍ରୀମନ୍ଦିରର ଦକ୍ଷିଣ ଦ୍ୱାର ଦେଇ ଯଦି କେହି ଗୁମୁଟ ଭିତରକୁ ପ୍ରବେଶ କରନ୍ତି ତେବେ ଦକ୍ଷିଣ ପଟର କଳ୍ପବଟ ବୃକ୍ଷ ତଳେ ବିରାଜିତ ମନ୍ଦିରଟି ହେଉଛି ‘ବଟ ଗଣେଶ’ ମନ୍ଦିର। ଅନେକ ଭକ୍ତ ଏହାଙ୍କୁ ‘କଳ୍ପବଟ’ ଗଣେଶ ଭାବେ ପ୍ରାର୍ଥନା କରିଥାନ୍ତି। ବିଶ୍ୱାସ କରନ୍ତି ଏହି ଗଣେଶଙ୍କ ପାଖରେ ମାନସିକ କଳ୍ପନା ପୂର୍ଣ୍ଣ ହୁଏ। ପଥରରେ ତିଆରି ଶ୍ରୀଗଣେଶ ମୂର୍ତ୍ତି ଦକ୍ଷିଣ ମୁହାଁ। ସବୁଠାରୁ ଏହି ମନ୍ଦିରର ଏକ ସ୍ୱତନ୍ତ୍ରତା ହେଉଛି ଶ୍ରୀଗଣେଶଙ୍କ ସାମ୍ନାରେ ଯେଉଁ ମୂଷିକ ବାହନ ବିଦ୍ୟମାନ ସେହି ମୂଷିକ ମୂର୍ତ୍ତିଟି ଅତି ଚମତ୍କାର ଓ କୁଶଳୀ ଉତ୍କଳର ପ୍ରାଚୀନ ଶିଳ୍ପ ପରମ୍ପରା ଏକ ଅନନ୍ୟ ନିଦର୍ଶନ। ଶ୍ରୀମନ୍ଦିରର ଭିତର ବେଢ଼ାକୁ ଯଦି ଆପଣ ଯାଉଥାନ୍ତି ତେବେ ଯେଉଁ ଜଳକ୍ରୀଡ଼ା ମଣ୍ଡପ ରହିଛି। ସେଠାରେ ମଧ୍ୟ କଳା ମୁଗୁନି ପଥରରେ ତିଆରି ଦକ୍ଷିଣ ମୁହାଁ ଅଠଭୁଜଧାରୀ ଦଣ୍ଡାୟମାନ ଶ୍ରୀଗଣେଶଙ୍କ ମନ୍ଦିର ରହିଛି। ଶ୍ରୀମନ୍ଦିର ଭିତରେ ମାଆ ବିମଳାଙ୍କ ମନ୍ଦିରକୁ ଯାଉଥିଲେ ମନ୍ଦିରର ପ୍ରବେଶ ଦ୍ୱାରର ବାମଭାଗରେ ଏକ ନୃତ୍ୟଭଙ୍ଗୀରେ ଛୋଟିଆ ଶ୍ରୀଗଣେଶଙ୍କ ବିଗ୍ରହ ଦଣ୍ଡାୟମାନ। ପୂର୍ବକୁ ମୁହଁ କରିଥିବା ଏହି ବିଗ୍ରହ, ଦକ୍ଷିଣାଭିମୁଖୀ ଭାବେ ଉପବିଶନ କରିଛନ୍ତି। ସେହିପରି ଭିତର ବେଢ଼ା ଅଞ୍ଚଳରେ ଥିବା ‘ପାଦୁକା କୁଣ୍ଡ’ ଉପର ଘରେ କଳା ମୁଗୁନି ପଥରରେ ତିଆରି ପୂର୍ବକୁ ମୁଖ କରିଥିବା ଶ୍ରୀଗଣେଶଙ୍କ ମୂର୍ତ୍ତି ବିରାଜିତ। ମହାଲକ୍ଷ୍ମୀ ମନ୍ଦିରର ଜଗମୋହନ ଅଞ୍ଚଳର ଉତ୍ତର ପଟ କାନ୍ଥରେ ଏକ



ପଞ୍ଚମୁଖୀ ଶ୍ରୀଗଣେଶଙ୍କ ଚିତ୍ର ପ୍ରତୀମା ସ୍ଥାନ ପାଇଛି। ସେହିପରି ଏହି ମନ୍ଦିରର ପଛ ଭାଗରେ ଥିବା କୋଠଭୋଗ ଗୋଦାମ ଘର ଭିତରେ କଳା ମୁଗୁନି ପଥରରେ ତିଆରି ଦକ୍ଷିଣକୁ ମୁହଁ କରିଥିବା ଶ୍ରୀଗଣେଶଙ୍କ ମୂର୍ତ୍ତି ରହିଛି। ଶ୍ରୀମନ୍ଦିରର ଅନ୍ୟ ସ୍ଥାନ ମାନଙ୍କରେ ଶ୍ରୀଗଣେଶଙ୍କ ମୂର୍ତ୍ତି, ଚିତ୍ର ପ୍ରତୀମା ସମ୍ପର୍କରେ ଆମେ ଗବେଷଣା, ତଥ୍ୟ ସଂଗ୍ରହ ଓ ଦେଖିବା ଭିତରେ ଜଗମୋହନ ଭିତରେ ମୁଦୁଲି ଦ୍ୱାର ପାଖର ପ୍ରଥମ ଖମ୍ବରେ ଶ୍ରୀଗଣେଶଙ୍କ ଏକ ଚିତ୍ର ପ୍ରତୀମା ବିରାଜିତ। ଏହି ଗଣେଶଙ୍କୁ ସମସ୍ତେ ‘ଚର୍ଚ୍ଚା ଗଣେଶ’ ଭାବେ ପ୍ରାର୍ଥନା କରିଥାନ୍ତି। ଶ୍ରୀମନ୍ଦିରର ସତ୍ୱଲିପିର ତଥ୍ୟ ଅନୁଯାୟୀ ଜଗମୋହନର ଅଷ୍ଟମ ଖମ୍ବ ଓ ତ୍ରୟୋଦଶ ଖମ୍ବରେ ଭଗବାନ ଗଣେଶଙ୍କ ଚିତ୍ର ପ୍ରତୀମା ବିରାଜିତ ସେହିପରି ପକ୍ଷୀରାଜ ଗରୁଡଙ୍କ ନାମରେ ନାମିତ ଗରୁଡ଼ ସ୍ତମ୍ଭ ପଛ ଭାଗରେ ଏକ ଛୋଟିଆ ଗଣେଶ ମୂର୍ତ୍ତି ବିରାଜିତ। ସେହିପରି ଶ୍ରୀମନ୍ଦିରର ନାଟ ମଣ୍ଡପ ଅଞ୍ଚଳରେ ଏହି ନାଟ ମଣ୍ଡପରୁ ଭୋଗ ମଣ୍ଡପକୁ ଯାଇଥିବା ପ୍ରବେଶ ପଥର ବାମପଟେ ଦ୍ୱାରବନ୍ଧ କାନ୍ଥରେ ଅତି ସୌନ୍ଦର୍ଯ୍ୟପୂର୍ଣ୍ଣ କଳାମୁଗୁନି ପଥରରେ ତିଆରି ଦକ୍ଷିଣ ମୁହାଁ ଶ୍ରୀଗଣେଶଙ୍କ ମୂର୍ତ୍ତି ରହିଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନାଟମଣ୍ଡପରୁ ଭୋଗମଣ୍ଡପକୁ ଥିବା ପ୍ରବେଶ ପଥର ବାମପାର୍ଶ୍ୱ ଦ୍ୱାର ବନ୍ଧ କାନ୍ଥରେ କଳା ମୁଗୁନି ପଥରର ଏକ କ୍ଷୁଦ୍ର ଗଣେଶ ମୂର୍ତ୍ତି ଦକ୍ଷିଣାଭିମୁଖୀ ଭାବେ ବିଦ୍ୟମାନ ଅଟନ୍ତି। ମହାପ୍ରଭୁଙ୍କ ଦୋଳବେଦି ଚତୁଃପାର୍ଶ୍ୱ ପ୍ରାଚୀର କାନ୍ଥରେ ୪ଟି ଗଣେଶଙ୍କ ମୂର୍ତ୍ତି ରହିଛି। ସେଥି ମଧ୍ୟରେ ଗୋଟିଏ ଗଣେଶ ମୂର୍ତ୍ତି ଶ୍ରୀମନ୍ଦିର ନଟଗଣେଶ ମୂର୍ତ୍ତି ଶୈଳୀରେ ନିର୍ମିତ। ଶ୍ରୀମନ୍ଦିରର ଭଗ୍ନ ମୂର୍ତ୍ତିଗୁଡ଼ିକ ବାହାର କରି ଆଣି ଦୋଳବେଦିରେ ସ୍ଥାପନ କରାଯାଇଥିବା କୁହାଯାଉଛି।


+ ଅଣିକଣା, ବରୀ, ଯାଜପୁର,
ମୋ : ୮୯୧୭୩୭୭୯୮୭

## ଗଣପତି ବାବା ଆସ ଆସ

### ଜେନା ପ୍ରଦୀପ



ତୁମ ଆଗମନୀ ତୁମ ଆବାହନୀ
ଆଣିଛି ଖୁସିର ଅବକାଶ
ସବୁଜ ଧରଣୀ ସଜେଇ ହେଲାଣି
ହସିଉଠେ ଦେଖ ଦଶଦିଶ।
ଗଣପତି ବାବା ଆସ ଆସ
ମଙ୍ଗଳମୂର୍ତ୍ତୀ ଆସ ଆସ ।
ତ୍ୱମେ ବୁଦ୍ଧିଦାତା ତୁମେ ସିଦ୍ଧିଦାତା
ଗଣନାଥ ତୁମେ ଗଜାନନ
ତୁମେ ଲମ୍ବୋଦର ତୁମେ ବିଦ୍ୟାଧର
ଶିବସୁତ ତୁମେ ଗୁଣବାନ।
ଦିଅ ବରାଭୟ ପାର୍ବତୀ ତନୟ
ଅଜ୍ଞାନ ଅନ୍ଧାର କର ଦୂର
ଜ୍ଞାନର ଭଣ୍ଡାର ପ୍ରଭୁ ଜ୍ଞାନେଶ୍ୱର
ଅଗ୍ରପୂଜ୍ୟ ଦେବ କୃପା କର।
ଗିରିଜା ନନ୍ଦନ ଜଗତ ବନ୍ଦନ
ଭକତିରେ ପ୍ରଭୁ ହୁଅ ବଶ।
ଗଣପତି ବାବା ଆସ ଆସ ।
ତୁମ ଲେଖନୀରୁ ଜାତ ସବୁ ଶାସ୍ତ୍ର
ମୂର୍ଖକୁ ପଣ୍ଡିତ କର ତୁମେ
ବିଦ୍ୟା ପ୍ରଦାୟକ ମହାବିନାୟକ
ବାରବାର ତବ ପାଦେ ନମେ।
ସର୍ବସୁଖଦାତା ଆହେ ବିଘ୍ନହର୍ତ୍ତା
ଅଯୋନି ସମ୍ଭୂତ ବକ୍ରନେତ୍ର
ପାଶାଙ୍କୁଶଧାରୀ ଅନୁଗ୍ରହ କରି
ନାଶ ଦୁଃଖନିଶି ଏକଦନ୍ତ।
କୋଟିସୂର୍ଯ୍ୟ ସମ ଅଟେ ତେଜ ତୁମ
ଆଲୋକର ମହା ସମାବେଶ।
ଗଣପତି ବାବା ଆସ ଆସ ।


+ ଲକ୍ଷ୍ମୀପାଦ,ପ୍ଲଟ ନଂ ୩ ଇ ୧୦୧୮
ସେକ୍ଟର ୧୩, ମର୍କତନଗର, କଟକ,
ମୋ - ୯୯୩୮୫୨୦୩୭୧


## ହେ ଗଣେଶ

### ରତ୍ନକାନ୍ତି ମିଶ୍ର



ହେ ଗଣେଶ, ଲମ୍ବୋଦର ପାର୍ବତୀ ନନ୍ଦନ
ଅଗ୍ରପୂଜ୍ୟ ଦେବ ତୁମେ ଆହେ ଗଜାନନ,
ପଦପାତ କର ଏବେ ଏ ମର୍ତ୍ତ୍ୟ ଭୁବନେ
ଆଶିଷ ଦିଅ ହେ ପ୍ରଭୁ ଏଇ ଅକିଞ୍ଚନେ ।

ରହିଛି ମୁଁ ଅଜ୍ଞାନତା କଳୁଷ ଅନ୍ଧାରେ
ଜ୍ଞାନର ପ୍ରଦୀପ ଜାଳ ମୋର ହୃଦୟରେ,
ବିଘ୍ନ ଯେତେ ହରିନିଅ ଆହେ ଦୟାମୟ
ତୁମରି ସ୍ମରଣେ ମନ ରହୁ ମୋ ନିର୍ଭୟ ।

ଆହେ ପ୍ରଭୁ ଗଣପତି ବିଘ୍ନହର୍ତ୍ତା ଦେବ
ବିପଦରେ ତୁମେ ହୁଅ ମୋର ଅବଲମ୍ବ,
କୃପାକର ଜୀବନ ମୋ ହେଉ ସାବଲୀଳ
ବିବେକ ପ୍ରସୂତ ଜ୍ଞାନେ ରହେ ଅବିଚଳ ।

ଜ୍ଞାନ ବୁଦ୍ଧି ଦିଅ ମୋତେ ପ୍ରଭୁ ଗଣନାଥ
ଶାଶ୍ୱତ ପବିତ୍ର ରହୁ ମନ ସଦାବର୍ତ୍ତ,
ମୋ ପାଇଁ କେ ଦୁଃଖ କଷ୍ଟ ନକରୁ ବରଣ
କା ଆଖିର ଲୁହର ମୁଁ ନହୁଏ କାରଣ ।

ସୁଖ ଶାନ୍ତି ଭରିଦିଅ ସମଗ୍ର ବିଶ୍ୱରେ
ଖୁସି ପାରିଜାତ ଫୁଟୁ ସବୁରି ଅନ୍ତରେ,
ନ ଭୋଗୁ ଏ ବସୁନ୍ଧରା ଅକାଳେ ବିପାକ
ଏତିକି ମାଗୁଣି ମୋର ଦୟାବହି ରଖ ।

ସବୁରି ମଙ୍ଗଳ କର, ହେ ମଙ୍ଗଳମୂର୍ତ୍ତି
ସୁଜଳା ସୁଫଳା ସ୍ୱଚ୍ଛ ଦିଶୁ ଏ ଧରିତ୍ରୀ,
ବସୁଧୈବ ଭାବଧାରା ଖେଳୁ ଏ ସଂସାରେ
ଭକ୍ତି ଅର୍ଘ୍ୟ ବାଢେ ପ୍ରଭୁ ତୁମ ଶ୍ରୀ ପୟରେ ।


+ ଆଳି, କେନ୍ଦ୍ରାପଡ଼ା


## ଭରିଯାଉ ମନେ ଭକତି

### ନଗେନ୍ଦ୍ର ନାଥ ପଟ୍ଟନାୟକ



ଗଉରୀ ନନ୍ଦନ ପ୍ରଭୁ ଗଜାନନ
ମହିମା ତୁମର ଅପାର
ବର୍ଣ୍ଣିବାକୁ ସାଧ ଅଛି ଯେ କାହାର
ତୁମ ଶୋଭା କାନ୍ତି ଆଭାର ।
ଦେବତା ବୋଲି ତ ଜାଣନ୍ତି ସରବେ
ବିବେକ ସମୃଦ୍ଧି ବୁଦ୍ଧିର
ତୁମେ କାରୁଣିକ ତୁମେ ସିଦ୍ଧିଦାତା
ତୁମେ ତ ବିଦ୍ୟାର ସାଗର ।
ଅପସରି ଯାଏ ଅଜ୍ଞାନ ଅନ୍ଧାର
ତୁମର କୁହୁକ ପରଶେ
ତୁମ ବିଦ୍ୟା ବିନା ଅବିଦ୍ୟା କାଳିମା
ଭରିଯାଏ ମନ-ଆକାଶେ ।
ପ୍ରଥମେ ତୁମର ପୂଜନ ହୁଅଇ
ଅନ୍ୟ ଦିଅଁ ପରେ ପୂଜିତ
ଝରିଗଲ ତୁମ କରୁଣା-ସଲିଳ
ଦୁଃଖ ଦୂରହୁଏ ଦ୍ୱରିତ ।
ନାଶନ ହୁଅଇ ସକଳ ବିଘନ
ତୁମ ରୋଷକୋପ ଅନଳେ
ଶୁଭକାମ ସବୁ ଆରମ୍ଭ ହୁଅଇ
ତୁମ ନାମ ତୁଣ୍ଡୁ ଝରିଲେ ।
ଗଣନାଥଙ୍କର ଜନମ ଉତ୍ସବେ
ଭରିଯାଉ ମନେ ଭକତି
ଦିଅ ପ୍ରଭୋ ବୁଦ୍ଧି ଜ୍ଞାନର ଆଲୋକ
ତୁଣ୍ଡେ ରହୁ ତୁମ ନାମଟି ।


+ ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ,
ଓଡ଼ିଶା ସରକାର
ଓସ୍କାର ସିଟି, ଲକ୍ଷ୍ମୀ ସାଗର
କେନାଲ ରୋଡ
ଭୁବନେଶ୍ୱର ,
ମୋ - ୯୪୩୮୩୩୨୧୩୮


## ଆସିଛି ଗଣେଶ ପୂଜା

### ନିରଞ୍ଜନ ସାହୁ



ଭାଦ୍ରବ ଶୁକଳ ଚତୁର୍ଥୀ ଆସିଛି
ଆସ ଦେବ ଗଣପତି
ତୁମ ଚରଣରେ ପ୍ରଣାମ ବାଢୁଛୁ
ପୂଜାରେ ବଳିଛି ମତି ।

ହେ ଗଣନାୟକ ସରଗ ଧାମରୁ
ଧରାବତରଣ କର
ମୂଷିକ ବାହନ ପୃଷ୍ଠେ ଆରୋହିଣ
ଭକତିର ଭାବ ଭର
ତବ ଆଗମନେ ଧନ୍ୟ ହେବୁ ଆମେ
ଆହେ ଅଗତିର ଗତି ।

ପୂଜା ମଣ୍ଡପରେ ତବ ଆବାହନ
ବେଦ ମନ୍ତ୍ର ପାଠ ହେଉ
ଗାଆଁରୁ ସହର ଉତ୍ସବ ମୁଖର
ଅପାର ଆନନ୍ଦ ଦେଉ
ହେ ଗଜବଦନ ବିଘ୍ନ ବିନାଶନ
କର ସଙ୍କଟର ଇତି ।

ଆରାଧନା, ଉପାସନା, ଅରଚନା
ହେବ ବନ୍ଦାପନା ନୀତି
ଭକତ କଣ୍ଠରେ ନିନାଦିତ ହେବ
ଭଜନ , ଜଣାଣ ଗୀତି
ଭୋଗରାଗ ସାଥେ ପୁଷ୍ପାଞ୍ଜଳି ବାଢି
ଭକତେ କରିବେ ଭକ୍ତି ।

ସିଦ୍ଧି, ନିଧି, ବୁଦ୍ଧି, ବିଦ୍ୟା ପ୍ରଦାୟକ
କରନ୍ତୁ ଯେ ଆଶୀର୍ବାଦ
ସେ ଆଶୀର୍ବାଦରେ ଅବସାନ ହେଉ
ଜୀବନର ଅବସାଦ
ପ୍ରତି ଜୀବନର ଉନ୍ନତି କରନ୍ତୁ
ଦୂର କରି ଅବନତି ।


+ ନିହଲ ପ୍ରସାଦ, ଗଁଡିଆ ପାଟଣା
ଢେଙ୍କାନାଳ -- ୭୫୯୦୧୬
ମୋ :-- ୯୯୩୮୭୪୧୫୮୩


## ଜୟ ଶ୍ରୀ ଗଣେଶ

### ଗୌରୀ ମେହେର

ତବ ପୂଜାର୍ଥେ ଚତୁର୍ଦ୍ଦିଗ
ସଜ ହୋଇଛି ନଗର,
ବିଜେକର ଭୂମଣ୍ଡଳେ ଆହେ ବିଘ୍ନେଶ୍ୱର।

କୃପା ବିନ୍ଦୁ ଢାଳିଦିଅ ପାପ ତାପ ହର,,
ଭରିଦିଅ ଗ୍ୟାଂନାମୃତ ଆହେ ଲମ୍ବୋଦର।

ସ୍ଥାନେ ସ୍ଥାନେ ତବ ପୂଜା କରିବାକୁ
ଯତନେ କରିଛୁ ପ୍ରସ୍ତୁତ,
ମୂଷିକ ବାହନେ ଅବତର ଆହେ ଶ୍ରୀଗଣେଶ।

ଫୁଲମାଳ ଗୁନ୍ଥିଛି ମୁଁ , କରିବି ତବ ଆରତୀ
ରାଶିଲଡୁ, ମୋଦକ କରିଛି,
ଖାଇବ ବୋଲି ଗଣପତି।

ସର୍ବକଣ୍ଠେ ବିଜେକରି
କର ଗ୍ୟାଂନର ପୂର୍ଣତା,
ଅବୋଧତା ଦୂର କର ହେ,
ସିଦ୍ଧି ବୁଦ୍ଧି ଦାତା।

ସତକର୍ମେ ମନ ରତ ଥାଉ,
ରହୁ ପାପରୁ ବିରତ,
ଜ୍ଞାନର ପ୍ରଦୀପ ଜାଳିଦିଅ
ପ୍ରଭୁ ଶ୍ରୀ ବିନାୟକ।

ଅମୃତ ବଚନ ଭଜନ ଜଣାଣ
କରୁଥାଉ ଏ ତୁଣ୍ଡ,
ଅଙ୍କୁର କର ନବ ଜ୍ଞାନର
ଦୁର୍ଗ ଆହେ ବକ୍ରତୁଣ୍ଡ।

ସର୍ବ ସଙ୍କଟକରୁ ପାରିକର
ହେ ସଙ୍କଟ ନାଶନ,
ଆତୁରେ ଲୋଡେ ମୋ ପ୍ରାଣ
ଦର୍ଶନ ଦିଅ ଗଜାନନ।

ଉଲ୍ଲାସେ ଅବନୀ ହସେ,
କତିରେ ପାଇ ଭଗବାନ,
ଜୟ ଜୟ କାର୍ତ୍ତିକ ଭ୍ରାତା,
ଜୟ ପାର୍ବତୀନନ୍ଦନ।


+ଗମ୍ଭାରୀଗୁଡା
ନୂଆପଡା


## ପାଠ ଠାକୁର

### ଗୋଲୋକବିହାରୀ ବେହେରା



ଭୋରୁଅର ଏଇ କଅଁଳ ସକାଳ
ମହକି ଉଠଇ ଧରଣୀ,
ସୁନେଲୀ ସୂରୁଜ ବିଛେଇ ପଡିଛି
ସୁନ୍ଦର ଦିଶୁଛି ସରଣୀ

ଏ ବେଳେ, ସରଗୁ ଘେନିଣ ମେଲାଣି
ଆମ ବିଦ୍ୟାଳୟ ଆସିବେ ଗଣେଶ
ଏ ବାରତା ଖେଳି ଗଲାଣି ।

ବରଷକେ ଥରେ ଆସିବେ ଦେବତା
ପୂଜିବୁ ଥରିଏ ମାତର,
ପୂଜା ଥାଳି ଆମେ ସଜାଇ ରଖିଛୁ
ଅତିଥିଙ୍କୁ ଦେଇ ପତର

ଠାକୁର, ଆମକୁ ଆଶିଷ କରିବେ
ପାଠ ନ ଆସିଲେ କହି କହି ଦେବେ
ଆମରି ଜୁହାର ଘେନିବେ ।

ଆମେ ସବୁ ପିଲା ଭୋଗ ଡାଲା ଭରି
ନଡ଼ିଆ, କଦଳୀ, କାକୁଡ଼ି
ମୁଆଁ, ରାଶିଲଡୁ, ଟଗର ମନ୍ଦାର
କନିଅର ଫୁଲ ସଜାଡ଼ି

ପୁଷ୍ପାଞ୍ଜଳି ଦେବୁ ହରଷେ
ଭୋଗ ଖାଇ ଆମେ ଘରକୁ ଫେରିବୁ
ଆଉ ପୂଜା ପାଇଁ
ଚାହିଁ ରହିଥିବୁ ବରଷେ ।


+ଷଡ଼ଙ୍ଗୀ, ଢେଙ୍କାନାଳ


# ଗଣେଶ ପୂଜା : ପରମ୍ପରାର ପବିତ୍ରତାରୁ ଆଧୁନିକତାର ଆଲୋକ ପର୍ଯ୍ୟନ୍ତ



### ଡ ସ୍ୱାଗତିକା ସାହୁ



ଭାରତୀୟ ସଂସ୍କୃତିର ବିଶାଳ ଆକାଶରେ ପର୍ବପର୍ବାଣି କେବଳ ଆନନ୍ଦର ଅବସର ନୁହେଁ; ସେଗୁଡ଼ିକ ଆମ ଇତିହାସ, ପରମ୍ପରା, ଆସ୍ଥା ଓ ସାମାଜିକ ଚେତନାର ଜୀବନ୍ତ ଦଲିଲ। ସେହି ପବିତ୍ର ପରମ୍ପରାର ଏକ ଅନନ୍ୟ ଅଧ୍ୟାୟ ହେଉଛି ଗଣେଶ ପୂଜା। ବିଘ୍ନବିନାଶକ, ବୁଦ୍ଧି ଓ ବିଦ୍ୟାର ଦେବତା ଭାବେ ପୂଜିତ ଶ୍ରୀଗଣେଶଙ୍କ ଆଗମନ ମାନେ ଯେପରି ଅଶୁଭ ଉପରେ ଶୁଭର, ଅଜ୍ଞାନ ଉପରେ ଜ୍ଞାନର ଏବଂ ବିଘ୍ନ ଉପରେ ବିଜୟର ଆହ୍ୱାନ।

ପରମ୍ପରାରେ ଗଣେଶ : ହିନ୍ଦୁ ଧର୍ମୀୟ ପରମ୍ପରାରେ ଯେକୌଣସି ଶୁଭକାର୍ଯ୍ୟର ଆରମ୍ଭରେ ଗଣେଶଙ୍କୁ ସ୍ମରଣ କରିବାର ପ୍ରଥା ରହିଛି। ତେଣୁ ସେ 'ପ୍ରଥମ ପୂଜ୍ୟ'। ତାଙ୍କର ହାତୀମୁଣ୍ଡ ଜ୍ଞାନ ଓ ବିବେକର ପ୍ରତୀକ, ବଡ଼ କାନ ଅଧିକ ଶୁଣିବାର ଶିକ୍ଷା ଦିଏ, ଛୋଟ ଆଖି ଏକାଗ୍ରତାର ସନ୍ଦେଶ ଦିଏ ଏବଂ ବଡ଼ ଉଦର ସବୁକିଛିକୁ ସହନ କରିବାର ପ୍ରତୀକ ଭାବେ ବ୍ୟାଖ୍ୟା କରାଯାଏ।

ଓଡ଼ିଶାରେ ଗଣେଶ ପୂଜାର ଏକ ବିଶେଷ ରୂପ ଦେଖିବାକୁ ମିଳେ। ବିଶେଷକରି ଶିକ୍ଷାନୁଷ୍ଠାନ, କଲେଜ, କ୍ଲବ, ବଜାର ଓ ବିଭିନ୍ନ ସାମାଜିକ ଅନୁଷ୍ଠାନରେ ଏହି ପୂଜା ଉତ୍ସାହର ସହ ପାଳିତ ହୁଏ। ଛାତ୍ରଛାତ୍ରୀଙ୍କ ପାଇଁ ଏହା କେବଳ ଧାର୍ମିକ ପର୍ବ ନୁହେଁ; ଏହା ସାଙ୍ଗତ୍ୟ, ସହଯୋଗ, ସୃଜନଶୀଳତା ଓ ସାମୂହିକ ଆନନ୍ଦର ଏକ ଉତ୍ସବ।

ଇତିହାସର ପୃଷ୍ଠାରେ ଗଣେଶ ପୂଜା:
ଗଣେଶ ଉପାସନାର ମୂଳ ଭାରତୀୟ ପ୍ରାଚୀନ ଧାର୍ମିକ ପରମ୍ପରାରେ ଗଭୀର ଭାବେ ପ୍ରୋଥିତ। କାଳକ୍ରମେ ଗଣେଶଙ୍କ ଉପାସନା ବ୍ୟକ୍ତିଗତ ଧାର୍ମିକ ଆଚାରରୁ ସାମୂହିକ ଉତ୍ସବର ରୂପ ନେଇଛି।

ଆଧୁନିକ ସାର୍ବଜନୀନ ଗଣେଶ ପୂଜାର ବିଶେଷ ପ୍ରସାର ମହାରାଷ୍ଟ୍ରରେ ଲୋକମାନ୍ୟ ବାଳ ଗଙ୍ଗାଧର ତିଳକଙ୍କ ସମୟରେ ଘଟିଥିଲା। ଊନବିଂଶ ଶତାବ୍ଦୀର ଶେଷ ଭାଗରେ ସେ ଗଣେଶ ଉତ୍ସବକୁ ସାର୍ବଜନୀନ ରୂପ ଦେଇ ଲୋକମାନଙ୍କୁ ଏକତ୍ର ହେବାର ଏକ ସାମାଜିକ ମଞ୍ଚ ଦେଇଥିଲେ। ଏହା ଫଳରେ ଗଣେଶ ପୂଜା ଧୀରେଧୀରେ ଧାର୍ମିକ ଆଚାରର ସୀମା ଅତିକ୍ରମ କରି ସାମାଜିକ ଏକତା ଓ ଜନଚେତନାର ମାଧ୍ୟମରେ ପରିଣତ ହେଲା।

ଓଡ଼ିଶାରେ ଗଣେଶ ପୂଜା :
ଓଡ଼ିଶାର ମାଟିରେ ପର୍ବପର୍ବାଣି ସହିତ ଭାବନାର ଏକ ଅଦୃଶ୍ୟ ସୂତା ଜଡ଼ିତ। ଗଣେଶ ପୂଜା ଆସିଲେ ଗାଁରୁ ସହର ପର୍ଯ୍ୟନ୍ତ ପରିବେଶରେ ଏକ ନୂଆ ଉତ୍ସାହ ଦେଖାଯାଏ। ପୂଜା ମଣ୍ଡପ ସଜେ, ତୋରଣ ତିଆରି ହୁଏ, ଆଲୋକମାଳା ଝଲମଲ କରେ। ଛୋଟ ପିଲାଙ୍କଠାରୁ ଯୁବକଯୁବତୀ ପର୍ଯ୍ୟନ୍ତ ସମସ୍ତେ ନିଜ ନିଜ ଭୂମିକାରେ ଉତ୍ସବକୁ ସୁନ୍ଦର କରିବାରେ ଲାଗିପଡ଼ନ୍ତି।

ପୂଜା ମଣ୍ଡପରେ ଧୂପର ସୁଗନ୍ଧ, ଘଣ୍ଟିର ଧ୍ୱନି, ମନ୍ତ୍ରୋଚ୍ଚାରଣ ଓ ପ୍ରସାଦର ମିଠାସ ମିଶି ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରେ। ବିଦ୍ୟାର୍ଥୀମାନେ ପୁସ୍ତକ, ଖାତା ଓ କଲମ ଗଣେଶଙ୍କ ଚରଣରେ ରଖି ଜ୍ଞାନ ଓ ସଫଳତା ପାଇଁ ପ୍ରାର୍ଥନା କରନ୍ତି।

ଆଜିର ଗଣେଶ ପୂଜା—ପରମ୍ପରାରୁ ଆଧୁନିକତା:
ସମୟ ବଦଳିଛି। ପୂଜାର ରୂପରେ ମଧ୍ୟ ଅନେକ ପରିବର୍ତ୍ତନ ଆସିଛି। ଆଜି ଗଣେଶ ପୂଜା ମଣ୍ଡପରେ ଆଲୋକସଜ୍ଜା, ଥିମ୍, ସାଂସ୍କୃତିକ କାର୍ଯ୍ୟକ୍ରମ, ଚିତ୍ରକଳା, ବକ୍ତୃତା ଓ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହେଉଛି। ସୋସିଆଲ ମିଡିଆରେ ପୂଜାର ଛବି ଓ ଶୁଭେଚ୍ଛା ବାର୍ତ୍ତା ମୁହୂର୍ତ୍ତରେ ଦୂରଦୂରାନ୍ତରେ ପହଞ୍ଚିଯାଉଛି।

କିନ୍ତୁ ଏହି ଆଧୁନିକତା ମଧ୍ୟରେ ଆମକୁ ମନେ ରଖିବାକୁ ହେବ—ଉତ୍ସବର ଆକାର ବଡ଼ ହେବା ଅପେକ୍ଷା ତାହାର ଅର୍ଥ ବଡ଼ ହେବା ଅଧିକ ଜରୁରୀ।

ପରିବେଶ ପ୍ରତି ଦାୟିତ୍ୱ:
ଆଜିର ଗଣେଶ ପୂଜାରେ ପରିବେଶ ସୁରକ୍ଷା ଏକ ବଡ଼ ପ୍ରଶ୍ନ। ପ୍ଲାଷ୍ଟର ଅଫ୍ ପ୍ୟାରିସ୍‌ର ମୂର୍ତ୍ତି, କୃତ୍ରିମ ରଙ୍ଗ ଓ ଅତ୍ୟଧିକ ପ୍ଲାଷ୍ଟିକ ବ୍ୟବହାର ପରିବେଶ ପାଇଁ କ୍ଷତିକାରକ ହୋଇପାରେ। ତେଣୁ ମାଟିର ମୂର୍ତ୍ତି, ପ୍ରାକୃତିକ ରଙ୍ଗ, ପୁନଃବ୍ୟବହାରଯୋଗ୍ୟ ସାଜସଜ୍ଜା ଓ ପରିବେଶବନ୍ଧୁ ବିସର୍ଜନକୁ ଗୁରୁତ୍ୱ ଦେବା ଆଜିର ସମୟର ଆହ୍ୱାନ।

ଯେ ଗଣେଶଙ୍କୁ ଆମେ 'ବିଘ୍ନବିନାଶକ' ବୋଲି ପୂଜା କରୁଛୁ, ତାଙ୍କ ଉତ୍ସବ ଯେପରି ପ୍ରକୃତି ପାଇଁ ନୂଆ ବିଘ୍ନର କାରଣ ନ ହେଉ—ଏହି ସଚେତନତା ହିଁ ହେବ ଆମର ସତ୍ୟ ଭକ୍ତି।

ଗଣେଶ ପୂଜାର ସାମାଜିକ ଶିକ୍ଷା :
ଗଣେଶ ପୂଜା ଆମକୁ କେବଳ ଧାର୍ମିକ ଆସ୍ଥା ଦିଏନାହିଁ; ଏହା ଅନେକ ମାନବୀୟ ମୂଲ୍ୟବୋଧର ଶିକ୍ଷା ଦିଏ। ସମସ୍ତେ ମିଶି ପୂଜା ଆୟୋଜନ କରିବାରେ ସହଯୋଗ, ଦାୟିତ୍ୱବୋଧ ଓ ଭାଇଚାରା ବଢ଼େ। ଜାତି, ଧର୍ମ, ଧନୀ-ଗରିବର ଭେଦ ଭୁଲି ଏକାଠି ହେବାର ସୁଯୋଗ ମିଳେ।

ଗଣେଶଙ୍କ ହାତରେ ଥିବା ମୋଦକ ଯେପରି ପରିଶ୍ରମର ମଧୁର ଫଳର ପ୍ରତୀକ, ସେପରି ତାଙ୍କର ଶାନ୍ତ ମୁଖମଣ୍ଡଳ ଆମକୁ ଧୈର୍ଯ୍ୟ, ବିବେକ ଓ ସଂଯମର ପାଠ ପଢ଼ାଏ।

ଉପସଂହାର : ଗଣେଶ ପୂଜା କେବଳ ଏକ ଦିନର ପୂଜା ନୁହେଁ; ଏହା ଆମ ସାଂସ୍କୃତିକ ସ୍ମୃତି, ଆସ୍ଥା, ମିଳନ ଓ ମାନବିକତାର ଏକ ଜୀବନ୍ତ ଉତ୍ସବ। ପରମ୍ପରା ଆମକୁ ମୂଳ ସହିତ ଯୋଡ଼େ, ଇତିହାସ ଆମକୁ ଆମର ଯାତ୍ରା ମନେ ପକାଏ ଏବଂ ବର୍ତ୍ତମାନ ଆମକୁ ନୂଆ ଦାୟିତ୍ୱ ଦିଏ।

ତେଣୁ ଆସନ୍ତୁ, ଏ ବର୍ଷ ଗଣେଶଙ୍କ ଆଗରେ କେବଳ ନିଜ ସଫଳତା ପାଇଁ ପ୍ରାର୍ଥନା ନ କରି—ଜ୍ଞାନ ପାଇଁ, ବିବେକ ପାଇଁ, ପରିବେଶ ପାଇଁ ଏବଂ ସମାଜର ମଙ୍ଗଳ ପାଇଁ ପ୍ରାର୍ଥନା କରିବା।

କାରଣ ଗଣେଶ ପୂଜାର ପ୍ରକୃତ ଅର୍ଥ କେବଳ ମୂର୍ତ୍ତି ସ୍ଥାପନ ନୁହେଁ—
ନିଜ ମନର ଅଜ୍ଞାନକୁ ବିସର୍ଜନ ଦେଇ, ଜ୍ଞାନର ଆଲୋକକୁ ଜୀବନରେ ସ୍ଥାପନ କରିବା।


+ ଅଧ୍ୟାପିକା
ନେତାଜୀ ସୁବାଷ ବୋଷ ସ୍ନାତକ
ମହାବିଦ୍ୟାଳୟ, ତୁମୁଡିବନ୍ଧ, କନ୍ଧମାଳ


# ଶ୍ରୀଗଣେଶ ପୂଜା

### ପୁଷ୍ପମିତ୍ର ମହାପାତ୍ର



**'ଓଁ ବକ୍ରତୁଣ୍ଡ ମହାକାୟ, ସୂର୍ଯ୍ୟକୋଟି ସମପ୍ରଭ...'**

'ଓଁ ବକ୍ରତୁଣ୍ଡ ମହାକାୟ, ସୂର୍ଯ୍ୟକୋଟି ସମପ୍ରଭ। ନିର୍ବିଘ୍ନଂ କୁରୁମେ ଦେବ ସର୍ବକାର୍ଯ୍ୟେଷୁ ସର୍ବଦା।।' କୁହାଯାଏ ଶ୍ରୀଗଣେଶଙ୍କର ନାମକୁ ବାରମ୍ବାର ଜପ କରିବାରେ ସର୍ବଦୁଃଖ ଦୂର ହେବା ସଙ୍ଗେ ସମସ୍ତ ପ୍ରକାରର ବିଘ୍ନର ବିନାଶ ଘଟିଥାଏ। କୌଣସି ବି ଶୁଭକାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ବିଘ୍ନନାଶକ ଶ୍ରୀଗଣେଶଙ୍କୁ ବନ୍ଦନା କରାଯାଇଥାଏ। ପୁରାଣରେ ବର୍ଣ୍ଣିତ ରହିଛି ଯେ, ଯିଏ ଶ୍ରୀଗଣେଶଙ୍କୁ ଭକ୍ତି ଭାବନା ସହିତ ଆରାଧନା କରୁଥାଏ ସେ ସମସ୍ତ ପ୍ରକାରର ଭୟ ଓ ଦୁଃଖରୁ ମୁକ୍ତ ହୋଇ ସାରା ଜୀବନକୁ ଉପଭୋଗ କରିଥାଏ। ତେଣୁ ମହାଦେବଙ୍କ ପୁତ୍ର ତଥା ମାତା ପାର୍ବତୀଙ୍କ ନନ୍ଦନ ଶ୍ରୀଗଣେଶଙ୍କୁ ଗଣପତି, ଏକଦନ୍ତ, ଦେବବ୍ରତ, ଭୁବନପତି, ବିନାୟକ, ବିଘ୍ନେଶ୍ୱର, ଉଦନ୍ତ, ସୁମୁଖ, ସିଦ୍ଧିପ୍ରଦ, ସିଦ୍ଧିବିନାୟକ, ଗୌରୀନନ୍ଦନ, ମହାଗଣପତି, ଗଜାନନ ତଥା ଲମ୍ବୋଦର ଭାବେ ସ୍ମରଣ କରି ତାଙ୍କର ପ୍ରିୟ ଭକ୍ତମାନେ ଭକ୍ତିର ସହିତ ପୂଜାର୍ଚ୍ଚନା କରିଥାନ୍ତି। ଭାରତର ପ୍ରାୟ ସବୁ ରାଜ୍ୟରେ ଗଣେଶ ଚତୁର୍ଥ ପାଳିତ ହେଉଥିଲେ ମଧ୍ୟ ମହାରାଷ୍ଟ୍ର, ଗୋଆ, ତେଲେଙ୍ଗାନା, ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ, ଓଡ଼ିଶା, ଗୁଜୁରାଟ, ତାମିଲନାଡୁ ଓ ମଧ୍ୟପ୍ରଦେଶ ପରି ରାଜ୍ୟରେ ବହୁ ଧୁମ୍‌ଧାମରେ ତଥା ଜାକଜମକରେ ବିଶେଷ ପର୍ବ ଭାବେ ଆନନ୍ଦ ଓ ଉଲ୍ଲାସର ସହ ପାଳିତ ହୋଇଥାଏ। ଭାରତ ସମେତ ନେପାଳ, ଶ୍ରୀଲଙ୍କା, ଆମେରିକା, କାନାଡ଼ା, ଫିଜି ଓ ମରିସସ୍ ଆଦି ଦେଶରେ ମଧ୍ୟ ଗଣେଶ ଚତୁର୍ଥୀ ପାଳନ କରାଯାଇଥାଏ। ଓଡ଼ିଶାର ପ୍ରାୟ ପ୍ରତ୍ୟେକ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଶ୍ରୀଗଣେଶଙ୍କର ମୃଣ୍ମୟ ପ୍ରତିମୂର୍ତ୍ତି ଓ ସାଜସଜ୍ଜା ପୂର୍ଣ୍ଣ ମେଢ଼ ସହିତ ପୂଜାର ଆୟୋଜନ ହୋଇଥାଏ। ଓଡ଼ିଶାର ଜଟଣୀ, ତାଳଚେର, ଭଦ୍ରକ, ଭୁବନେଶ୍ୱର, କଟକ, ବାଲେଶ୍ୱର ଏବଂ ବ୍ରହ୍ମପୁର



ପରି ସହରରେ ଗଣେଶ ପୂଜା ବହୁ ଆଡ଼ମ୍ବର ସହକାରେ ପାଳିତ ହେବା ଦେଖାଯାଏ। ମୂଷିକ ବାହନରେ ବସି ହାତରେ ବିରାଟ ଲଡୁ ଧରିଥିବା ଶ୍ରୀଗଣେଶଙ୍କ ବିରାଟ ମୃଣ୍ମୟ ମୂର୍ତ୍ତି, ପ୍ରକାଣ୍ଡ ତୋରଣ ଓ ଆକର୍ଷଣୀୟ ମେଢ଼ ଗୁଡ଼ିକର ରଙ୍ଗୀନ ଆଲୋକସଜ୍ଜା ସେଠାକାର ପରିବେଶକୁ ଉତ୍ସବମୁଖର କରିଥାଏ। ଗଣେଶଚତୁର୍ଥୀ ଦିନର ପୂଜା ଠାରୁ ଆରମ୍ଭ କରି ମୂର୍ତ୍ତି ବିସର୍ଜନ ପର୍ଯ୍ୟନ୍ତ ପୂଜାସ୍ଥଳୀଗୁଡ଼ିକ ସବୁବେଳେ ଚଳଚଞ୍ଚଳ ରହିଥିବା ଦେଖାଯାଏ। ଓଡ଼ିଶାର ସମସ୍ତ ବିଦ୍ୟାଳୟ, କାର୍ଯ୍ୟାଳୟ ତଥା ବିଭିନ୍ନ ବ୍ୟାବସାୟିକ ଅନୁଷ୍ଠାନ ଗୁଡ଼ିକରେ ଭକ୍ତ ସହକାରେ ଶ୍ରୀଗଣେଶଙ୍କର ଆରାଧନା ହୋଇଥାଏ।


+ ଆଇନ୍‌ଜୀବୀ, ଓଡ଼ିଶା ହାଇକୋର୍ଟ, କଟକ
ମୋ : ୯୪୩୭୨୨୫୬୮୯

# ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ପ୍ରସ୍ତୁତି ବୈଠକ

ବାଲେଶ୍ୱର, ୧୩/୯ (ନି.ପ୍ର): ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ଏକ ଜରୁରୀ ବୈଠକ ଅରୁଣ ଦେ'ଙ୍କ ସ୍ମୃତି ପରିଷଦ, ମାକଲପୁର, ବାଲେଶବର ଠାରେ ଅପରାହ୍ନ ୫ ଘଟିକା ସମୟରେ କେନ୍ଦ୍ରର ଆବାହକ ମହମ୍ମଦ ଇସଲାମଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ସଭାପତିତ୍ୱ କରିଥିଲେ ଅନ୍ୟତମ ଆବାହକ ଜିତେନ୍ଦ୍ର କୁମାର ଉପାଧ୍ୟାୟ। ବୈଠକରେ ନିମ୍ନଲିଖିତ ପ୍ରସ୍ତାବମାନ ଆଲୋଚିତ ହୋଇ ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା। (୧) ଜାତିର ଜନକ ମହାତ୍ମାଗାନ୍ଧୀଙ୍କ ଅକ୍ଟୋବର ୦୨ ତାରିଖ ଜୟନ୍ତୀ ଉତ୍ସବ ପାଳନ ଅବସରରେ ଗତବର୍ଷ ପରି ଚଳିତବର୍ଷ ବିଭିନ୍ନ ସ୍କୁଲ୍‌ରେ ଗାନ୍ଧିଜୀଙ୍କ ଜୀବନଚର୍ଯ୍ୟା




ସଂପର୍କରେ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମର ଲିଖିତ ପରୀକ୍ଷା କରାଯିବ। ରାଜ୍ୟ ଶାନ୍ତି ପ୍ରତିଷ୍ଠାନର ପ୍ରସ୍ତାବ ମୂଳେ ଏହି କାର୍ଯ୍ୟକ୍ରମରେ ସମସ୍ତ ସଦସ୍ୟ ସଦସ୍ୟାମାନେ ପୂର୍ବଭଳି ଦାୟିତ୍ୱ ନିର୍ବାହ କରିବେ। ରାଜ୍ୟ କେନ୍ଦ୍ର ପକ୍ଷରୁ ପ୍ରଶ୍ନ ଏବଂ ଉତ୍ତର ପ୍ୟାକେଟ୍ ଠିକ୍ ସମୟରେ ଯୋଗାଇ ଦିଆଯିବ। କୃତୀ ପ୍ରତିଯୋଗୀମାନଙ୍କୁ ଗାନ୍ଧୀ ଜୟନ୍ତୀରେ ପୁରସ୍କୃତ କରାଯିବ। (୨) ଅକ୍ଟୋବର ୦୨ ତାରିଖ ଜୟନ୍ତୀ ପାଳନ ଅବସରରେ ସମାଜରେ ପ୍ରତିଷ୍ଠିତ ବୁଦ୍ଧିଜୀବୀମାନଙ୍କୁ ଅତିଥିଭାବେ ନିମନ୍ତ୍ରିତ କରାଯିବ। (୩) ପ୍ରତିଷ୍ଠାନର ଆଦର୍ଶରେ ଅନୁପ୍ରାଣିତ ହୋଇ ଆଇନଜୀବୀ ତଥା କଳାପ୍ରେମୀ ଜ୍ୟୋତିପ୍ରକାଶ ବାରିକ ନୂତନ ସଭ୍ୟ ଭାବେ ଯୋଗ ଦେଇଥିବାରୁ ତାଙ୍କୁ କେନ୍ଦ୍ର ପକ୍ଷରୁ ସ୍ୱାଗତ କରାଯାଇଥିଲା। ଶେଷରେ ସଭାପତିଙ୍କୁ ଧନ୍ୟବାଦ ଦେଇ ସଭାସାଙ୍ଗ କରାଯାଇଥିଲା।

# ବିପୁଳ ପରିମାଣର ଦେଶୀମଦ ଓ ପୋଚ ଜବତ ଓ ନଷ୍ଟ

ନୀଳଗିରି , ୧୩/୯ (ନି.ପ୍ର): ବାଲେଶ୍ୱର ଅବକାରୀ ଅଧିକ୍ଷକ ଶେଖ ଅସ୍ରଫ ଅଲ୍ଲୀଙ୍କ ନିର୍ଦ୍ଦେଶରେ ନୀଳଗିରି ଅବକାରୀବିଭାଗର ରେଞ୍ଜ ଅଧିକାରୀ ନାରାୟଣ ବେହେରାଙ୍କ ତତ୍ତ୍ୱାବଧାନରେ ଆଜି ନୀଳଗିରି ରେଞ୍ଜ ଅଧୀନରେ ଦୁଇଟି ସ୍ଥାନରେ ଏବଂ ବରହମପୁର ପୋଲିସଷ୍ଟେସନ ଅଞ୍ଚଳର ଗୋଟିଏ ସ୍ଥାନରେ ରେଡ୍ କରି ବିପୁଳ ପରିମାଣର ପୋଚ ଓ ଦେଶୀମଦ ଜବତକରି ଦାବିଦାର ନଥିବା ସମସ୍ତ ମଦ ଓ ପୋଚକୁ ସେହିସ୍ଥାନରେ ନଷ୍ଟ କରାଯାଇଥିବା ବିଭାଗୀୟ ସୂଚନା ମିଳିଛି। ସୂଚନା ମୁତାବକ ନୀଳଗିରି ଥାନା ଅଧୀନସ୍ଥ ପୁନ୍ଦାଳ କେନାଲ କଡ଼ରେ ଦୁଇଟି ସ୍ଥାନରେ ଚଢାଉକରି ୭୩୦ଲିଟର ଦେଶୀମଦ ଏବଂ ୯୫୦୦ଲିଟର ପୋଚ , ଅନୁରୂପ ଭାବେ ବରହମପୁର ଥାନା ବେତକଟା ଜଙ୍ଗଲ ମଧ୍ୟରେ ୩୮୦ଲିଟର ଦେଶୀମଦ ଏବଂ ୩୦୦୦ଲିଟର ପୋଚ ମୋଟ ୧୧୧୦ ମଦ ଓ ୧୨୫୦୦ପୋଚ ଜବତକରି ଉକ୍ତ ସ୍ଥାନରେ ନଷ୍ଟ କରାଯାଇଥିବା ବିଭାଗୀୟ ସୂତ୍ରରୁ ପ୍ରକାଶ। ଏହି ଚଢାଉରେ ନୀଳଗିରି ଅବକାରୀ ସବ ଇନ୍ସପେକ୍ଟର ଗାଙ୍ଗୋମଣୀ ହେମ୍ବ୍ରମ, ଏଏସଆଇ ସୁଶାନ୍ତ କୁମାର ରାଉତ, ଅବକାରୀ କନେଷ୍ଟବଳ ସନ୍ତୋଷ କୁମାର ବେହେରା, ତପନ କୁମାର ମଲ୍ଲିକ ସାମିଲଥିଲେ। ଏନେଇ ଅବକାରୀ ଷ୍ଟେସନରେ ୬୬,୧୭୩ ଏବଂ ୧୭୪/୨୬-୨୭ରେ ମାମଲା ରୁଜୁ କରାଯାଇ ତଦନ୍ତ ଜାରିରହିଛି।

# ତ୍ରୈମାସିକ ସାହିତ୍ୟ ପତ୍ରିକା ସ୍ୱପ୍ନଦୀପର ପୂଜା ସଂଖ୍ୟା ଉନ୍ମୋଚିତ

ବାଲେଶ୍ୱର, ୧୩/୯ (ନି.ପ୍ର): ଓଡ଼ିଶାର ତ୍ରୈମାସିକ ସମ୍ଭ୍ରାନ୍ତ ସାହିତ୍ୟ ପତ୍ରିକା ସ୍ୱପ୍ନଦୀପର ଚତୁର୍ଥ ବର୍ଷ ପ୍ରଥମ ସଂଖ୍ୟା ପୂଜା ସଂଖ୍ୟା ଭାବରେ ଆଜିଜଗତସିଂହପୁର ଜିଲ୍ଲାର ବାଲିକୁଦାଠାରେ ଉନ୍ମୋଚିତ ହୋଇଯାଇଛି । ଓଡ଼ିଶାର ବିଶିଷ୍ଟ ବେଦ ବିଚାରକ ଓ ପ୍ରଚାରକ ଆଚାର୍ଯ୍ୟ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ଏହି ଉନ୍ମୋଚନ ଉତ୍ସବରେ ମୁଖ୍ୟ ଅତିଥୀ ଭାବରେ ଯୋଗ ଦେଇଥିଲେ । ଏହି ଉତ୍ସବରେ ଅନ୍ୟତମ ଅତିଥୀ ଭାବରେ ଆଇ.ଟି.ଆଇ ତଥା ଟାଇମ୍ସ ଗୁରୁକୁଳ ଜଗତସିଂହପୁରର ନିର୍ଦ୍ଦେଶକ ଶ୍ରୀଯୁକ୍ତ ରଶ୍ମି ରଞ୍ଜନ ମିଶ୍ର, ଜଗତସିଂହପୁର ଆର୍ଯ୍ୟସମାଜର ବେଦ ବିଶାରଦ ଶ୍ରୀଯୁକ୍ତ ସମୀର କୁମାର ଦାଶ, ସୁଶ୍ରୀ ଅଞ୍ଜୁଷା, ବେଦମାତା ଶ୍ରୀମତୀ ସୁଲୋଚନା ପଣ୍ଡା, ବାଲିକୁଦା ପଂଚାୟତର ପୂର୍ବତନ ସରପଂଚ ଶ୍ରୀଯୁକ୍ତ ଗୌରାଙ୍ଗ ଦାଶ, ସମାଜସେବୀ ରମାକାନ୍ତ ବାରିକ,




ଶ୍ରୀଯୁକ୍ତ ଚିତ୍ତରଞ୍ଜନ ସାହୁ, ସ୍ୱପ୍ନଦୀପର ମୁଖ୍ୟ ସମ୍ପାଦକ ଡ଼ଃ କାଳିକିଙ୍କର, ସମ୍ପାଦକ ଶ୍ରୀମତୀ ସୌଭାଗିନୀ ମିଶ୍ର ତଥା ଓଡିଶା ପ୍ରଶାସନିକ ସେବାର ବରିଷ୍ଠ ଅଧିକାରୀ ଡ଼ଃ କଲ୍ୟାଣ ସୌରଭ ଦାଶ ଯୋଗ ଦେଇ ଏହି ପତ୍ରିକାକୁ ମିଳିତ ଭାବେ ଉନ୍ମୋଚନ କରିଥିଲେ । ସର୍ବପ୍ରଥମେ ସ୍ୱପ୍ନଦୀପ ପତ୍ରିକାର ପ୍ରବନ୍ଧକ ତଥା କବି ବ୍ରଜନାଥ ଫାଉଣ୍ଡେସନ ଟ୍ରଷ୍ଟ ସଦସ୍ୟ ଶ୍ରୀଯୁକ୍ତ ବ୍ୟୋମନାଥ ରଥ ଅତିଥୀ ପରିଚୟ ଓ ଓଡ଼ିଶାରେ ଆଜି ପ୍ରଥମ ପୂଜାସଂଖ୍ୟା ଭାବରେ ସ୍ୱପ୍ନଦୀପ ଆତ୍ମପ୍ରକାଶ କରୁଥିବାରୁ ସ୍ୱପ୍ନଦୀପ ପରିବାରକୁ ଅଭିନନ୍ଦନ ଜଣାଇଥିଲେ । ସର୍ବପ୍ରଥମେ ସ୍ୱପ୍ନଦୀପର କୁନି ସମ୍ପାଦକ ସ୍ୱପ୍ନଦୀପ ବାସୁଦେବ କୃଷ୍ଣଲୀଳାର ଏକ ସୁନ୍ଦର ପ୍ରାରମ୍ଭିକ ନୃତ୍ୟ ପ୍ରଦର୍ଶନ କରିଥିଲେ । ସ୍ୱପ୍ନଦୀପ ପତ୍ରିକାର ସମ୍ପାଦିକା ଶ୍ରୀମତୀ ସୌଭାଗିନୀ ମିଶ୍ର ସ୍ୱପ୍ନଦୀପ ଆଜି ଓଡ଼ିଶାରେ କେମିତି ଏକ ସ୍ୱତନ୍ତ୍ର ପତ୍ରିକା ଭାବରେ ନିଜକୁ ସ୍ଥାପିତ କରିପାରିଛି ସେ ବିଷୟରେ ସୂଚନା ଦେଇଥିଲେ । ଆଚାର୍ଯ୍ୟ ସମୀର କୁମାର ଦାଶ ଓ ବାଲେଶ୍ୱରର ଯୁବ ଲେଖକ ଶ୍ରୀଯୁକ୍ତ ଅନୁରାଗ ମିଶ୍ର ଏହି ପତ୍ରିକା ଉପରେ ଆଲୋଚନା କରିଥିଲେ । ମୁଖ୍ୟ ଅତିଥୀ ଆଚାର୍ଯ୍ୟ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ଆଜିର ସାହିତ୍ୟ କେମିତି ଦିଗହରା ହୋଇଛି ଓ ସାହିତ୍ୟି ସାଧକମାନେ ଆଜିର ପରିସ୍ଥିତିରେ କଣ କରିବା ଉଚିତ ଏ ବିଷୟରେ ଆଲୋକପାତ କରିଥିଲେ । ସ୍ୱପ୍ନଦୀପ ପତ୍ରିକାର ପୂଜାସଂଖ୍ୟାରେ କବି ପିନାକୀ ମିଶ୍ର, ମନୋରମା ବିଶ୍ୱାଳ ମହାପାତ୍ର, ଡ଼ଃ ଲକ୍ଷ୍ମୀକାନ୍ତ ତ୍ରିପାଠୀ, କବି ପିତାମ୍ବର ତରାଇ, ଡ଼ଃ ସଂଘମିତ୍ରା ରାୟଗୁରୁ, ଡ଼ଃ ପ୍ରଫେସର ମଣୀନ୍ଦ୍ର କୁମାର ମେହେର, ପ୍ରଫେସର ନାରାୟଣ ପ୍ରସାଦ ବେହେରା ଆଦି କବି ଓ ଲେଖକଙ୍କର ଲେଖା ଉପରେ ଆଲୋଚକମାନେ ସୁନ୍ଦର ଆଲୋଚନା ଉପସ୍ଥାପିତ କରିଥିଲେ । ଶେଷରେ ସ୍ୱପ୍ନଦୀପ ପତ୍ରିକାର ଅନ୍ୟତମ ପ୍ରବନ୍ଧକ ଇଂ ରମଣୀ ରଞ୍ଜନ ମିଶ୍ର ଧନ୍ୟବାଦ ଦେଇଥିଲେ । ବୈଦିକ ଶାନ୍ତିପାଠ ସହ ବିଶ୍ୱଶାନ୍ତି କାମନାକରି ଏହି କାର୍ଯ୍ୟକ୍ରମର ପରିସମାପ୍ତି ହୋଇଥିଲା ।

# ମାନବୀୟ ମୂଲ୍ୟବୋଧରେ ବିଦ୍ୟାର୍ଥୀମାନଙ୍କ ଭୂମିକା – ଏକ ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ

ବୈଶିଙ୍ଗା, ୧୩/୯ (ନି.ପ୍ର): କ୍ରୀଷ୍ଣା ଏଡୁକେସନାଲ ଆଣ୍ଡ ଚାରିଟେବୁଲ ଟ୍ରଷ୍ଟ ଓ ଉତ୍କଳ ମହିଳା ଆର୍ଯ୍ୟ ସମାଜ ମିଳିତ ଉଦ୍ୟମରେ ବୈଶିଙ୍ଗାସ୍ଥିତ ପ୍ରିୟାଂଶୀ ରାଧେ ଆବାସିକ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେମାନବୀୟ ମୂଲ୍ୟବୋଧରେ ବିଦ୍ୟାର୍ଥୀ ମାନଙ୍କ ଭୂମିକା – ଏକ ଶୀର୍ଷକ ଆଲୋଚନା ଚକ୍ର" ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ପ୍ରିୟାଂଶୀରାଧେ ଆବାସିକ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଟ୍ରଷ୍ଟି ଅଧକ୍ଷ ସୁଶାନ୍ତ କୁମାର ନାୟକ, କ୍ରୀଷ୍ଣା ଏଡୁକେସନାଲ ଆଣ୍ଡ ଚାରିଟେବୁଲ ଟ୍ରଷ୍ଟର କାର୍ଯ୍ୟ ନିର୍ବାହୀ ଟ୍ରଷ୍ଟି ତଥା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଉପଦେଷ୍ଟା ବିଜୟ ଆଚାର୍ଯ୍ୟ ଓ ଉତ୍କଳ ମହିଳା ଆର୍ଯ୍ୟ ସମାଜର ପ୍ରଚାରିକା ତଥା ଅବସରପ୍ରାପ୍ତ ଶିକ୍ଷୟିତ୍ରୀ




ଗୀତାରାଣୀ ପୁରୀ, ଜୟଦେବ ମହାବିଦ୍ୟାଳୟର ପ୍ରାଧ୍ୟାପିକା ଡ. ସୁଜାତା ମୁଣ୍ଡ, ଅବସରପ୍ରାପ୍ତ ଶିକ୍ଷୟିତ୍ରୀସୁଭାସିନି ଜୀ, ଅଧ୍ୟାପିକା ତଥା ସମାଜସେବୀ ମିନତୀ କର ଜଗନ୍ନାଥଙ୍କ ଚରଣାବିନ୍ଦରେ ପ୍ରଦୀପ ପ୍ରଜ୍ଜ୍ୱଳନ କରି ଶୁଭାରମ୍ଭ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ପ୍ରିୟାଂଶୀ ରାଧେ ଆବାସିକ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରାୟ ଏକଶତରୁ ଊର୍ଦ୍ଧ୍ୱ ଛାତ୍ରୀମାନେ ଏକାଗ୍ର ଭାବେ ଆଲୋଚନା ଓ ପର୍ଯ୍ୟାଲୋଚନା ମାଧ୍ୟମରେ ଉପରୋକ୍ତ ଉପସ୍ଥିତ ଆର୍ଯ୍ୟ ସମାଜର ପ୍ରଚାରିକା ମାନଙ୍କ ଠାରୁ ମାନବୀୟ ମୂଲ୍ୟବୋଧ ଉପରେ ବିଭିନ୍ନ ପ୍ରକାର ଜ୍ଞାନ ପ୍ରାପ୍ତ କରିବା ସହିତ ନିଜ ଭିତରର ସନ୍ଦେହ ଦୂରୀଭୂତ କରାଇଛନ୍ତିଛ ଆଜି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ତରଫରୁ ବିଦ୍ୟାର୍ଥୀ ମାନଙ୍କୁ ମାନବୀୟ ମୂଲ୍ୟବୋଧ ଶିକ୍ଷା ଅନବରତ ପ୍ରଦାନ କରାଇବା ନିମନ୍ତେ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇ ବିଦ୍ୟାର୍ଥୀ ମାନଙ୍କୁମାନବୀୟ ମୂଲ୍ୟବୋଧ ଉପରେ ଗଳ୍ପ, ପ୍ରବନ୍ଧ, କବିତା, କ୍ଷୁଦ୍ର ନାଟକ, ଚିତ୍ରକଳା, ଭାଷଣ, ପ୍ରଦର୍ଶନୀ ପ୍ରଭୃତି ରଚନାତ୍ମକ ପ୍ରତିଭାର ବିକାଶ ନିମନ୍ତେ ଗୁରୁତ୍ୱ ଦିଆଯିବାର ପ୍ରସ୍ତାବ ଗୃହୀତ କରାଯାଇଛି । ଅନୁଷ୍ଠାନର ସମ୍ପାଦକ ଇଶାନ କୁମାର ସାହୁ, ଶୁଭେଚ୍ଛୁ ସୁବ୍ରତ ଦଣ୍ଡପାଟ ପ୍ରଭୃତି ଏହି କାର୍ଯ୍ୟକ୍ରମକୁ ସଫଳ ରୂପାୟନ ଦେବା ନିମନ୍ତେ ପ୍ରଚେଷ୍ଟା କରିଛନ୍ତି ।

**AFFIDAVIT**

By virtue of an affidavit before the court of executive magistrate, Balasore, I Ranjita Pal, aged 44 years, W/O - Surendra Pal, resident of At- Barahampur , Po- Srirampur, Dist- Balasore have declared that in my Aadhaar Card bearing No. 696650238148 where in my name has been recorded as Ranjita Pal. But prior to my marriage I was known as Ratnamanjari Mohanty D/o- Gayadhar Mohanty which is recorded in my educational records as well as RPLI vide policy No. R-OR-EA-478431. Ranjita Pal and Ratnamanjari Mohanty is one and same person.

**Sd/-**
**Ranjita Pal**

# ବିପୁଳ ପରିମାଣର ଦେଶୀମଦ ଓ ପୋଚ ଜବତ ଓ ନଷ୍ଟ

ନୀଳଗିରି, ୧୩/୯ (ନି.ପ୍ର): ବାଲେଶ୍ୱର ଅବକାରୀ ଅଧିକ୍ଷକ ଶେଖ ଅସ୍ରଫ ଅଲ୍ଲୀଙ୍କ ନିର୍ଦ୍ଦେଶରେ ନୀଳଗିରି ଅବକାରୀବିଭାଗର ରେଞ୍ଜ ଅଧିକାରୀ ନାରାୟଣ ବେହେରାଙ୍କ ତତ୍ତ୍ୱାବଧାନରେ ଆଜି ନୀଳଗିରି ରେଞ୍ଜ ଅଧୀନରେ ଦୁଇଟି ସ୍ଥାନରେ ଏବଂ ବରହମପୁର ପୋଲିସଷ୍ଟେସନ ଅଞ୍ଚଳର ଗୋଟିଏ ସ୍ଥାନରେ ରେଡ୍ କରି ବିପୁଳ ପରିମାଣର ପୋଚ ଓ ଦେଶୀମଦ ଜବତକରି ଦାବିଦାର ନଥିବା ସମସ୍ତ ମଦ ଓ ପୋଚକୁ ସେହିସ୍ଥାନରେ



ନଷ୍ଟ କରାଯାଇଥିବା ବିଭାଗୀୟ ସୂଚନା ମିଳିଛି। ସୂଚନା ମୁତାବକ ନୀଳଗିରି ଥାନା ଅଧୀନସ୍ଥ ପୁନ୍ଦାଳ କେନାଲ କଡ଼ରେ ଦୁଇଟି ସ୍ଥାନରେ ଚଢାଉକରି ୭୩୦ଲିଟର ଦେଶୀମଦ ଏବଂ ୯୫୦୦ଲିଟର ପୋଚ , ଅନୁରୂପ ଭାବେ ବରହମପୁର ଥାନା ବେତକଟା ଜଙ୍ଗଲ ମଧ୍ୟରେ ୩୮୦ଲିଟର ଦେଶୀମଦ ଏବଂ ୩୦୦୦ଲିଟର ପୋଚ ମୋଟ ୧୧୧୦ ମଦ ଓ ୧୨୫୦୦ପୋଚ ଜବତକରି ଉକ୍ତ ସ୍ଥାନରେ ନଷ୍ଟ କରାଯାଇଥିବା ବିଭାଗୀୟ ସୂତ୍ରରୁ ପ୍ରକାଶ। ଏହି ଚଢାଉରେ ନୀଳଗିରି ଅବକାରୀ ସବ ଇନ୍ସପେକ୍ଟର ଗାଙ୍ଗୋମଣୀ ହେମ୍ବ୍ରମ, ଏଏସଆଇ ସୁଶାନ୍ତ କୁମାର ରାଉତ, ଅବକାରୀ କନେଷ୍ଟବଳ ସନ୍ତୋଷ କୁମାର ବେହେରା, ତପନ କୁମାର ମଲ୍ଲିକ ସାମିଲଥିଲେ। ଏନେଇ ଅବକାରୀ ଷ୍ଟେସନରେ ୬୬,୧୭୩ ଏବଂ ୧୭୪/୨୬-୨୭ରେ ମାମଲା ରୁଜୁ କରାଯାଇ ତଦନ୍ତ ଜାରିରହିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଆଜି ଅଗ୍ରପୂଜ୍ୟଙ୍କ ପୂଜା...

ଇକୋ-ଫ୍ରେଣ୍ଡଲି ମୂର୍ତ୍ତିର ଚାହିଦା ବେଶ୍ ବଢ଼ିଛି । ଗଳିରୁ ରାଜରାସ୍ତା, ସବୁଠି ଆଲୋକମାଳାର ଝଲକ । ଚଳିତ ବର୍ଷ ମଣ୍ଡପ ସଜାସଜ୍ଜାରେ ଦେଖିବାକୁ ମିଳିଛି ଅଭିନବ ଚମତ୍କାରିତା । କେଉଁଠି ଦେଶର ଐତିହ୍ୟ କୀର୍ତ୍ତିରାଜି ତ କେଉଁଠି ପ୍ରସିଦ୍ଧ ମନ୍ଦିରର ଢାଞ୍ଚାରେ ତିଆରି ହୋଇଛି ବିଶାଳ ତୋରଣ। ଇକୋ-ଫ୍ରେଣ୍ଡଲି ସାଜସଜ୍ଜା ପ୍ଲାଷ୍ଟିକ୍ ମୁକ୍ତ ସଜାବଟକୁ ଗୁରୁତ୍ୱ ଦେଇ ପାନପତ୍ର, ନଡ଼ିଆ କତା, ଶୁଖିଲା ଘାସ ଓ କାଗଜ ଫୁଲରେ ଝଲସୁଛି ମଣ୍ଡପ। ଏଲ୍ଇଡି ଓ ମୁଭିଂ ଲାଇଟ୍‌ର ଚମତ୍କାର ଖେଳ ରାତିର ଅନ୍ଧାରକୁ ଉତ୍ସବର ଉଜ୍ଜ୍ୱଳତାରେ ପରିଣତ କରିଛି। ଗଣେଶ ପୂଜା ମାନେ ଛାତ୍ରଛାତ୍ରୀଙ୍କ ପାଇଁ ସବୁଠୁ ବଡ଼ ପର୍ବ । ସ୍କୁଲ, କଲେଜ ଓ ଶିକ୍ଷାନୁଷ୍ଠାନରେ ପିଲାମାନେ ବ୍ୟସ୍ତ ନିଜ ହାତରେ ସାଜସଜ୍ଜା କରିବାରେ । କ୍ଲବ୍ ଏବଂ ପୂଜା କମିଟିଗୁଡ଼ିକ ମଧ୍ୟରେ ଚାଲିଛି ମଣ୍ଡପ ଡିଜାଇନ୍‌କୁ ନେଇ ସୁସ୍ଥ ପ୍ରତିଯୋଗିତା। ମୋଦକ ଓ ଲଡୁର ମହକ ସାଙ୍ଗକୁ ଘଣ୍ଟ, ଶଙ୍ଖ ଓ କାହାଳୀର ଧ୍ୱନିରେ କାଲି କମ୍ପିବ ସାରା ଓଡ଼ିଶା। ପ୍ରତ୍ୟେକଟି ମଣ୍ଡପ ଏବେ ଚଳଚଞ୍ଚଳ, ସମସ୍ତଙ୍କ ମୁହଁରେ ଗୋଟିଏ ନାରା ଗଣପତି ବାପ୍ପା ମୋରିୟା ସାରା ରାଜ୍ୟରେ ପୂଜା ପାଇଁ ଗଣେଷ ମୂର୍ତ୍ତି ଗତ ଦୁଇ ମାସ ହେଲାଣି ପ୍ରସ୍ତୁତି ଚାଲିଛି । ବିଭିନ୍ନ ପୂଜା ମଣ୍ଡପରେ ଜୋରସୋରରେ ଚାଲିଛି ତୋରଣ ବନ୍ଧା। ଆଲୋକ ସଜ୍ଜିତ ତୋରଣ ଚଳିତ ବର୍ଷ ଆକର୍ଷଣର କେନ୍ଦ୍ର ବିନ୍ଦୁ ପାଲଟିଛି ।

### ୟୁଏଇରୁ ଫେରିଲେ ...

ହାଇଦ୍ରାବାଦ, କୋଲକାତା, ଗୁଜରାଟ ଠାରୁ ଆରମ୍ଭ କରି ସିଙ୍ଗାପୁର ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନକୁ ଗସ୍ତ କରି ପୁଞ୍ଜି ଯୋଗାଡ଼ କରିବା ପାଇଁ ଓଡ଼ିଶା ସରକାରଙ୍କ ଏକ ସମର୍ପିତ ଟିମ୍ ନିରବିଚ୍ଛିନ୍ନ ଉଦ୍ୟମ ଜାରି ରଖିଛନ୍ତି। ଏହି ଉଦ୍ୟମ ଦ୍ୱାରା ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧି ତ୍ୱରାନ୍ୱିତ ହେବା ସହିତ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି ହେଉଛି ଏବଂ ସମୃଦ୍ଧ ଓଡ଼ିଶା ଗଠନ ଦିଗରେ ଏହା ଗୋଟିଏ ଗୋଟିଏ ମାଇଲଖୁଣ୍ଟ ଭାବେ ପରିଗଣିତ ହେଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପୂର୍ବରୁ ହାସଲ ହୋଇଥିବା ୨୦ ଲକ୍ଷ କୋଟିରୁ ଅଧିକ ଟଙ୍କାର ନିବେଶ ପ୍ରସ୍ତାବକୁ ମିଶାଇ ବର୍ତ୍ତମାନ ରାଜ୍ୟର ମୋଟ ନିବେଶ ପ୍ରସ୍ତାବ ୨୨.୫ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ମୁଖ୍ୟମନ୍ତ୍ରୀ ପୁଣି କହିଛନ୍ତି ଯେ, ଏହି ଗସ୍ତ କାଳରେ ଅର୍ଥନୀତି ଓ ପର୍ଯ୍ୟଟନ ମନ୍ତ୍ରୀ ତଥା ଅନ୍ତର୍ଜାତୀୟ ନିବେଶ ପରିଷଦର ଅଧ୍ୟକ୍ଷ ଅବ୍‌ଦୁଲା ବିନ୍ ତକ୍ ଅଲ୍ ମାରି ଏବଂ ଆଇଏଏଚର ପରିଚାଳନା ନିର୍ଦ୍ଦେଶକ ସୟଦ ବସର୍ ସୁଏବ୍‌ଙ୍କ ସହିତ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଛି। ଆଇଏଚସି ଓ ଆଦାନୀ ଗ୍ରୁପ୍ ମଧ୍ୟରେ ୨୦୨୬ ଜୁଲାଇ ୨ ତାରିଖରେ ହୋଇଥିବା ଭାଗିଦାରୀକୁ ଆଗକୁ ନେଇ ଓଡ଼ିଶାରେ ୧୪ଟି ନୂଆ ପ୍ରକଳ୍ପ ପାଇଁ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏହି ଦୁଇ କମ୍ପାନୀର ଇଣ୍ଟିଗ୍ରେଟେଡ୍ ଆଲୁମିନିୟମ୍ ପ୍ରୋଜେକ୍ଟ ପାଇଁ ରାୟଗଡ଼ା ଓ ସୁନ୍ଦରଗଡ଼ ଜିଲ୍ଲାରେ ଶିଳ୍ପ ସ୍ଥାପନ ନେଇ ଉଦ୍ୟମ ଜାରି ରହିଛି। ଏହା ସହିତ ୟୁଏଇର ସଫଳ ଓଡ଼ିଆ ଉଦ୍ୟୋଗୀ ଓ ପ୍ରବାସୀ ଓଡ଼ିଆମାନଙ୍କ ସହ ଭାବର ଆଦାନପ୍ରଦାନ କରାଯାଇଛି, ଯାହା ଦ୍ୱିପାକ୍ଷିକ ବ୍ୟବସାୟିକ ଓ ସାଂସ୍କୃତିକ ସମ୍ପର୍କକୁ ଅଧିକ ମଜବୁତ କରିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି। ସେ ଆହୁରି କହିଛନ୍ତି ଯେ, ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶାର ପରିକଳ୍ପନା ଏବଂ ଆସନ୍ତା ଦଶ ବର୍ଷ ମଧ୍ୟରେ ରାଜ୍ୟକୁ ୫୦୦ ବିଲିଅନ ଆମେରିକୀୟ ଡଲାର ଅର୍ଥନୀତିରେ ପରିଣତ କରିବା ପାଇଁ ଆମର ଉଦ୍ୟମ ଜାରି ରହିଛି । ଶିକ୍ଷିତ ଯୁବବର୍ଗଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଉଛି। ଏଥିପାଇଁ ଆଗାମୀ ଦିନରେ ପ୍ରତିଷ୍ଠିତ ହେବାକୁ ଥିବା କାରଖାନା ଓ ଅଫିସଗୁଡ଼ିକ ପାଇଁ ଯୁବବର୍ଗଙ୍କୁ ନିଯୁକ୍ତି-ପ୍ରସ୍ତୁତ କରିବାକୁ ଆବଶ୍ୟକୀୟ **skill-training** ଦିଆଯାଉଛି। ପ୍ରାରମ୍ଭିକ ସ୍ତରରେ ସଫଳତା ମିଳିବା ପରେ ସରକାରଙ୍କ ପରବର୍ତ୍ତୀ ଲକ୍ଷ୍ୟ ହେଉଛି ଏହିସବୁ ନିବେଶ ପ୍ରସ୍ତାବ ଓ ଚୁକ୍ତି ଗୁଡ଼ିକୁ ଯଥାଶୀଘ୍ର କାର୍ଯ୍ୟକାରୀ କରି ଉତ୍ପାଦନ ଆରମ୍ଭ କରିବା, ଯାହା ଆଗାମୀ ଦିନରେ ରାଜ୍ୟରେ ନିଯୁକ୍ତିର ଏକ ବଡ଼ ସୁଯୋଗ ସୃଷ୍ଟି କରିବ।

### ଚିନି ପରେ ମହଙ୍ଗା ଚାଉଳ...

ପହଞ୍ଚିଛି, ହରଡ଼ ଡାଲି କିଲୋ ପିଛା ୧୧୫ରୁ ବଢ଼ି ୧୧୮ ଟଙ୍କା ହେଲାଣି । ଚାଉଳ କୁଇଣ୍ଟାଲ ପିଛା ୨୦୦ ରୁ ୨୫୦ ଟଙ୍କା ବୃଦ୍ଧି ସହ ଖୁଚୁରା ବଜାରରେ କିଲୋ ପିଛା ୨ ରୁ ୩ ଟଙ୍କା ବଢ଼ିଛି । ଖାଇବା ତେଲ ଓ ପିଆଜ ଦର ମଧ୍ୟ ନିୟନ୍ତ୍ରଣ ବାହାରେ । ଫଳରେ ରୋଷେଇ ଘର ସମ୍ଭାଳିବା ଏବେ ମଧ୍ୟବିତ୍ତଙ୍କ ପାଇଁ କାଠିକର ପାଠ ହୋଇଛି । ଖାଲି ଖାଉଟି ନୁହନ୍ତି, ଦରଦାମ୍ ବୃଦ୍ଧିର ପ୍ରଭାବ ବ୍ୟବସାୟୀଙ୍କ ଉପରେ ମଧ୍ୟ ପଡ଼ିଛି । ବିକ୍ରି କମିବା କାରଣରୁ ବେପାର ମାନ୍ଦା ପଡ଼ିଥିବା ବ୍ୟବସାୟୀ ପ୍ରକାଶ କରିଛନ୍ତି । ଅନ୍ୟପଟେ ଚିନି ଦର ବୃଦ୍ଧି ଯୋଗୁଁ ବିସ୍କୁଟ୍ ଶିଳ୍ପରେ ଦେଖିବାକୁ ମିଳିଛି ଅଜବ ଫଣ୍ଡା। କମ୍ପାନୀ ଗୁଡ଼ିକ ଦାମ୍ ନ ବଢ଼ାଇ ପ୍ୟାକେଟ୍‌ରୁ ଓଜନ କମାଇ ଦେଉଛନ୍ତି, ଯାହା ଫଳରେ ସମାନ ଟଙ୍କା ଦେଲେ ବି ଗ୍ରାହକଙ୍କୁ ମିଳୁଛି କମ୍ ପରିମାଣର ସାମଗ୍ରୀ। ଏପଟେ ଅସାଧୁ ବ୍ୟବସାୟୀଙ୍କ କଳାବଜାରୀ ଉପରେ ରୋକ୍ ଲଗାଇବାକୁ ବଜାର କମିଟି ଓ ସାଧାରଣରେ ଜୋରଦାର ଦାବି ଉଠିଛି। ପାର୍ବଣ ଆସିଲେ ବଜାର ସରଗରମ ହେବା କଥା, କିନ୍ତୁ ଏବେ ବଜାରରେ କେବଳ ମହଙ୍ଗା ମାଡ଼ର ଚିନ୍ତା। ପ୍ରଶ୍ନ ଉଠୁଛି ଅସାଧୁ ବ୍ୟବସାୟୀଙ୍କ କୃତ୍ରିମ ଅଭାବ ଓ କଳାବଜାରୀ ଯୋଗୁଁ ଏହି ଦର ବୃଦ୍ଧି ହେଉନାହିଁ ତ? ପ୍ରଶାସନ କେବେ ବଜାର ଯାଞ୍ଚ କରି ଅହେତୁକ ଦରବୃଦ୍ଧି ଉପରେ ଲଗାମ୍ ଲଗାଇବ? ତାହା ହିଁ ଏବେ ବଡ଼ ପ୍ରଶ୍ନ ।

### ଓରାଂଉଟାନ୍ ଚାଲାଣ ମାମଲାରେ...

ଏବେ ସାତ ଦିନ ନିରୀକ୍ଷଣ ପରେ ରକ୍ତ ପରୀକ୍ଷା, ଡିଏନଏ ଟେଷ୍ଟ ସହ ଅନ୍ୟାନ୍ୟ ପରୀକ୍ଷା କରାଯିବ। ଦୁଇଟି ଓରାଙ୍ଗଉଟାନଙ୍କଠାରେ କୃମି ଥିବା ସୂଚନା ମଧ୍ୟ ମିଳିଛି। ତେବେ ଏହା କେବଳ ପାଞ୍ଚ ଓରାଙ୍ଗଉଟାନଙ୍କ ଉଦ୍ଧାର ଘଟଣା ନୁହେଁ ,ଏହା ପଛରେ ଆଉ କିଛି ବଡ଼ ରହସ୍ୟ ଅଛି କି? ସିସିଟିଭି, ଗାଡ଼ିର ତଥ୍ୟ ଏବଂ ଫେରାର ବାପା-ପୁଅ ସବୁ ଏବେ ଏସଟିଏଫ ତଦନ୍ତର କେନ୍ଦ୍ରବିନ୍ଦୁରେ। ଅପେକ୍ଷା କେବେ ଏସଟିଏଫ ପଞ୍ଝାରେ ପଡୁଛନ୍ତି ଏହି ଦୁଇ ଜଣ, ଆଉ କେବେ ଖୋଲୁଛି ଓରାଙ୍ଗଉଟାନ ରହସ୍ୟର ପୂରା ଗୁମର।

### ୨୦୨୯ ସୁଦ୍ଧା ଏନ୍‌ଡିଏ...

ବର୍ତ୍ତମାନ ୧୯ଟି ରାଜ୍ୟ ଓ ୨ଟି କେନ୍ଦ୍ର ଶାସିତ ଅଞ୍ଚଳରେ ଏନ୍‌ଡିଏ କ୍ଷମତାରେ ରହିଛି। ଉତ୍ତରାଖଣ୍ଡ, ଗୁଜରାଟ ଓ ଆସାମରେ ୟୁସିସି ଲାଗୁ ହୋଇସାରିଥିବା ବେଳେ ମଧ୍ୟପ୍ରଦେଶରେ ୟୁସିସିର ଖସଡ଼ା ପ୍ରସ୍ତୁତ କରିବା ପାଇଁ ଏକ କମିଟି ଗଠନ କରାଯାଇଛି । ଏହା ସହିତ ସେ ଘୋଷଣା କରିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଗୁଜରାଟ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀ ଭାବେ ଶାସନର ୨୫ ବର୍ଷ ପୂରଣ ଅବସରରେ ସେପ୍ଟେମ୍ବର ୧୭ ରୁ ଅକ୍ଟୋବର ୧୭ ପର୍ଯ୍ୟନ୍ତ ଦେଶବ୍ୟାପୀ 'ସେବା ସଂକଳ୍ପ ଅଭିଯାନ' ପରିଚାଳନା କରାଯିବ । ଏଥିପାଇଁ ସମଗ୍ର ଏନ୍‌ଡିଏ ମେଣ୍ଟ ଓ ସ୍ୱେଚ୍ଛାସେବୀ ସଂଗଠନଗୁଡ଼ିକ ଏକାଠି ହୋଇଛନ୍ତି । ସେ କହିଛନ୍ତି ୨୦୧୪ ପୂର୍ବରୁ ଦେଶର ଜାତୀୟ ରାଜନୀତି ଦୁର୍ନୀତି, ଜାତିବାଦ ଓ ପରିବାରବାଦରେ ଗ୍ରସ୍ତ ଥିଲା । କିନ୍ତୁ ୨୦୧୪ ରୁ ୨୦୨୬ ମଧ୍ୟରେ ଏହି ସବୁ ପ୍ରସଙ୍ଗର ଊର୍ଦ୍ଧ୍ୱକୁ ଯାଇ ପ୍ରଦର୍ଶନ ଓ ବିକାଶକୁ ନେଇ ରାଜନୀତି ଆରମ୍ଭ ହୋଇଛି । ବିଜେପି ନେତୃତ୍ୱାଧୀନ କେନ୍ଦ୍ର ସରକାର ଅଯୋଧ୍ୟାରେ ରାମ ମନ୍ଦିର ନିର୍ମାଣ, ଧାରା ୩୭୦ ଉଚ୍ଛେଦ, ତିନି ତଲାକ୍ ପ୍ରତ୍ୟାହାର ଓ ନକ୍ସଲବାଦର ମୂଳୋତ୍ପାଟନ କରିବାରେ ସଫଳ ହୋଇଛି ।

# ଭଦ୍ରକ ଏସ୍‌ପି ମନୋଜ ରାଉତଙ୍କ ପଦୋନ୍ନତି ନେଇ ବିଭିନ୍ନ ସଂଗଠନ ତରଫରୁ ସମ୍ବର୍ଦ୍ଧନା



ଭଦ୍ରକ, ୧୩/୯ (ନି.ପ୍ର): ଭଦ୍ରକ ଏସ୍‌ପି ମନୋଜ ରାଉତଙ୍କୁ ସିନିୟର ସୁପରିଟେଣ୍ଡେଣ୍ଟ ଅଫ୍ ପୁଲିସ (ଏସ୍‌ଏସ୍ ?ପି) ଭାବେ ପଦୋନ୍ନତି ମିଳିଛି। ଫଳରେ ଜିଲ୍ଲାର ବିଭିନ୍ନ ମହଲରୁ ତାଙ୍କୁ ଅଭିନନ୍ଦନ ଜଣାଯାଇଛି। ଶ୍ରୀ ରାଉତ ଜଣେ ଦକ୍ଷ ଓ କର୍ତ୍ତବ୍ୟନିଷ୍ଠ ପୁଲିସ ଅଫିସର ଭାବେ ସମଗ୍ର ରାଜ୍ୟରେ ବେଶ୍ ପରିଚିତ। ତାଙ୍କର କାର୍ଯ୍ୟଦକ୍ଷତା, ସଚୋଟତା, କର୍ତ୍ତବ୍ୟପରାୟଣ ପାଇଁ ସେ ସବୁଠି ପ୍ରଶଂସା ର ପାତ୍ର । ସବୁଠି ଦକ୍ଷତାର ସହ ନିଜର କର୍ତ୍ତବ୍ୟ ସମ୍ପାଦନ କରିଛନ୍ତି। ବିଶେଷକରି ଭଦ୍ରକ ଜିଲ୍ଲାର ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ କରିବାରେ ବିଭିନ୍ନ ସମୟରେ ସେ ତାଙ୍କର ଦକ୍ଷତା ଦେଖାଇଛନ୍ତି ।ଭାଇଚାରା ବଜାୟ ରଖିବାରେ ମଧ୍ୟ ତାଙ୍କର ବିଗତ ଦିନରୁ ଅନେକ ଭୂମିକା ରହିଆସିଛି କ୍ଷଜଗା ଚାକର ସଂଘ ପୁରୀ ଓ ନନ୍ଦିନୀ ମହିଳା ସଂଗଠନ ତରଫରୁ ସମ୍ପାଦକ ସନ୍ତୋଷ କୁମାର ମିଶ୍ର, ଜିଲ୍ଲା ସଂଯୋଜିକା ସୁପ୍ରଭା ମିଶ୍ର, ସ୍ୱର୍ଣପ୍ରଭା ଖଟୁଆ, ନନ୍ଦିନୀ ସଭାନେତ୍ରୀ ସଂଯୁକ୍ତା ଯାଦବ, ରେବତୀ ଷଡ଼ଙ୍ଗୀ ପ୍ରମୁଖ ଭଦ୍ରକ ଏସ. ପି. ମନୋଜ କୁମାର ରାଉତ ଙ୍କ ଏସ. ଏସ.ପି. କୁ ପଦୋର୍ନତି ହୋଇଥିବାରୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି

ସୋମବାର, ସେପ୍ଟେମ୍ବର ୧୪, ୨୦୨୬

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ନଡ଼ାଛପର ସାଙ୍ଗକୁ ମୁକୁଳା ଘର: ପାଲଟିଛି ଆଶ୍ରୟସ୍ଥଳ

ଉଦଳା , ୧୩/୯ (ନି.ପ୍ର): କପ୍ତିପଦା ବ୍ଲକର ମଝିଗଡ଼ିଆ ପଂଚାୟତ ଅନ୍ତର୍ଗତ ଛତ୍ରାୟ ଗ୍ରାମର ବାସିନ୍ଦା ମୋତି ସିଂଙ୍କ ପରିବାର ନଡ଼ାଛପର ସାଙ୍ଗକୁ ମୁକୁଳା ଘରେ ଆଶ୍ରୟ ନେଇଛନ୍ତି । ଦିନମଜୁରିଆ ଭାବରେ କାମ କରି ଦୈନନ୍ଦିନର ଗୁଜୁରାଣ ମେଂଟାଉଥିବା ଏହି ପରିବାରକୁ ଆବାସ ଯୋଜନାରେ ଘର ମିଳିନଥିବାରୁ ଏପରି ଅବସ୍ଥାରେ ରାତି ବିତାଇବାକୁ ବାଧ ହୋଇଥିବାର ଜଣାଇଛନ୍ତି । ପରିବାରର ମୋଟ ସଦସ୍ୟ ୪ଜଣ ହୋଇଥିବା ବେଳେ ପାଇଖାନା ଓ ପାଣିପାଇଁ ତାଙ୍କୁ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେବାକୁ ପଡୁଛି । ଆର୍ଥିକ ଅବସ୍ଥା ଆଦୌ ଭଲ ନଥିବା ଯୋଗୁଁ ମୋତି ସିଂଙ୍କର ୨ପୁତ୍ର ମାଟ୍ରିକ ପାସ କରିବା ପରେ କଲେଜରେ ପାଠ ପଢ଼ିପାରିଲେ ନାହିଁ । ମାଟ୍ରିକ ପାସ ପରେ ପାଠପଢ଼ାରେ ବାଧ ହୋଇ ଡ଼ୋରି ବାନ୍ଧିଥିବା ଏହି ୨ ପୁତ୍ର ସନ୍ତାନ ଦିନମଜୁରିଆ ଭାବରେ କାମ କରି ଏବେ ପରିବାର ଚଳାଉଛନ୍ତି । ଉକ୍ତ ପରିବାରକୁ ତୁରନ୍ତ ଆବାସ ଯୋଜନାରେ ଘରଟିଏ ଯୋଗାଇ ଦେବାକୁ ଜନଜାଗୃତି ମଂଚର ସଦସ୍ୟ ମାନେ ଅନୁରୋଧ ଜଣାଇଛନ୍ତି ।



## ପାଣିଟାଙ୍କି ଚୋରିଘଟଣାରେ ଅଭିଯୁକ୍ତ ଗିରଫ: ପୋଲିସ ସହାୟତାରେ ପ୍ରଜାକୋର୍ଟରେ ଦେଇଥିବା ଅର୍ଥରାଶି ଫେରିପାଇଲା ଅଭିଯୁକ୍ତ



ନୀଳଗିରି, ୧୩/୯ (ନି.ପ୍ର): ନବନିର୍ମିତ ଫରେଷ୍ଟ ବିଟ୍ ହାଉସରୁ ଏକ ପ୍ଲାଷ୍ଟିକ ପାଣିଟାଙ୍କି ଓ ପ୍ରାଇମେରୀ ସ୍କୁଲରୁ ଦୁଇଟି ପ୍ଲାଏ ଚୋରିକରି ଜଣେ ଯୁବକ ଗ୍ରାମବାସୀଙ୍କ ହାବୁଡ଼ରେ ପଡ଼ି ହଟହଟା ହେବାକୁ ପଡ଼ିଥିଲା। ଶେଷରେ ଚୋରି ଘଟଣାକୁ ନେଇ ଗ୍ରାମରେ ପ୍ରଜାକୋର୍ଟ ବସିଥିଲା। ଶେଷରେ ଚୋରି ଅଭିଯୋଗରେ ଅଭିଯୁକ୍ତକୁ ଗ୍ରାମସଭାରେ ଅର୍ଥଦଣ୍ଡ ଦେବାକୁ ପଡ଼ିଥିଲା। ଘଟଣାର ସମାଧାନ ମଧ ହୋଇଥିଲା। ମାତ୍ର ଚୋରିକରିଥିବା ଯୁବକଜଣକ ରାଜନୈତିକ ପଶାପାଲିରେ ପଡି ଶେଷରେ ଗିରଫହେବାକୁ ପଡିଲା। ଏହିପରି ଏକ ଘଟଣା ନୀଳଗିରି ଥାନା ଅନ୍ତର୍ଗତ ଭାଲୁକାଶୁଣି ଗ୍ରାମରେ ଦେଖିବାକୁ ମିଳିଛି। ଗତ ୧୦ଦିନ ତଳୁ ଗ୍ରାମରେ ଥିବା ଫରେଷ୍ଟ ବିଟ୍ ହାଉସରୁ ଉକ୍ତ ଗ୍ରାମର ଦେବେନ୍ଦ୍ର ସିଂ ପ୍ଲାଷ୍ଟିକ ପାଣିଟାଙ୍କି ଓ ଗ୍ରାମର ଏକ ପ୍ରାଇମେରୀ ସ୍କୁଲରୁ ଦୁଇଟି ପ୍ଲାଏ ଚୋରୀକରି ଘରେ ରଖିଥିବାବେଳେ ଗ୍ରାମବାସୀ ଜାଣିବାପରେ ତା ଘରେ ଚଢ଼ାଉକରି ସମସ୍ତ ଚୋରିସାମଗ୍ରୀ ଜବତକରିବା ସହ ତାର ଏକ ବାଇକକୁ ନେଇଆସିଥିଲେ। ପରେ ଏନେଇ ଗ୍ରାମରେ ଏକ ପ୍ରଜାକୋର୍ଟ ବସିଥିଲା। ଏହି ପ୍ରଜାକୋର୍ଟରେ ଦେବେନ୍ଦ୍ର ସିଂ ଚୋରିକରିଥିବା ନେଇ ସତ ମାନିବାପରେ ତିରିଶି ହଜାର ଟଙ୍କା ଅର୍ଥଦଣ୍ଡ ଦେଇ ଲେଖାପଢା ହୋଇ ସମାଧାନ ହୋଇଥିଲା ଏବଂ ବାଇକ୍ ଫେରିପାଇଥିଲେ। ମାତ୍ର ଦେବେନ୍ଦ୍ର ସିଂ ଉକ୍ତ ତିରିଶହଜାର ଟଙ୍କା ଫେରିପାଇବାର ଆଶାନେଇ ରାଜନେତାଙ୍କ ପଶାପାଲିରେ ବଶବର୍ତ୍ତୀହୋଇ ଗ୍ରାମବାସୀଙ୍କ ବିରୁଦ୍ଧରେ ୧୦/୯/୨୬ରେ ଏକ ଏତଲା ଦେଇଥିଲେ। ଗ୍ରାମବାସୀଙ୍କ ବିରୁଦ୍ଧରେ ଅଭିଯୋଗ ହୋଇଥିବା ନେଇ ସୂଚନାପାଇବା ପରେ ଆଜି ଶତାଧିକ ଗ୍ରାମବାସୀ ଏକ ବସ କରି ନୀଳଗିରି ଥାନାରେ ରୁଣ୍ଡ ହୋଇଥିଲେ। ଫଳରେ ଥାନା ପରିସର ଲୋକାରଣ୍ୟ ହୋଇ ପଡ଼ିଥିଲା। ପରେ ନୀଳଗିରି ଏସ.ଡି.ପି.ଓ ନିର୍ମଳା ଗୋଚ୍ଛାୟତ, ଆଇ.ଆଇ.ସି ଗୋବର୍ଦ୍ଧନ ନାୟକଙ୍କ ଉପସ୍ଥିତିରେ ଉଭୟପକ୍ଷଙ୍କୁ ଡାକି ଘଟଣା ବାବଦରେ ତର୍ଜମାକରିବା ପରେ ଅଭିଯୁକ୍ତ ଦେବେନ୍ଦ୍ର ସିଂ ଚୋରି କରିଥିବା ଘଟଣାରେ ଗିରଫହେବା ସହ ଦେଇଥିବା ତିରିଶି ହଜାର ଟଙ୍କା ଗ୍ରାମବାସୀମାନେ ଫେରେଇବାକୁ ସ୍ଥିର ହୋଇଥିଲା। ଚୋରି ଅଭିଯୋଗରେ ନ ୪୧୫/୨୬ ମାମଲାରେ ଦେବେନ୍ଦ୍ର ସିଂକୁ ପୋଲିସ ଗିରଫ କରିଛି। ଏଥିପୂର୍ବରୁ ଦେବେନ୍ଦ୍ର ସିଂ ଗ୍ରାମରେ ଅନେକ ଚୋରି କରିଥିବାର ଗ୍ରାମବାସୀମାନେ ଅଭିଯୋଗ ଆଣିଥିଲେ।

## ପୁଲିସକୁ ଛୁରିରେ ଆକ୍ରମଣ ଅଭିଯୋଗ: ଯୁବକ ଗିରଫ

ଖୋର୍ଦ୍ଧା, ୧୩/୯ (ନି.ପ୍ର): ତଦନ୍ତ କାର୍ଯ୍ୟରେ ଯାଇଥିବା ପୁଲିସ କର୍ମଚାରୀଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ, ଜୀବନରେ ମାରିଦେବାକୁ ଧମକ ଦେବା ସହ ଛୁରିରେ ଆକ୍ରମଣ କରିବା ଅଭିଯୋଗରେ ଖୋର୍ଦ୍ଧା ସଦର ଥାନା ପୁଲିସ ବାଜପୁର ଗ୍ରାମର ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକ ହେଲେ ନାଲିଆ ଓରଫ ଦୀପକ ମାଝୀ (୨୩)। ତାଙ୍କ ନିକଟରୁ ଏକ ଛୁରି ଜବତ କରାଯାଇଛି। ପୁଲିସ ସୂଚନା ଅନୁଯାୟୀ, ଶୁକ୍ରବାର ଅପରାହ୍ନ ପ୍ରାୟ ୧ଟା ୪୦ରେ ଖୋର୍ଦ୍ଧା ସଦର ଥାନା କେସ୍ ନଂ ୪୩୯/୨୦୨୬ର ତଦନ୍ତ ସମ୍ପର୍କରେ କିଛି ପୁଲିସ କର୍ମଚାରୀ ବାଜପୁର ଗ୍ରାମକୁ ଯାଉଥିଲେ। ଏହି ସମୟରେ ଦୀପକ ମାଝୀ ଘରୁ ବାହାରି ପୁଲିସ କର୍ମଚାରୀଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଧମକ ଦେଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ, ଦୀପକ



ଘର ଭିତରୁ ଏକ ଛୁରି ଆଣି କନଷ୍ଟେବଲ ସୁଶାନ୍ତ ସୁନ୍ଦରାୟଙ୍କ ଉପରେ ଆକ୍ରମଣ କରିଥିଲେ। ଏଥିରେ କନଷ୍ଟେବଲଙ୍କ ହାତରେ ଆଘାତ ଲାଗି ରକ୍ତସ୍ରାବ ହୋଇଥିବା ପୁଲିସ ପକ୍ଷରୁ କୁହାଯାଇଛି। ଘଟଣା ପରେ ଦୀପକ ସେଠାରୁ ଫେରାର ହୋଇଯାଇଥିଲେ। ଟଣା ସମ୍ପର୍କରେ ଚନ୍ଦ୍ରମଣି ସାହୁଙ୍କ ଲିଖିତ ଅଭିଯୋଗ ଆଧାରରେ ଖୋର୍ଦ୍ଧା ସଦର ଥାନାରେ ୧୨ ତାରିଖରେ କେସ ନଂ ୪୪୧/୨୦୨୬ ରୁଜୁ କରାଯାଇଥିଲା। ମାମଲାରେ ଭାରତୀୟ ନ୍ୟାୟ ସଂହିତା (ବିଏନ୍ଏସ୍)ର ଧାରା ୧୩୨, ୨୨୧, ୨୨୨, ୨୯୬, ୧୦୯(୧), ୧୧୮(୧) ଓ ୩୫୧(୨) ଲାଗୁ କରାଯାଇଛି। ଅଭିଯୋଗ ପରେ ପୁଲିସ ତୁରନ୍ତ ତଦନ୍ତ ଆରମ୍ଭ କରି ଅପରାହ୍ନ ପ୍ରାୟ ୩ଟା ୧୫ରେ ଦୀପକ ମାଝୀଙ୍କୁ ଗିରଫ କରିଥିଲା। ତାଙ୍କଠାରୁ ଅଭିଯୋଗରେ ବ୍ୟବହୃତ ଛୁରିଟି ଜବତ କରାଯାଇଥିବା ବେଳେ ଗିରଫ ଅଭିଯୁକ୍ତଙ୍କର ଡାକ୍ତରୀ ପରୀକ୍ଷା କରାଯାଇଛି। ପରେ ତାଙ୍କୁ ଅଦାଲତରେ ହାଜର କରାଯାଇଥିବା ପୁଲିସ ସୂଚନା ଦେଇଛି। ପୁଲିସ ସୂଚନା ଅନୁଯାୟୀ, ଦୀପକ ମାଝୀ ଓରଫ ନାଲିଆଙ୍କ ବିରୋଧରେ ପୂର୍ବରୁ ମଧ୍ୟ ପୁଲିସକୁ ଆକ୍ରମଣ କରିବାକୁ ଉଦ୍ୟମ କରିଥିବା ଅଭିଯୋଗ ରହିଛି। ଏହି ସମ୍ପର୍କରେ ଖୋର୍ଦ୍ଧା ସଦର ଥାନାରେ ରୁଜୁ ହୋଇଥିବା କେସ ନଂ ୪୩୯/୨୦୨୬ରେ ତାଙ୍କୁ ପୂର୍ବରୁ ଗିରଫ କରାଯାଇଥିଲା ବୋଲି ପୁଲିସ କହିଛି। ଘଟଣାର ସମସ୍ତ ଦିଗକୁ ନେଇ ପୁଲିସ ଅଧିକ ତଦନ୍ତ ଜାରି ରଖିଛି।

## ରେମୁଣାରେ ବିଜେପିର ସେବା ସଂକଳ୍ପ ଅଭିଯାନ ପ୍ରସ୍ତୁତି ବୈଠକ



ରେମୁଣା, ୧୩/୯ (ନି.ପ୍ର): ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ଉପଲକ୍ଷେ ଆସନ୍ତା ୧୭ ସେପ୍ଟେମ୍ବର ଠାରୁ ୧୭ ଅକ୍ଟୋବର ପର୍ଯ୍ୟନ୍ତ ହେବାକୁ ଥିବା "ସେବା ସଂକଳ୍ପ ଅଭିଯାନ" ପାଇଁ ରେମୁଣା ବିଜେପି କାର୍ଯ୍ୟାଳୟରେ ରବିବାର ଅପରାହ୍ନ ୪ ଘଟିକାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ସରକାରୀ ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଶ୍ରୀ ଗୋବିନ୍ଦ ଚନ୍ଦ୍ର ଦାସଙ୍କ ଉପସ୍ଥିତିରେ ଆୟୋଜିତ ଏହି ବୈଠକରେ ଜିଲ୍ଲା ବିଜେପି ସାଧାରଣ ସମ୍ପାଦକ ଶ୍ରୀଯୁକ୍ତ ପର୍ଶୁରାମ ପରିଡ଼ା, ନିର୍ବାଚନ ମଣ୍ଡଳୀ ପ୍ରଭାରୀ ଶ୍ରୀ ଚିତ୍ତରଞ୍ଜନ ପଣ୍ଡା, ବିଧାୟକ ପ୍ରତିନିଧି ଶ୍ରୀ କାର୍ତ୍ତିକ ଚନ୍ଦ୍ର ଗିରି, ଜିଲ୍ଲା ସମ୍ପାଦକ ଶ୍ରୀ ରାଜେଶ ମହାପାତ୍ର, ଜିଲ୍ଲା ଉପସଭାପତି ଶ୍ରୀ ସୁକୁମାର ଦାସ ପୂର୍ବତନ ରେମୁଣା ବ୍ଲକ ଅଧକ୍ଷା ଶ୍ରୀଯୁକ୍ତ ସୁଶାନ୍ତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ଆଗାମୀ ଦିନରେ ସେବା ସଂକଳ୍ପ ଅଭିଯାନ ଅନ୍ତର୍ଗତ ବିଭିନ୍ନ ସେବାମୂଳକ କାର୍ଯ୍ୟକ୍ରମ କିପରି ସଫଳ ଭାବେ ଆୟୋଜନ କରାଯିବ, ସେ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ଶ୍ରୀ ନାରାୟଣ ମହନ୍ତ ଏହି ଅଭିଯାନର କାର୍ଯ୍ୟଯୋଜନା ଉପରେ ବିସ୍ତୃତ ଆଲୋକପାତ କରିଥିଲେ। ଏହି ଅଭିଯାନରେ ସେବା ମୂଳକ କାର୍ଯ୍ୟକ୍ରମ ମାଧ୍ୟମରେ ଜନସାଧାରଣଙ୍କ ସହ ଯୋଡ଼ି ହେବା ଏବଂ ଅଭିଯାନକୁ ସଫଳ କରିବା ପାଇଁ ସମସ୍ତଙ୍କୁ ସକ୍ରିୟ ଭାଗୀଦାରୀ ନେବାକୁ ଆହ୍ୱାନ କରାଯାଇଥିଲା। ଏହି ଅବସରରେ ମଣ୍ଡଳ ସଭାପତି ଉମାକାନ୍ତ ଜେନା, ପ୍ରଫୁଲ୍ଲ ଦ୍ୱିବେଦୀ, ବିବେକ ବିକାଶ ରାଉତ, ମାନସ କୁମାର ମହାନ୍ତି, ମାୟାଧର ପ୍ରଧାନ, ଜିଲ୍ଲା ସମ୍ପାଦିକା ରବିତା ଦାସ, କାଉନ୍ସିଲର୍ ସିବୋନ ରାୟ, ସରପଞ୍ଚ ନିତାଇ ଚରଣ ନାୟକ, ହରେନ୍ଦ୍ର ମଲ୍ଲିକ, ସୁମନ୍ତ ଦାସ, ସୁବ୍ରତ ଦାସ ସହିତ ବରିଷ୍ଠ କାର୍ଯ୍ୟକର୍ତ୍ତା ମହେଶ୍ୱର ପ୍ରଧାନ, ଭୋଳାନାଥ ପାତ୍ର, ବିଭୂତି ରଞ୍ଜନ ସେନାପତି ସମେତ ବିଭିନ୍ନ ପଞ୍ଚାୟତରୁ ଆସିଥିବା ପଦାଧିକାରୀମାନେ ଉପସ୍ଥିତ ଥିଲେ।

## ରକ୍ତଦାନ ଶିବିର ପବିତ୍ର ରକ୍ତଦାନ ଶିବିର ପ୍ରସ୍ତୁତି ବୈଠକ

ଭଦ୍ରକ , ୧୩/୯ (ନି.ପ୍ର): ଭଦ୍ରକ ଅଖିଳ ବିଶ୍ୱ ଗାୟତ୍ରୀ ପରିବାରର ସଂସ୍ଥାପକ ବେଦ ମୂର୍ତ୍ତି ତପୋନିଷ୍ଠ ପଣ୍ଡିତ ଶ୍ରୀରାମ ଶର୍ମା ଆଚାର୍ଯ୍ୟ ଙ୍କ ଦ୍ୱାରା ସ୍ଥାପିତ ହୋଇଥିବା ଅଖଣ୍ଡ ଜ୍ୟୋତି ର ପ୍ରକଟ ଶତାବ୍ଦୀ ଏବଂ ବିଶ୍ୱ ପରିବାର ର ସଂସ୍ଥାପିକା ପରମ ବନ୍ଦନୀୟା ମାତା ଭଗବତୀ ଦେବୀ ଶର୍ମା ଙ୍କ ଜନ୍ମ ଶତାବ୍ଦୀ ଉପଲକ୍ଷେ ଭଦ୍ରକ ଜିଲ୍ଲା ଗାୟତ୍ରୀ ପରିବାର ଏକ 'ରକ୍ତଦାନ ଶିବିର'ଆୟୋଜନ କରୁଛି। ସଜଳ ଶ୍ରଦ୍ଧା ରୂପା ଆଦି ଶକ୍ତି ମା



ଭଗବତୀଙ୍କ ଜନ୍ମ ତିଥି; ଆସନ୍ତା ସେପ୍ଟେମ୍ବର ୨୦ତାରିଖ; ରବିବାର; ସକାଳ ୯ଘଟିକାରେ ଗାୟତ୍ରୀ ପ୍ରଜ୍ଞା ପୀଠ , ଦେବ ଭୂମି ଗବସାହି ଦୁର୍ଗା ମଣ୍ଡପ ଠାରେ ଏହା ଅନୁଷ୍ଠିତ ହେବ। ଏହି ବିଷୟରେ ଆଜି ଏକ ପ୍ରସ୍ତୁତି ବୈଠକ ଗାୟତ୍ରୀ ମନ୍ଦିରରେ ଆୟୋଜନ କରାଯାଇଥିଲା। ଏଥିରେ ଭଦ୍ରକ ଜିଲ୍ଲା ଗାୟତ୍ରୀ ପରିବାର ର ମୁଖ୍ୟ ସମନ୍ୱୟକ ପ୍ରଦୀପ କୁମାର ନାୟକ, ବରିଷ୍ଠ ସାଧକ ତଥା ଗବସାହି ପ୍ରଜ୍ଞା ପୀଠ ର ମୁଖ୍ୟ କର୍ମ କର୍ତ୍ତା ଆନନ୍ଦ ଚନ୍ଦ୍ର ଦାଶ,ଋଷ୍ୟ ଶୃଙ୍ଗ ନାୟକ,ବାରିଦ ବରଣ ଦାଶ,ଉମାକାନ୍ତ ମହାନ୍ତି, ଜିଲ୍ଲା ସମନ୍ୱୟ ସମିତି ର କୋଷାଧକ୍ଷ ନରେନ୍ଦ୍ର ନାଥ ବାରିକ, ଭାରତୀୟ ସଂସ୍କୃତି ଜ୍ଞାନ ପରୀକ୍ଷା ର ଜିଲ୍ଲା ସଂଯୋଜକ କୁଶଦ୍ୱେ ମଲ୍ଲିକ ଏବଂ ଅନ୍ୟ କେତେକ ସ୍ଥାନୀୟ କର୍ମ କର୍ତ୍ତା ଙ୍କ ଗହଣ ରେ ରକ୍ତ ଦାନ ଶିବିର ର ବିଭିନ୍ନ ଦିଗ ଉପରେ ଆଲୋକପାତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମ ରେ ଗବସାହି ଦୁର୍ଗା ପୂଜା କମିଟି ର ବରିଷ୍ଠ କାର୍ଯ୍ୟ କର୍ତ୍ତା ଗଣ ଉପସ୍ଥିତ ରହି ଏହି ପବିତ୍ର କାର୍ଯ୍ୟ ରେ ଅକୁଣ୍ଠ ସହଯୋଗ କରିବାପାଇଁ ପ୍ରତିଶ୍ରୁତି ପ୍ରଦାନ କଲେ। ଜିଲ୍ଲା ଗାୟତ୍ରୀ ପରିବାର ଭଦ୍ରକ ର ସମସ୍ତ ଭାଇ ଭଉଣୀ ମାନଙ୍କୁ ଏଥିରେ ପୂର୍ଣ୍ଣ ସହଯୋଗ କରିବା ପାଇଁ ନିବେଦନ କରାଯାଉଛି।

## ବେଆଇନ ବାଲି ବୋଝେଇ ନମ୍ବର ବିହୀନ ଟ୍ରାକ୍ଟର ଜବତ

ବସ୍ତା, ୧୩/୯ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅମର୍ଦାରୋଡ ପୋଲିସ ଫାଣ୍ଡି ଅନ୍ତର୍ଗତ ଭେଲୋରା ଗ୍ରାମ ନିକଟରୁ ଏକ ବେଆଇନ ବାଲି ବୋଝେଇ ନମ୍ବର ବିହୀନ ଟ୍ରାକ୍ଟରକୁ ପୋଲିସ ଜବତ କରିଛି। ଅମର୍ଦାରୋଡ ଫାଣ୍ଡି ପୋଲିସ ପକ୍ଷରୁ ଚଢ଼ଉ କରାଯାଇ ଟ୍ରାକ୍ଟରଟିକୁ ଜବତ କରାଯିବା ସହ ଏନେଇ ଅଧିକ ତଦନ୍ତ ଜାରି ରହିଛି। ଏହି ଅଞ୍ଚଳରେ ଦୀର୍ଘ ଦିନ ହେବ ବେଆଇନ ଭାବେ ପରିବହନ ହେଉଥିବା ନେଇ ଅଭିଯୋଗ ହୋଇଆସୁଥିଲା। ପୋଲିସର ଏହି ଦୃଢ଼ କାର୍ଯ୍ୟାନୁଷ୍ଠାନ ପରେ ବେଆଇନ ବାଲି ମାଫିଆଙ୍କ ମଧ୍ୟରେ କୋଳାହଳ ସୃଷ୍ଟି ହୋଇଛି।

## ଛୁରୀ ଭୁଷି ସ୍ତ୍ରୀର ବେକ କାଟିଲା ସ୍ୱାମୀ: ଗୁରୁତର ଅବସ୍ଥାରେ ମହିଳା ଡାକ୍ତରଖାନାରେ ଭର୍ତ୍ତି

ବାରିପଦା, ୧୩/୯ (ନି.ପ୍ର): ଟାଉନ ଥାନା ଅନ୍ତର୍ଗତ ବଗଡିହା ଛକ ନିକଟରେ ଆଜି ଏକ ଅଭାବନୀୟ ତଥା ରକ୍ତାକ୍ତ କାଣ୍ଡ ଘଟିଯାଇଛି, ଯେଉଁଥିରେ ଜଣେ ସ୍ୱାମୀ ନିଜ ସ୍ତ୍ରୀର ବେକକୁ ଏକ ଧାରୁଆ ଛୁରୀରେ କାଟି ହତ୍ୟା ଉଦ୍ୟମ କରିଛି। ପ୍ରାପ୍ତ ସୂଚନା ଅନୁଯାୟୀ, ଶୂଳିଆପଦା ଥାନା ଅନ୍ତର୍ଗତ ଗଉଡୁଣୀ ଡୁବା ଗ୍ରାମର ଗୁରା ନାଏକଙ୍କ ୪୫ ବର୍ଷୀୟ ପୁଅ କଟିଆ ନାୟକ ଓ ତାଙ୍କ ସ୍ତ୍ରୀ ସୁକାନ୍ତି ନାଏକ ବଗଡିହା ଛକ ନିକଟରେ ବସି କଥାବାର୍ତ୍ତା ହେଉଥିବା ବେଳେ



କୌଣସି କାରଣକୁ ନେଇ ହଠାତ୍ କଟିଆ ଉତକ୍ଷିପ୍ତ ହୋଇ ଧାରୁଆ ଅସ୍ତ୍ରରେ ସ୍ତ୍ରୀଙ୍କ ବେକକୁ କାଟି ଦେଇଥିଲା। ରକ୍ତ ଜୁଡୁବୁଡୁ ଅବସ୍ଥାରେ ସୁକାନ୍ତି ପ୍ରାଣ ବିକଳରେ ଚିତ୍କାର କରି ସ୍ଥାନୀୟ ଲୋକଙ୍କ ନିକଟକୁ ଦୌଡ଼ି ଆସି ଜୀବନ ବଞ୍ଚାଇବାକୁ ନେହୁରା ହୋଇଥିଲେ। ପ୍ରତ୍ୟକ୍ଷଦର୍ଶୀମାନେ ତୁରନ୍ତ ତାଙ୍କ ବେକରେ ଚାଦର ବାନ୍ଧି ରକ୍ତସ୍ରାବ ରୋକିବା ସହ ତାଙ୍କୁ ଉଦ୍ଧାର କରି ଗୁରୁତର ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି, ଯେଉଁଠାରେ ତାଙ୍କର ଚିକିତ୍ସା ଜାରି ରହିଛି ଏବଂ ଏ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଚାଞ୍ଚଲ୍ୟ ଖେଳିଯାଇଛି। ଘଟଣା ସ୍ଥଳରେ ଟାଉନ ଥାନା ପୋଲିସ ପହଞ୍ଚି ଅଭିଯୁକ୍ତ ସ୍ୱାମୀଙ୍କୁ ଅଟକ ସହ ଅଧିକ ତଦନ୍ତ ଆରମ୍ଭ କରିଛି।

## ଭଙ୍ଗାଗଲା ଅଫିସର ଗେଟ: ଲୋକେ ହେଲେ ଆଶ୍ୱସ୍ତ, ଖୁସି ମନାଇଲା ନାଗରିକ ମଂଚ

ଉଦଳା , ୧୩/୯ (ନି.ପ୍ର): ଉଦଳା ସହର ମଧ୍ୟରେ କପ୍ତିପଦା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଲାଗିକରିଥିବା ସର୍ବସାଧାରଣ ରାସ୍ତାକୁ ଅବରୋଧ କରି ଏକ ଗେଟ ବସାଯାଇଥିଲା । ଯାହାକି ଅଫିସର ଗେଟ ନାମରେ ପରିଚିତ ଥିଲା । ଏଠାରେ ସେ ସମୟରେ କାର୍ଯ୍ୟରତ ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଏହି ଗେଟ ବସାଯାଇଥିବାରୁ ଲୋକେ ଏହାକୁ ଅଫିସର ଗେଟ ବୋଲି କହୁଥିଲେ । କେବଳ ପାଦରେ ଚାଲି ଚାଲି ଯାଉଥିବା ଲୋକେ ଏହି ରାସ୍ତା ଦେଇ ଯାତାୟତ କରି ପାରୁ ଥିବା ବେଳେ, ସାଇକ. ମଟରସାଇକଲ ଠାରୁ ଆରମ୍ଭ କରି କୌଣସି ଯାନବାହାନ ଚଳପ୍ରଚଳ ସମ୍ପୂର୍ଣ୍ଣ ବନ୍ଦ ହୋଇ ଯାଇଥିଲା । ଉକ୍ତ ରାସ୍ତା ଦେଇ ନିୟମିତ ଲୋକେ ଷ୍ଟେଟ ବ୍ୟାଙ୍କ, ବ୍ଲକ କାର୍ଯ୍ୟାଳୟ, ଆର.ଆଇ. ଅଫିସ, ଆହର କେନ୍ଦ୍ର, ପାଠାଗାର ଇତ୍ୟାଦିକୁ ଯାତାୟତ କରୁଥିଲେ । ହଠାତ ରାସ୍ତାର ଏପରି ଅବରୋଧକୁ ଦେଖି ଲୋକଙ୍କ ମଧ୍ୟରେ ଅସନ୍ତୋଷର ବାତାବରଣ ଖେଳି ଯାଇଥିଲା । କିନ୍ତୁ ସେ ସମୟରେ ସମଗ୍ର ଓଡ଼ିଶାରେ ଅଫିସର ରାଜର ଉତ୍କଟ ରୂପ ବେଶ ସ୍ପଷ୍ଟ ବାରି ହୋଇପଡୁଥିଲା । ସେଥିମଧ୍ୟରୁ ଏହି ଘଟଣାଟି ମଧ ଏକ ଦୃଶ୍ୟ ବୁଝିବାରେ କିଛି ଅସୁବିଧା ନଥିଲା । ଅଫିସର ରାଜ ବିରୁଦ୍ଧରେ ସେ ସମୟରେ ସ୍ୱରଉତୋଳନ କରିବା ପାଇଁ ସାଧାରଣ ଲୋକେ ଭୟ କରୁଥିଲେ । ପରେ ବିଧାନସଭା ଓ ଲୋକସଭା ନିର୍ବାଚନ ଆସିଲା । ଦିର୍ଘ ୨୪ବର୍ଷ ଓଡ଼ିଶାରେ ଶାସନ ଚଳାଇଥିବା ଏକ ରାଜନୈତିକ ଦଳର ପତନ ଘଟିଲା



। ଏହା ସହିତ ଚାଲିଆସୁଥିବା ଅଫିସର ରାଜର କଳାବାଦଲ ସମଗ୍ର ଓଡ଼ିଶାର ଆକାଶରୁ ଆପଣାଛାଏଁ ଉଭେଇଗଲା । ଏତିକିବେଳେ ଅଫିସର ଗେଟକୁ କେନ୍ଦ୍ର କରି ଥିବା ଅସନ୍ତୋଷ ଉଗ୍ରରୂପ ନେବାକୁ ଯାଉଛି ଜାଣିପାରି ଉପଜିଲ୍ଲାପାଳ ଗେଟଟିକୁ ଉଠାଇଦେଲେ । କିନ୍ତୁ ଅଣଓସାରିଆ ରାସ୍ତା ସାଙ୍ଗକୁ ଉଭୟ ପାର୍ଶ୍ୱରେ ହମ୍ପସ୍ ବସାଇଥିଲେ । ଉଦଳାରେ ଗଢ଼ି ଉଠିଥିବା ସଚେତନ ନାଗରିକ ମହାମଂଚ ଏହାକୁ ବିରୋଧ କରି ରାସ୍ତାଟିକୁ ସମ୍ପୂର୍ଣ୍ଣ ଖୋଲା ରଖିବା ସହ ହମ୍ପସ୍ ଉଠାଇଦେବାକୁ ଦାବି ଜଣାଇଥିଲା । ପରେ ଚଳିତ ସେପ୍ଟେମ୍ବର ୧୨ତାରିଖ ଶନିବାର ଦିନ ପାଚେରି ଭଙ୍ଗା ଯାଇ ରାସ୍ତା ଓସାରିଆ କରାଯିବା ସାଙ୍ଗକୁ ହମ୍ପସ୍ ସମ୍ପୂର୍ଣ୍ଣ ଉଠାଇଦିଆ ଯାଇଛି । ଏଥିରେ ସାଧାରଣ ଲୋକେ ଆଶ୍ୱସ୍ତ ହେବା ସାଙ୍ଗକୁ ନାଗରିକ ମଂଚ ଖୁସି ମନାଇଥିବାର ଦୃଶ୍ୟ ଦେଖିବାକୁ ମିଳିଛି । ଏହା ଦ୍ୱାରା ଅଫିସର ରାଜକୁ ଶକ୍ତ ଚାପୁଡ଼ା ମାଡ଼ ବସିଛି ବୋଲି ବହୁ ଲୋକ ମତ ଦେଉଥିବାର ଶୁଣିବାକୁ ମିଳୁଛି ।

BETNOTI COLLEGE OF NURSING
COLLEGE ROAD, BETNOTI, MAYURBHANJ
Approved by: Health & Family Welfare Department, Govt. of Odisha, Bhubaneswar
(Recognised by : Odisha Nursing Council, Bhubaneswar)
(Affiliated to ODISHA UNIVERSITY OF HEALTH SCIENCES, BBSR, ODISHA)
Course Offer: ADMISSION OPEN : 2026-27
B.Sc. Nursing (4 Years Degree Course)
Eligibility : +2 Science with Biology (Mark 45% & 40% for SC/ST Students)
100% Placement
BETNOTI SCHOOL OF NURSING
G.N.M. 3 YEARS DIPLOMA COURSE
Eligibility : +2 Arts/ Science/ Commerce
A.N.M. 2 YEARS COURSE (Mark 40% & 35% for SC/ST Students)
Eligibility : +2 Arts/ Science/ Commerce
(Clinical Training at D.H.H. & P.R.M. Medical College, Baripada)
FACILITIES : Most Experienced Faculties, In Campus Girl's Hostel, Canteen, well Equipped, Laboratories, Library, Smart, Class Rooms, Separate, Boy's Hostel & Free Wi-fi.
STIPEND FOR SC/ST/OBC & SEBC STUDENTS
Contact for Admission:
7008973851, 8455087373, 9861373681

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida